NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

MONDAY
15 JUNE 2026
ସୋମବାର
୧୫ ଜୁନ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 15 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୨ • ସଂଖ୍ୟା ୧୫ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

### ଇରାନ୍-ଆମେରିକା ଯୁଦ୍ଧରେ ଲାଗିଲା ବ୍ରେକ୍

# ଶାନ୍ତି ଚୁକ୍ତି ସ୍ୱାକ୍ଷରିତ, ବିଶ୍ୱ ଆଶ୍ୱସ୍ତ

**ତେହରାନ୍, ୱାଶିଂଟନ୍, ୧୪|୬/ଏଜେନ୍ସି:**

ରବିବାର ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ଚୁକ୍ତି ଉପରେ ଆଲୋଚନା ହୋଇଛି। ତେବେ ଏହି ଶାନ୍ତି ଚୁକ୍ତି ସ୍ୱାକ୍ଷର ହେବା ପାଇଁ ପ୍ରସ୍ତୁତ କରାଯାଇଥିବା ଡ୍ରାଫ୍ଟରେ ନ୍ୟୁକ୍ଲିୟର ପ୍ରୋଗ୍ରାମ, ଅଏଲ୍ ବ୍ୟାନ୍ (ତେଲ ରପ୍ତାନି କଟକଣା), ଫ୍ରିଜ୍ ପ୍ରପର୍ଟି (ଜବତ ସମ୍ପତ୍ତି) ଏବଂ ହର୍ମୁଜ୍ ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକ ଉପରେ ଦ୍ୱିପାକ୍ଷିକ ସହମତି ପ୍ରକାଶ ପାଇଛି। ଜଣେ ବରିଷ୍ଠ ଇରାନୀ ଅଧିକାରୀଙ୍କ ସୂତ୍ରରୁ ରଏଟର୍ସ ନ୍ୟୁଜ୍ ଏଜେନ୍ସି ଏହି ଦାବି କରିଛି। ରିପୋର୍ଟ ଅନୁଯାୟୀ, ଡ୍ରାଫ୍ଟରେ ଇରାନ କହିଛି ଯେ, ଏହା ପରମାଣୁ ଅସ୍ତ୍ର ତିଆରି କରିବ ନାହିଁ କିମ୍ବା ଅନ୍ୟ କୌଣସି ଦେଶରୁ ଏହାକୁ ହାସଲ କରିବ ନାହିଁ। ଚୂଡ଼ାନ୍ତ ଚୁକ୍ତି ହେବା ପର୍ଯ୍ୟନ୍ତ ଇରାନ ନିଜର ବର୍ତ୍ତମାନର ପରମାଣୁ କାର୍ଯ୍ୟକ୍ରମରେ କୌଣସି ବଡ଼ ପରିବର୍ତ୍ତନ କରିବ ନାହିଁ। ଏପରିକି ଏହା ୟୁରାନିୟମ୍‌ର ସମୃଦ୍ଧିକରଣ ପ୍ରକ୍ରିୟାକୁ ମଧ୍ୟ ବନ୍ଦ ରଖିବ ଏବଂ ନୂତନ ନ୍ୟୁକ୍ଲିୟର ସେଣ୍ଟରଗୁଡ଼ିକର ସମ୍ପ୍ରସାରଣ ମଧ୍ୟ କରିବ ନାହିଁ। ଏତଦ୍‌ବ୍ୟତୀତ ଇରାନ ସମସ୍ତ ବ୍ୟବସାୟିକ ଜାହାଜ ପାଇଁ ହର୍ମୁଜ୍ ଷ୍ଟ୍ରେଟ୍‌କୁ ବା ହର୍ମୁଜ୍ ପ୍ରଣାଳୀକୁ ତୁରନ୍ତ ଉନ୍ମୁକ୍ତ କରିବ।

ଅନ୍ୟପକ୍ଷେ ଇରାନ୍‌ର ଏହି ପ୍ରତିଶ୍ରୁତି ଉପରେ ଆମେରିକା ମଧ୍ୟ ନିଜ ପକ୍ଷରୁ କିଛି ପ୍ରତିଶ୍ରୁତି ଦେଇଛି। ଯେପରିକି ଆମେରିକା, ଇରାନର ବନ୍ଦରଗୁଡ଼ିକ ଉପରେ ଲଗାଇଥିବା ନୌସେନା ନାକାବନ୍ଦୀ ହଟାଇବା ଆରମ୍ଭ କରିବ। ଆମେରିକା କିଛି ସମୟ ପାଇଁ ଇରାନର ତେଲ ରପ୍ତାନି ଉପରେ ଲାଗିଥିବା କଟକଣାରେ ମଧ୍ୟ କୋହଳ କରିବ। ଡ୍ରାଫ୍ଟ ଅନୁଯାୟୀ, ଆମେରିକା ଇରାନର ଜବତ ହୋଇଥିବା ୨୫ ଆରବ (ବିଲିୟନ) ଡଲାରର ▶▶ ୫



**ହର୍ମୁଜ୍ ଖୋଲିବା ସହ ପରମାଣୁ ଅସ୍ତ୍ର ତିଆରି ନକରିବାକୁ ରାଜି ହେଲା ତେହରାନ୍**

**ବଦଳରେ ଇରାନୀ ତେଲ ଉପରୁ କଟକଣା ହଟାଇବ ୱାଶିଂଟନ୍**

## କୂଅକୁ ଖସିଲା ପିକ୍‌ଅପ୍, ୮ ମୃତ



**ସୋଲାପୁର, ୧୪|୬/ଏଜେନ୍ସି:**

ମହାରାଷ୍ଟ୍ରର ସୋଲାପୁର ଜିଲ୍ଲାରେ ରବିବାର ଦିନ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଛି। ମାଲସିରସ ତହସିଲର ତନ୍ଦୁଲୱାଡ଼ି ଗ୍ରାମ ନିକଟରେ ୧୫ ଜଣଙ୍କୁ ନେଇ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଭୀର କୂଅ ଭିତରକୁ ଖସି ପଡ଼ିଛି। ଏହି ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ପୁଲିସ୍ ସୂଚନାନୁସାରେ ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି ଯେ ଚାଳକ ଜଣକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ବସିଥିଲେ, ଯାହାଫଳରେ ପିକ୍‌ଅପ୍ ଗାଡ଼ିଟି ସିଧାସଳଖ କୂଅ ଭିତରକୁ ଗଳି ପଡ଼ିଥିଲା। ସେହିପରି ସୋଲାପୁରର ପୁଲିସ୍ ସୁପରିଟେଣ୍ଡେଣ୍ଟ (ଏସ୍‌ପି) ଅତୁଲ କୁଲକର୍ଣ୍ଣି ଜଣାଇଛନ୍ତି ଯେ ମୃତକଙ୍କ ମଧ୍ୟରେ ୪ମହିଳା ଏବଂ ୪ ଶିଶୁ ▶▶ ୫

## ମହିଳା ଟି-୨୦ ବିଶ୍ୱକପ୍ ▶ ପାକିସ୍ତାନକୁ ହରାଇଲା ଭାରତ



▶ ରିପୋର୍ଟ: ପୃଷ୍ଠା-୮

## ଇବ୍ ନଦୀରେ ବୁଡ଼ି ୨ ମୃତ

**ଝାରସୁଗୁଡ଼ା, ୧୪|୬/ଏନ୍‌ଏନ୍‌ଏସ୍:**

ଇବ୍ ନଦୀକୁ ଗାଧେଇବାକୁ ଯାଇଥିବା ବେଳେ ଅଘଟଣ ଘଟିଛି। ପାଣିରେ ବୁଡ଼ି ଜଣେ ନାବାଳକଙ୍କ ସମେତ ଦୁଇଜଣଙ୍କ ଜୀବନ ଯାଇଛି। ସୂଚନାନୁସାରେ ଇବ ନଦୀର ବୁଢ଼ୀପଦର ଗାଆଁ ନିକଟର ନଦୀ ବନ୍ଧକୁ ଗାଧେଇ ବାକୁ ଯାଇଥିବା ବେଳେ ପାଣିରେ ଦୁଇ ଜଣ ଯୁବକ ପାଣିରେ ବୁଡ଼ିଯାଇଥିଲେ। ମୃତକମାନେ ହେଲେ ସଦର ଥାନା ଅଞ୍ଚଳର ପଙ୍କଜ କୁମାର ସାହୁ, (୨୧) ଅଭିରାମ ସାହୁ, (୧୬)। ପାଣି ବୁଡ଼ିଯିବା ପରେ ସ୍ଥାନୀୟ ଯୁବକ ମାନେ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍‌ସକୁ ଫୋନ କରିଥିଲେ। ଆମ୍ବୁଲାନ୍‌ସ ବିଳମ୍ବରେ ପହଞ୍ଚିଥିଲା। ହସ୍‌ପିଟାଲ୍‌ରେ ପହଞ୍ଚିବା ପରେ ମଧ୍ୟ ଡାକ୍ତର କିମ୍ବା କର୍ମଚାରୀମାନେ ଠିକଣା ସମୟରେ ଚିକିତ୍ସା କରିନଥିବା ମୃତକଙ୍କ ପରିବାର ବର୍ଗ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଚିକିତ୍ସାଳୟରେ ବେସ୍ କିଛି ସମୟ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା।



ରଜ ମହୋତ୍ସବରେ ଦୋଳିର ମଜା

## ମାଡ଼ିଗଲା ଟ୍ରେନ୍, ୪ ଯାତ୍ରୀ ମୃତ

**ମୃତକଙ୍କ ମଧ୍ୟରେ ୩ ବର୍ଷର ଶିଶୁ ସହ ୩ ମହିଳା**



**ଭୋପାଳ, ୧୪|୬/ଏଜେନ୍ସି:**

ମଧ୍ୟପ୍ରଦେଶର ମୁରେନା ଜିଲ୍ଲାରେ ଏକ ସପ୍ତାହନ୍ତ ଟ୍ରେନ୍ ଦୁର୍ଘଟଣାରେ ମା'-ପୁଅଙ୍କ ସମେତ ୪ ଜଣଙ୍କର ମୃତ୍ୟୁ ହୋଇଯାଇଛି। ମୋବାଇଲ୍ ବ୍ଲାଷ୍ଟ ଯୋଗୁଁ ନିଆଁ ଲାଗିଯାଇଥିବା ଗୁଜବ ପ୍ରଚାରିତ ହେବା ପରେ ଉଦୟପୁର ଇଣ୍ଟରସିଟି ଏକ୍ସପ୍ରେସରୁ କିଛି ଯାତ୍ରୀ ଭୟଭୀତ ହୋଇ ତଳକୁ ଓହ୍ଲାଇପଡ଼ିଥିଲେ। ଏହି ସମୟରେ ୪ ଜଣ ଯାତ୍ରୀ ତରବରରେ ପାର୍ଶ୍ୱସ୍ଥ ଏକ ଟ୍ରେନ୍ ଲାଇନ୍ ଅତିକ୍ରମ କରିବାକୁ ଚେଷ୍ଟା କରୁଥିବା ବେଳେ ଦୁର୍ଭାଗ୍ୟବଶତଃ ଠିକ୍ ସେହି ସମୟରେ ଏକ ଦ୍ରୁତଗାମୀ ଟ୍ରେନ୍ (ଗାଡ଼ି ସଂଖ୍ୟା ୨୦୪୨୪ ଫିରୋଜପୁର-ସିଓନୀ ପାତାଳକୋଟ ଏକ୍ସପ୍ରେସ୍) ସେମାନଙ୍କ ଉପରେ ମାଡ଼ିଯାଇଥିଲା। ମୃତକଙ୍କ ମଧ୍ୟରେ ୩ ଜଣ ମହିଳା ଏବଂ ଜଣେ ଶିଶୁ ସାମିଲ ଅଛନ୍ତି। ମୃତକମାନଙ୍କୁ ଉତ୍ତରପ୍ରଦେଶର ମିରଟ ନିବାସୀ ମୋହିତ୍ ସିଂହଙ୍କ ପତ୍ନୀ କାଞ୍ଚନ ସିଂହ (୨୫), ରୁନକତା ନିବାସୀ ଭୁରା ସିଂହଙ୍କ ପତ୍ନୀ ଶକୁନ୍ତଳା ସିଂହ (୬୦), ଆଗ୍ରା ନିବାସୀ ନଦୀମ୍‌ଙ୍କ ପତ୍ନୀ ଆଫରିନ୍ (୩୫) ଏବଂ ତାଙ୍କ ପୁଅ ଅସଦ୍ (୪)ଙ୍କର ମୃତ୍ୟୁ ଘଟିଛି। ଆଫରିନ୍ ଏବଂ ଅସଦ୍ ଉଭୟ ମା'-ପୁଅ ଥିଲେ।

ରେଳବାଇ ପରିଚାଳନା କମିଟି ଅନୁଯାୟୀ, ଏହି ଦୁର୍ଘଟଣା ଉତ୍ତର ମଧ୍ୟ ରେଳବାଇର ଝାନ୍ସି ମଣ୍ଡଳ ଅନ୍ତର୍ଗତ ହେତମପୁର-ଧୌଲପୁର ରେଳଖଣ୍ଡରେ ଘଟିଛି। ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ଆର୍‌ପିଏଫ୍ ଏବଂ ଜିଆର୍‌ପି ଏବଂ ସ୍ଥାନୀୟ ପ୍ରଶାସନର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ରେଳବାଇ ପକ୍ଷରୁ କୁହାଯାଇଛି ଯେ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଜାରି ରହିଛି ଏବଂ ପ୍ରାଥମିକ କାରଣଗୁଡ଼ିକର ଯାଞ୍ଚ କରାଯାଉଛି।

## ଐତିହ୍ୟ ସମ୍ପନ୍ନ ସମ୍ପତ୍ତିର ହେବ ସଂରକ୍ଷଣ

**'ହେରିଟେଜ୍ ପ୍ରପର୍ଟି ପ୍ରମୋସନ୍ ଗାଇଡ୍ ଲାଇନ୍ସ-୨୦୨୬' ଜାରି**

**ଭୁବନେଶ୍ୱର, ୧୪|୬/ଏନ୍‌ଏନ୍‌ଏସ୍:**

ରାଜ୍ୟର ପୁରାତନ ଐତିହ୍ୟ ସମ୍ପନ୍ନ ଭବନ, ପ୍ରାସାଦ, ଦୁର୍ଗ ଓ ସାଂସ୍କୃତିକ ଗୁରୁତ୍ୱବହନ କରୁଥିବା ସମ୍ପତ୍ତିଗୁଡ଼ିକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବା ପାଇଁ ଓଡ଼ିଶା ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଓଡ଼ିଶା ପର୍ଯ୍ୟଟନ ସଂଶୋଧନ ନୀତି-୨୦୨୬ ଅଧୀନରେ ସରକାର 'ହେରିଟେଜ୍ ପ୍ରପର୍ଟି ପ୍ରମୋସନ୍ ଗାଇଡ୍ ଲାଇନ୍ସ-୨୦୨୬' ଜାରି କରିଛନ୍ତି। ନୂଆ ନୀତି ଅନୁଯାୟୀ, ୧୯୫୦ ମସିହା ପୂର୍ବରୁ ନିର୍ମିତ ଓ ସ୍ଥାପତ୍ୟ, ଐତିହାସିକ ଏବଂ ସାଂସ୍କୃତିକ ଗୁରୁତ୍ୱ ବହନ କରୁଥିବା ଭବନଗୁଡ଼ିକୁ 'ହେରିଟେଜ୍ ପ୍ରପର୍ଟି' ଭାବେ ବିବେଚନା କରାଯିବ। ଏହି ଶ୍ରେଣୀରେ ହେରିଟେଜ୍ ହୋଟେଲ, ହେରିଟେଜ୍ ମ୍ୟୁଜିୟମ, ହେରିଟେଜ୍ ରେଷ୍ଟୁରାଣ୍ଟ/କାଫେଟେରିଆ ଓ ହେରିଟେଜ୍ ବ୍ୟାଙ୍କ୍ୱେଟକୁ ସାମିଲ କରାଯାଇ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ହେରିଟେଜ୍ ହୋଟେଲ ପାଇଁ ସର୍ବନିମ୍ନ ୫ଟି ରହଣୀୟ କକ୍ଷ, ରେଷ୍ଟୁରାଣ୍ଟରେ ଏକକାଳୀନ ୩୦ ଜଣଙ୍କ ବସିବା ସୁବିଧା ଏବଂ ବ୍ୟାଙ୍କ୍ୱେଟ୍ ପାଇଁ ଅତିକମରେ ୨୦ ଜଣଙ୍କ କ୍ଷମତା ସହ ୫୦୦ ବର୍ଗଫୁଟ୍ ର ନିର୍ମିତ କ୍ଷେତ୍ର ଥିବା ଅନିବାର୍ଯ୍ୟ।

ଗାଇଡଲାଇନ୍ ଅନୁଯାୟୀ, ଇଚ୍ଛୁକ ହେରିଟେଜ୍ ପ୍ରପର୍ଟି ମାଲିକଙ୍କୁ ସମ୍ପୃକ୍ତ ଭବନ ▶▶ ୫

## 'ଇନୋଭେସନ୍ ଭାରତର ଡିଏନ୍‌ଏରେ ରହିଛି'

**ପ୍ୟାରିସ, ୧୪|୬/ଏଜେନ୍ସି:**

ଇନୋଭେସନ ଭାରତର ଡିଏନରେ ରହିଛି। ହଜାର ହଜାର ବର୍ଷ ଧରି ଭାରତ ବିଶ୍ୱକୁ ଇନୋଭେସନରେ ଦିଗଦର୍ଶନ ଦେଇଆସୁଛି। ଭାରତ ଏବେ ଟେକ୍ନୋଲୋଜିର ଗ୍ରହଣକାରୀ ନୁହେଁ, ପ୍ରଦାନକାରୀ ସାଜିଛି ବୋଲି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଫ୍ରାନ୍ସ ରାଜଧାନୀ ପ୍ୟାରିସର ନାଇସ ସହରସ୍ଥିତ ପାଲାଇସ୍ ଡେସ୍ ଏକ୍ସପୋଜିସନ୍ସରେ 'ଭାରତ ଇନୋଭେଟ୍ସ ୨୦୨୬' ଉଦଘାଟନ ଅବସରରେ ମୋଦୀ ଏହା କହିଛନ୍ତି।

ମୋଦୀ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ରବିବାର ମିଳିତ ଭାବରେ 'ଭାରତ ଇନୋଭେଟ୍ସ ୨୦୨୬'ର ଉଦଘାଟନ କରିଛନ୍ତି। ଏହି ତିନି ଦିନିଆ କାର୍ଯ୍ୟକ୍ରମ ଭାରତର ଡିପ୍-ଟେକ୍ ଷ୍ଟାର୍ଟ-ଅପ୍ସ, ନବସୃଜନକାରୀ, ଗବେଷକ ଏବଂ ନିବେଶକମାନଙ୍କୁ ବିଶ୍ୱ ନବସୃଜନ ପାଣ୍ଠି ଏବଂ ଅନ୍ତର୍ଜାତୀୟ ସଂସ୍ଥାମାନଙ୍କ ସହ ଯୋଡ଼ିବାକୁ ଲକ୍ଷ୍ୟ ରଖିଛି। ଏହା ବିଶ୍ୱ ସ୍ତରରେ ଭାରତର ଅଗ୍ରଣୀ ଡିପ୍-ଟେକ୍‌ର ପ୍ରଦର୍ଶନ କରିଥାଏ ତଥା ୧୩ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତି କ୍ଷେତ୍ରରେ ୧୨୦ ଉନ୍ନତ ଷ୍ଟାର୍ଟଅପ୍, ୨୦ରୁ ଅଧିକ ଉତ୍କର୍ଷ ପ୍ରତିଷ୍ଠାନର ଉପସ୍ଥାପିତ କରିଥାଏ। ବିଶ୍ୱର ୩୫୦ରୁ ଅଧିକ ଶ୍ରେଷ୍ଠ ନିବେଶକ ଏବଂ ଭେଞ୍ଚର କ୍ୟାପିଟାଲିଷ୍ଟ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ମାକ୍ରୋନ୍ ଆୟୋଜିତ ସମାବେଶକୁ ସମ୍ବୋଧିତ କରିଥିଲେ।

ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ମାକ୍ରନଙ୍କୁ ତାଙ୍କର ଉପସ୍ଥିତି ପାଇଁ ଧନ୍ୟବାଦ ଜଣାଇଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ଭାରତ ଏବଂ ଫ୍ରାନ୍ସ ଉଭୟ ବିଶ୍ୱ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଦୃଢ଼ ଅଂଶୀଦାର ଭାବରେ କାର୍ଯ୍ୟ କରୁଛନ୍ତି। ଏହି ▶▶ ୫



**'ଭାରତ ଇନୋଭେଟ୍ସ ୨୦୨୬' ଉଦ୍‌ଘାଟିତ**

**ବିଶ୍ୱ ମଞ୍ଚରେ ଭାରତର ପ୍ରଯୁକ୍ତି, ଷ୍ଟାର୍ଟଅପ୍ ଶକ୍ତି ପ୍ରଦର୍ଶିତ**

## ସମ୍ପର୍କରେ ଲାଗିଲା ରକ୍ତଛିଟା

**▫ ବାଲିକୁଦାରେ ବାପା-ମା'ଙ୍କ ଗଳା କାଟିଦେଲା ପୁଅ ▫ ବନ୍ତରେ ମା'କୁ କୁରାଢ଼ୀରେ ହାଣି ହତ୍ୟା କଲା**

**ବାଲିକୁଦା, ବନ୍ତ, ୧୪|୬/ଏନ୍‌ଏନ୍‌ଏସ୍:**

ପହିଲି ରଜରେ ଓଡ଼ିଶାର ଗାଁରୁ ସହର ପର୍ଯ୍ୟନ୍ତ ଉତ୍ସବମୁଖର ଥିବା ବେଳେ ଦୁଇଟି ପୃଥକ ସ୍ଥାନରେ ହତ୍ୟାକାଣ୍ଡ ଘଟିଛି। ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅଧୀନ ତେର୍ଣ୍ଡାଙ୍ଗ ଗାଁରେ ବାପା-ମା'ଙ୍କର ଗଳା କାଟି ପୁଅ ହତ୍ୟା କରିଥିବାବେଳେ ଭଦ୍ରକ ଜିଲ୍ଲା ବନ୍ତ ଥାନା ଜିରିଣା ଗୁଡ଼ିଆସାହିରେ ଆଜି ଜଣେ ଯୁବକ ତାଙ୍କ ମା'ଙ୍କୁ କୁରାଢ଼ୀରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ ତେର୍ଣ୍ଡାଙ୍ଗ ଗାଁରେ ରବିବାର ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଜଣେ ପୁଅ ନିଜ ବାପା ଓ ସାବତ ମା'ଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ ପୁଲିସ ତୁରନ୍ତ ପଦକ୍ଷେପ ନେଇ ଅଭିଯୁକ୍ତକୁ ଗିରଫ କରିଛି। ସୂଚନା ଅନୁଯାୟୀ, ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ଏହି ବିବାଦ ଉଗ୍ର ରୂପ ନେବା ପରେ ଅଭିଯୁକ୍ତ ପୁଅ ନିଜ ବାପା ଓ ମା'ଙ୍କ ଉପରେ ଆକ୍ରମଣ କରିବା ସହ ଗଳା କାଟି ଦେଇଥିଲା। ଫଳରେ ଉଭୟ ବାପା ଏବଂ ମା'ଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ପରେ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତକୁ ଗିରଫ କରିଛି। ପୁଲିସ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିବା ବେଳେ ହତ୍ୟାକାଣ୍ଡର ପ୍ରକୃତ କାରଣ ଓ ପରିସ୍ଥିତି ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରୁଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ଜମିବାଡ଼ି ବିବାଦକୁ ନେଇ ପରିବାର ଭିତରେ ଘଟିଥିବା ଏହି ଦୁଃଖଦ ହତ୍ୟାକାଣ୍ଡ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି।

ସେହିପରି ଭଦ୍ରକ ଜିଲ୍ଲା ବନ୍ତ ଥାନା ଜିରିଣା ଗୁଡ଼ିଆସାହିରେ ଆଜି ଜଣେ ଯୁବକ ତାଙ୍କ ମା'ଙ୍କୁ କୁରାଢ଼ୀରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ମହିଳାଙ୍କ ନାଁ ମମତା ସାହୁ। ତାଙ୍କ ପୁଅ ତଥା ଅଭିଯୁକ୍ତଙ୍କ ନାଁ ପ୍ରୀତମ ସାହୁ (୨୫)। ପାରିବାରିକ କଳହରୁ ପ୍ରୀତମ ତାଙ୍କ ମା'ଙ୍କୁ ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ତାଙ୍କ ମା'ଙ୍କ ମୁଣ୍ଡକୁ ହାଣି ଦେଇଥିବା ଜଣାପଡ଼ିଛି। ତେବେ କେଉଁ ପ୍ରକାରର ପାରିବାରିକ କଳହରୁ ଏହି ଘଟଣା ଘଟିଛି, ତାହା ଜଣାପଡ଼ିନି। ବନ୍ତ ଥାନା ପୁଲିସ ପୁଲିସ ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ଜବତ କରିବା ସହ ପ୍ରୀତମଙ୍କୁ କାବୁ କରି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଆଜି ପହିଲି ରଜରେ ଗାଁରେ ଏପରି ଏକ ଘଟଣା ଘଟିଥିବାରୁ ସମସ୍ତ ଗ୍ରାମବାସୀ ସ୍ତବ୍ଧ ହୋଇଯାଇଛନ୍ତି।



## ଦୁର୍ଘଟଣାରେ ଚାଲିଗଲା ୫ ଜୀବନ

**ଟ୍ରକ୍ ଧକ୍କାରେ ୩, ଅଜଣା ଗାଡ଼ି ଧକ୍କାରେ ୨ ମୃତ**

**କେନ୍ଦୁଝର, ୧୪|୬/ଏନ୍‌ଏନ୍‌ଏସ୍:**

ପହିଲି ରଜ ପାଇଁ କେନ୍ଦୁଝରଜିଲ୍ଲା ଉତ୍ସବମୁଖର ଥିବା ବେଳେ ବାଂଶପାଳ ବ୍ଲକ କାଞ୍ଜିପାଣି ଥାନା କୁଆଁରସ୍ଥିତ ଏନ୍‌ଏଚ୍-୪୯ରେ ରବିବାର ଦୁଇଟି ପୃଥକ ପୃଥକ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ୨୦୦ ମିଟର ମଧ୍ୟରେ ୧୦ ମିନିଟ୍ ଭିତରେ ଏହି ଦୁଇ ଦୁର୍ଘଟଣା ଘଟିଥିଲା। ଅଜଣା ଗାଡ଼ି ଧକ୍କାରେ ୨ ଭାଇଙ୍କ ଜୀବନ ଯାଇଥିବାବେଳେ ଅନ୍ୟ ଏକ ଦୁର୍ଘଟଣାରେ ଟ୍ରକ୍ ଧକ୍କାରେ ୩ ଜଣଙ୍କ ମୃତ୍ୟୁ ଘଟିଛି।

ବାୟାପାଣ୍ଡାଧାର ଆଡୁ ନିଜ ଗାଁ କୁଆଁରକୁ ଫେରୁଥିବା ବେଳେ ଏକ ଅଜଣା ଗାଡ଼ି ଧକ୍କା ଲକ୍ଷ୍ମଣ ସନଙ୍ଗି ଓ ଅକ୍ଷୟ ସନଙ୍ଗିଙ୍କ ମୃତ୍ୟୁ ଘଟିଛି। ସେମାନେ ଦୁଇ ଭାଇ। ଉଭୟ କୌଣସି କାମରେ ଯାଇ ବାୟାପଣ୍ଡାଧାର ଆଡୁ ଘରକୁ ଏକ ବାଇକ୍‌ରେ ଫେରୁଥିବା ବେଳେ କୁଆଁର ଢାବା ନିକଟରେ କୌଣସି ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ଏହି ଦୁର୍ଘଟଣାରେ ଉଭୟଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। କାଞ୍ଜିପାଣି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ କରୁଛି। ପୁଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଧରିବାକୁ ଛାନ୍‌ଭିନ୍ ଚଳାଇଛି।

ଏହା ପରେ କୁଆଁର ଛକ ନିକଟରେ ଆଉ ଏକ ଦୁର୍ଘଟଣା ଘଟିଥିଲା। ରଙ୍ଗ ରୁଟ୍‌ରେ ଯାଉଥିବା ଏକ ଟ୍ରକ ତିନି ଜଣ ବାଇକ ଆରୋହୀଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ସେମାନଙ୍କ ମୃତ୍ୟୁ ଘଟିଥିଲା। ମୃତକମାନେ ବାଂଶପାଳ ବ୍ଲକ ପଦାକସଡ଼ା ଗ୍ରାମର। ସେମାନେ ଗୋଟିଏ ବାଇକ୍‌ରେ ଯାଉଥିଲେ। ଖବର ପାଇ ଘଟଣାସ୍ଥଳରେ କାଞ୍ଜିପାଣି ପୁଲିସ ପହଞ୍ଚି ଟ୍ରକ୍‌କୁ ଜବତ କରିଥିବା ବେଳେ ଡ୍ରାଇଭର ଫେରାର୍ ହୋଇଯାଇଛନ୍ତି।



# ବିଶ୍ୱ ରକ୍ତଦାତା ଦିବସ



**କଟକ,୧୪।୬/ଏନ୍ଏନ୍ଏସ୍:** ବିଶ୍ୱ ରକ୍ତଦାତା ଦିବସ ପାଳନ ଉପଲକ୍ଷେ କଟକ କେନ୍ଦ୍ରୀୟ ରେଡ଼କ୍ରସ ରକ୍ତକେନ୍ଦ୍ରଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଚଳିତବର୍ଷ ଏହି ଦିବସରେ ବାର୍ତ୍ତାବହନ କରୁଛି ମାନବିକତାର ଗୋଟିଏ ଚିହ୍ନ ରକ୍ତଦାନ କରନ୍ତୁ ଜୀବନ ବଞ୍ଚାନ୍ତୁ। ଏହି କାର୍ଯ୍ୟକ୍ରମକୁ କଟକ ଜିଲ୍ଲା ତତ୍କାଳୀନ ଅଫିସର୍ ପୁଷ୍ପଶ୍ରୀ ସାହିଲ, ସ୍ୱାସ୍ଥ୍ୟ ଅଫିସର୍ ଏନ୍. କେ. ଶତପଥୀ, ରଞ୍ଜିତ ପୃଷ୍ଟି ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହିତ ଆୱାରନେସ କମିଟିର ଉପଦେଷ୍ଟା ରଞ୍ଜନ ବିଶ୍ୱାଳ, ଡାକ୍ତର ରଘୁନାଥ ବେହେରା, ସି.ପି. ଦାସ ଯୋଗ ଦେଇ ଶିବିରରେ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ରେଡ଼କ୍ରସ୍ ସମ୍ପାଦିକା ଡକ୍ଟର ସସ୍ମିତା ପଟ୍ଟନାୟକ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ। ଡାକ୍ତର କେ.ଏଲ .ଦେ ଧନ୍ୟବାଦ୍ ଦେଇଥିଲେ।

# ସ୍କେଟର୍‌ରେ କଟକ ଝିଅ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ପଞ୍ଚମ

**କଟକ,୧୪।୬/ଏନ୍ଏନ୍ଏସ୍:** କଟକ ଝିଅ ଅନାହିତା ମିଶ୍ର ଏବେ ବିଶ୍ୱ ର୍ୟାଙ୍କିଙ୍ଗରେ ୫ମ ସ୍ଥାନରେ ଥିବା ସ୍କେଟର ଭାବେ ପରିଚିତ। ସେ ୨୦୨୬ ମସିହାରେ ପର୍ତ୍ତୁଗାଲରେ ଆୟୋଜିତ ହେବାକୁ ଥିବା ଫାରୋ ଇଣ୍ଟରନ୍ୟାସ୍‌ନାଲ୍ କପର କଭର ଗର୍ଲ ଭାବେ ମଧ୍ୟ ମନୋନୀତ ହୋଇଛନ୍ତି। ପୂର୍ବରୁ ଗତ ଏପ୍ରିଲ ମାସରେ ଆଫ୍ରିକାର ବେନିନ ସହରରେ ଆୟୋଜିତ ବିଶ୍ୱ କୋଟେନ୍ୟୁ ସ୍କେଟିଂ ଚାମ୍ପିଅନ୍‌ସିପ୍‌ରେ ସ୍ୱର୍ଣ୍ଣ ପଦକ ପାଇବା ସହ ଜୁନିୟର ମହିଳା ସ୍ପିଡ୍ ସ୍ଲାଲମ୍ ସ୍କେଟିଂ ବିଭାଗରେ ବିଶ୍ୱ ମାନ୍ୟତା ତାଲିକାରେ ୭ମ ସ୍ଥାନରେ ସ୍ଥାନିତ ହୋଇଥିଲେ। ବେନିନ, ପର୍ତ୍ତୁଗାଲ, ଫ୍ରାନ୍ସ ଓ ପୋଲାଣ୍ଡରେ ଆୟୋଜିତ ଆନ୍ତର୍ଜାତିକ ପ୍ରତିଯୋଗିତରେ ସେ ୪ଟି ସ୍ୱର୍ଣ୍ଣ ପଦକ ସମେତ ଅନେକ ଜାତୀୟ ଓ ଆନ୍ତର୍ଜାତିକ ୱାର୍ଲ୍ଡ ସ୍କେଟ ଗେମ୍ସରେ ଭାରତର ପ୍ରତିନିଧିତ୍ୱ କରିବା ସହିତ ଚୀନରେ ଆୟୋଜିତ ଏସିଆନ୍ ଚମ୍ପିଆନସିପରେ ମଧ୍ୟ ଅଂଶ ଗ୍ରହଣ କରିଥିଲେ।



## ଚୁଲିକୁ ଗଲାଣି ସୌନ୍ଦର୍ଯ୍ୟକରଣ

# ତାଲଦଣ୍ଡା ରାସ୍ତାରେ ପଙ୍କର ପାହାଡ଼

**କଟକ,୧୪।୬/ଏନ୍ଏନ୍ଏସ୍:** ଏବେ ତାଲଦଣ୍ଡାର ସୌନ୍ଦର୍ଯ୍ୟକରଣକୁ ଦେଖିଲେ ଜଣାପଡ଼ିବ କିଭଳି ଅବହେଳାର ଶିକାର ତାଲଦଣ୍ଡା କେନାଲ୍। ଦିନେ ଯେଉଁ କେନାଲରେ ଅବସର ବିନୋଦନ ପାଇଁ ନୌବିହାର ଚାଲିଥିଲା ଏବେ ବର୍ଷକୁ ଆଠମାସରୁ ଅଧିକ ସମୟ ଶୁଖିଲା ପଡ଼ିଛି। ଅପରପକ୍ଷେ ତାଲଦଣ୍ଡା ଏବେ ଅଳିଆଗଦାରେ ପରିଣତ ହୋଇଛି। ବହୁ ବ୍ୟବସାୟୀ ଓ ଲୋକେ କୁଢ଼କୁଢ଼ ଅଳିଆ ଆବର୍ଜନା ଆଣି କେନାଲରେ ପକାଉଥିବା ଦେଖିବାକୁ ମିଳିଛି। କାହାରି ଉପରେ କାହାରି ନିୟନ୍ତ୍ରଣ ରହୁନାହିଁ। ଏପରିକି ନୂଆବଜାର, ଚାଉଳିଆଗଞ୍ଜ ଅଞ୍ଚଳରେ ତାଲଦଣ୍ଡା କେନାଲ ରାସ୍ତାରେ ପଙ୍କର ପାହାଡ଼ ସୃଷ୍ଟି ହେଲାଣି। ପଙ୍କ କଢ଼ା ଯାଉଥିଲେ ମଧ୍ୟ ରାସ୍ତାରୁ ଏହାକୁ ନିୟମିତ ଉଠାଯାଉନାହିଁ। ଅପରାହ୍ଣରେ କାଳବୈଶାଖୀ ଜନିତ ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ରାସ୍ତା ପଙ୍କମୟ ହୋଇପଡୁଛି। ଫଳରେ କେନାଲ ବନ୍ଧ ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇଛି। ଏପରିସ୍ଥଳେ ପଙ୍କ କଢ଼ାଯିବା ଯୋଗୁଁ କେନାଲର ଏକ ପାର୍ଶ୍ୱ ତାର ଜାଲି ଖୋଲି ଦିଆଯାଇଛି। ଏହାକୁ ରାସ୍ତା କଡ଼ରେ ପକାଇ ଦିଆଯାଇଥିବାରୁ ଦୁର୍ଘଟଣାର କାରଣ ପାଲଟୁଛି। ଆଗକୁ ବର୍ଷାର ପରିମାଣ ବଢ଼ିବାକୁ ଥିବା ବେଳେ ଯଦି ତୁରନ୍ତ ପଙ୍କ କଢ଼ାଯାଇ ଏହାକୁ ଉଠା ନଯାଏ ପରିସ୍ଥିତି ଅଧିକ ହେବ। ସିଏମ୍‌ସିର ବେପରୁଆ ନୀତି ଯୋଗୁଁ ଏପରି ସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ତାଲଦଣ୍ଡା ସୌନ୍ଦର୍ଯ୍ୟକରଣ ଯୋଜନା ପ୍ରାୟ ୫ବର୍ଷ ହେବ ଜାରି ରହିଛି। ଅତି ମନ୍ଥର ଗତିରେ କାର୍ଯ୍ୟ କରାଯାଉଛି। ଏବେ ସିନ୍ଥେଟିକ୍ ୱାଲ କାର୍ଯ୍ୟ ବନ୍ଦ ରହିଛି। ଫଳରେ ତାଲଦଣ୍ଡା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି।



# ରଜରେ ଚା' ଆସର

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ଓଡ଼ିଶାର ପାରମ୍ପରିକ ଗଣପର୍ବ ରଜର ଆଗମନ ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଏକ ଅଫୁରନ୍ତ ଆନନ୍ଦ ଓ ଉଲ୍ଲାସ ଭରିଦେଇଥାଏ। ଏହି ଅବସରରେ ସହିଦନଗର ଅଞ୍ଚଳର 'ଜୀବନ ଜିନ୍ଦାବାଦ ଅନୁଷ୍ଠାନ'ର ବରିଷ୍ଠ ସଦସ୍ୟମାନଙ୍କୁ ନେଇ ସକାଳେ ଭ୍ରମଣ ପରେ ଏକ ନିଆରା 'ଚା, ପେୟ ଓ ଚର୍ଚ୍ଚା' ଆସର ଜମିଥିଲା। ଏହି ସାରଗର୍ଭକ ଆଲୋଚନାର ମୁଖ୍ୟ ବିଷୟବସ୍ତୁ ଥିଲା 'ସତୁରୀ ବର୍ଷ ପୂର୍ବର ଗାଁ ରଜରୁ ଆଜିର ସହରୀ ରଜ'। ବରିଷ୍ଠ ନାଗରିକମାନେ ନିଜ ନିଜର ଅତୀତ ସ୍ମୃତିକୁ ରୋମନ୍ଥନ କରି କହିଥିଲେ ଯେ ଆମ ପରମ୍ପରା ଓ ସଂସ୍କୃତିର ଚିରସ୍ମରଣୀୟ ବାର୍ତ୍ତା ବହନ କରୁଥିବା ଏହି ପର୍ବରେ କେବେ ମାଟିର ନିଆରା ମହକ ପ୍ରତିଫଳିତ ହେଉଥିଲା। ବିଶେଷ କରି ସେହି ସମୟରେ ଝିଅମାନଙ୍କର ନୂଆ ପୋଷାକରେ ସଜେଇ ହୋଇ ଦୋଳି ଖେଳିବା, ଲୁଡୁ ଖେଳରେ ମାତିବା ଏବଂ ଯୁବକ ତଥା ବୟସ୍କମାନଙ୍କ ମଧ୍ୟରେ କବାଡି, ବାଗୁଡ଼ି ଓ ପାଲୀ ଖେଳ ଭଳି ପାରମ୍ପରିକ କ୍ରୀଡ଼ାର ଯେଉଁ ଉତ୍ସାହ ଥିଲା, ତାହା ଆଜିର ଆଧୁନିକତା ଭିତରେ ପ୍ରାୟତଃ କମିଗଲାଣି। ଏହି ପାରମ୍ପରିକ ଗ୍ରାମୀଣ ଖେଳ ଏବଂ ସାମାଜିକ ସଦ୍ଭାବନା ହ୍ରାସ ପାଇବା ପଛର ମୂଳ କାରଣ ହେଉଛି ଆଜିକାଲିର ସଂକୁଚିତ ରାଜନୀତି ଏବଂ ମଣିଷ ସମାଜ ମଧ୍ୟରେ କ୍ରମାଗତ ଭାବେ ବଢ଼ି ଚାଲିଥିବା ସମ୍ପର୍କ ଓ ସହଯୋଗର ଅଭାବ। ଏହି ସ୍ମୃତିଚାରଣ ତଥା ଚର୍ଚ୍ଚା ସଭାରେ ସହିଦନଗର ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ନିଜର ବହୁମୂଲ୍ୟ ମତାମତ ଉପସ୍ଥାପନ କରିଥିଲେ। ସଭାରେ ଉପସ୍ଥିତ ରହି ସ୍ୱର ଉତ୍ତୋଳନ କରିଥିବା ବରିଷ୍ଠ ସଦସ୍ୟମାନଙ୍କ ମଧ୍ୟରେ ନିଶାକର ରାଉତ, ଧିରେନ ନାଥ ପଟ୍ଟନାୟକ, ଅରୁଣ କୁମାର ସାବତ, ସତୀଶ ରାୟ, ବିଶ୍ୱକଲ୍ୟାଣ ମଙ୍ଗରାଜ, ନିହାର ସାମନ୍ତରାୟ, ବିଷ୍ଣୁ ସାହୁ ଏବଂ ରବି ବେହେରା ପ୍ରମୁଖ ସାମିଲ ଥିଲେ।

# ନାଟକ 'ରାବଣ ବଧ' ମଞ୍ଚସ୍ଥ



**କଟକ,୧୪।୬/ଏନ୍ଏନ୍ଏସ୍:** କଟକ ମହାନଗର ନିଗମ ୫୬ ନଂ ୱାର୍ଡ ଅଧୀନ ଅମାଣିଆ ପାଟଣା ରାମଲୀଳା ପ୍ରଚାର ସମିତି ପକ୍ଷରୁ କଳାକାରମାନଙ୍କୁ ନେଇ ଶିକ୍ଷକ ଭାଗ୍ୟଧର ବେହେରାଙ୍କ ନିର୍ଦ୍ଦେଶନାରେ ପୌରାଣିକ ନାଟକ ରାବଣ ବଧ ପରିବେଷଣ କରାଯାଇଛି। ତିନିଘରିଆ ଗ୍ରାମ ପକ୍ଷରୁ ମହନ୍ତ ନିରୋଦ କୁମାର ସ୍ୱାଇଁ ଏହାକୁ ପରିଚାଳନା କରିଥିବାବେଳେ ଗ୍ରାମର ଅଧିକାରୀ ମୃଣ୍ମୟ ଖୁଣ୍ଟିଆ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତିନିଦିନ ଧରି ଆୟୋଜିତ ଏହି ରାମଲୀଳା କାର୍ଯ୍ୟକ୍ରମର ଉଦ୍‌ଯାପନି ଦିବସରେ ଅତିଥି ଭାବେ ନାରୀନେତ୍ରୀ ଅଞ୍ଜଳି ପଟ୍ଟନାୟକ, ସମାଜସେବୀ ସୁକାନ୍ତ ସେଠୀ, ଅଶୋକ ସ୍ୱାଇଁ, ଲାଡୁ ଭାଇ, ସମାଜସେବୀ ରବୀନ୍ଦ୍ର ବେହେରା ଯୋଗ ଦେଇଥିବାବେଳେ ଗଣେଶ୍ୱର ମହାରଣା, ହରେକୃଷ୍ଣ ମହାନ୍ତି, ଆଇନଜୀବୀ ମାନସ ରଞ୍ଜନ ଖଟୁଆ, ବିଷ୍ଣୁ ଚରଣ ପରିଡ଼ା, ନିର୍ମଳ ସ୍ୱାଇଁ, ସୁଶାନ୍ତ ବସ୍ତିଆ, କେଶବ ପରିଡ଼ା ଓ ଜିତେନ୍ଦ୍ର ସ୍ୱାଇଁଙ୍କ ସମେତ ମା' ଭଗବତୀ ରାମଲୀଳା ସମିତିର ସମସ୍ତ କର୍ମକର୍ତ୍ତା ଏବଂ ଉପଦେଷ୍ଟା ମଣ୍ଡଳୀ ଉପସ୍ଥିତ ଥିଲେ।



## 'ସଂଭାବନା'ର ରଜ ମଉଜ

# ବିଜୟଙ୍କୁ 'ବାଙ୍କବିହାରୀ ପରିବେଶ ସମ୍ମାନ'

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ବନସ୍ତେ ଡାକିଲା ଗଜ ବରଷକେ ଥରେ ଆସିଛି ରଜ ଭଳି ରଜଗୀତର ମୁର୍ଚ୍ଛନା ମଧ୍ୟରେ ସଭିଏଁ ହୋଇ ଉଠୁଥିଲେ ଉତ୍ସବମୁଖର। ଅବସର ଥିଲା ଓଡ଼ିଶାର ପ୍ରମୁଖ ଓ ଆଦିପର୍ବ ରଜ ଉ ତ୍ସବ ଉପଲକ୍ଷେ ପହିଲି ରଜ ସଂଧ୍ୟାରେ ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ଜୟଦେବ ଭବନ ଠାରେ ଓଡ଼ିଆଣୀମାନଙ୍କୁ ନେଇ ଅନୁଷ୍ଠିତ 'ରଜ ମଉଜ'। ଏହି ଉତ୍ସବରେ ଓଡ଼ିଆଣୀମାନେ ପାଠ କରୁଥିଲେ ସ୍ୱରଚିତ କବିତା। ଗାନ କରୁଥିଲେ ସଂଗୀତ ଓ ସଂଗୀତର ତାଳେ ତାଳେ ପରିବେଷଣ କରୁଥିଲେ ନୃତ୍ୟ। ମାତ୍ର ସମସ୍ତ ଥିଲା ଓଡ଼ିଆ ସଂସ୍କୃତି ଓ ପରମ୍ପରା ଆଧାରିତ।

ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନାରେ ପୋଡ଼ପିଠା ଓ ରଜ ପାନର ପ୍ରଦର୍ଶନ ତଥା ଦର୍ଶକମାନଙ୍କୁ ପରିବେଷଣ ସହ କବିତା ପାଠୋତ୍ସବ, ସଂଗୀତ ଗାନ ଓ ନୃତ୍ୟ ଆଦିରେ ଉପସ୍ଥିତ ଓଡ଼ିଆଣୀମାନେ ଭାଗ ନେଇ ଚମତ୍କୃତ କରୁଥିଲେ ଉପସ୍ଥିତ ସଂସ୍କୃତିପ୍ରେମୀ ଓଡ଼ିଆମାନଙ୍କୁ। କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥି ଭାବେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ, ବିଶିଷ୍ଟ ସାହିତ୍ୟିକ ତଥା ସୁବକ୍ତା ଦାଶ ବେନ୍‌ହୁର ୨୦୨୬ର ଶ୍ରେଷ୍ଠ ଓଡ଼ିଆଣୀ ରେଣୁବାଳା ସାହୁ, ସମ୍ପାଦକ ଦେବ ପ୍ରସାଦ ପରିଜା, ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲ, ସମ୍ପାଦିକା ରେଖା ସାହୁ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଏହା ସହ ଚଳିତ ବର୍ଷ ତୃତୀୟ ଥର ପାଇଁ ସଂଭାବନା ପକ୍ଷରୁ ପରିବେଶ ଉପରେ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ପ୍ରୟାତ ଜନନେତା ତଥା ପରିବେଶ କର୍ମୀ ବାଙ୍କବିହାରୀ ଦାସଙ୍କ ସ୍ମୃତିରେ ନାମିତ 'ବାଙ୍କବିହାରୀ ପରିବେଶ ସମ୍ମାନ ୨୦୨୬' ବିଶିଷ୍ଟ ସବୁଜିମା ପ୍ରେମୀ ତଥା ଗଛ ମଣିଷ ଭାବେ ନାମିତ ବିଜୟ କୁମାର ଜେନାଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଥମେ କବିତା ପାଠୋତ୍ସବ ପରେ ପଲ୍ଲିଗୀତ ଓ ଅନ୍ୟ ମନଛୁଆଁ ଓଡ଼ିଆ ସଂଗୀତ ପରିବେଷଣରେ ଅଂଶଗ୍ରହଣ କରି ଜଣାଶୁଣା ଗାୟିକା ହରପ୍ରିୟା ସ୍ୱାଇଁ, ସିଦ୍ଧାନ୍ତ ଶତପଥି, ସୁନିତା ନାୟକ ଆଦି ପରିବେଶ, ରଜ ଓ ଗ୍ରାମ୍ୟ ଜୀବନ ଉପରେ ସଂଗୀତ ପରିବେଷଣ କରିଥିବା ବେଳେ ଆଇଲାରେ ପହିଲି ରଜ, ବନସ୍ତେ ଡାକିଲା ଗଜ ବୃନ୍ଦ ଗାନ ସମେତ ପାଦରେ ପାଦ ଛନ୍ଦା, ତୋର ମୋର ଚାଲ କରିବା, ଏମିତି ଏ ବଡ଼ଦାଣ୍ଡେ , ଏଇ ଯେ ବନ ଲତା ପାହାଡ଼, ଆସ ବଉଳଲୋ ଆସ ସଙ୍ଗାତ, ଚନ୍ଦ୍ରମଲ୍ଲୀ ହସେ, କେଉଁ ନାମ ଧରି ଆଦି ମନଛୁଆଁ ଓଡ଼ିଆ ସଂଗୀତ ପରିବେଷଣ କରିଥିଲେ। ସୌଦାମିନୀ ମହାନ୍ତି, ବିଜୟଲକ୍ଷ୍ମୀ ସା. ରାଜଶ୍ରୀ ଶତପଥି, ସ୍ମୃତି ମହାନ୍ତି, ବେବିରାଣୀ ସାହୁ, ବିଜୟଲକ୍ଷ୍ମୀ ପତି, ସୁଜାତା ପାତ୍ର, ମଧୁସ୍ମିତା ଦାସ, ଜ୍ୟୋତ୍ସ୍ନା ସେନାପତି, ରୀତା ଶଙ୍ଖୁଆ, ବେବିରାଣୀ ସାହୁ, ବିଜୟଲକ୍ଷ୍ମୀ ପତି, ରତ୍ନମଞ୍ଜରୀ ସାମନ୍ତରାୟ, ବୈଜୟନ୍ତି ଦାସ, ଛବିଲତା ସେଠୀ, ବାସନ୍ତୀ ସାହୁ, ସୁପ୍ରିୟା ମହାନ୍ତି, ନମିତା ଦାଶ, ରେଖା ସାହୁ, ରଶ୍ମିତା ରଥ, କାଦମ୍ବିନୀ ପାଲ୍, ମୀନାକ୍ଷୀ ପଟ୍ଟନାୟକ, ଅଞ୍ଜଳି ଦାଶ, ରଚିତା ମହାନ୍ତି, ସ୍ୱର୍ଣ୍ଣଲତା ତ୍ରିପାଠୀ, ରତ୍ନମଞ୍ଜରୀ ସାମନ୍ତରାୟ, ବେବିରାଣୀ ସାହୁ, ରଶ୍ମିତା ରଥ, ନମିତା ଦାଶ, ସୁପ୍ରିୟା ମହାନ୍ତି, ରାଜଶ୍ରୀ ଶତପଥି, ଲକ୍ଷ୍ମୀପ୍ରିୟା ତ୍ରିପାଠୀ ଓ ବିଜୟଲକ୍ଷ୍ମୀ ପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଂଧ୍ୟାରେ ପରିବେଷିତ ଲଘୁନୃତ୍ୟ ଓ ଲୋକ ନୃତ୍ୟରେ ଅଂଶଗ୍ରହଣ କରିଥିଲେ ଦୀପିକା ରାଓ, ମୀନାକ୍ଷୀ ପଟ୍ଟନାୟକ, ଅନୀତା ବେହେରା, ମୀନା ପାଣିଗ୍ରାହୀ, ମନ୍ଦାକିନୀ ବାଗ୍, ଶୈଳବାଳା କିଶାନ୍। ସେହିଭଳି ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ ପାର୍ବତୀ ମହାନ୍ତି ଓ ଅସ୍ମିତା ପାଣିଗ୍ରାହୀ। ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ସଂଭାବନାର ଯୁଗ୍ମ ସମ୍ପାଦିକା ମୀନାକ୍ଷୀ ପଟ୍ଟନାୟକ, ପ୍ରଫୁଲ୍ଲ ଦେ, କାର୍ଯ୍ୟକ୍ରମ ସମ୍ପାଦିକା ରଶ୍ମିତା ରଥ ଓ ଅଭିରାମ ସାହୁ।

# ଆଜି ସୁଦ୍ଧା ୯୮.୯୫ ପ୍ରତିଶତ ଫର୍ମ ବଣ୍ଟନ

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ଓଡ଼ିଶାରେ ଚାଲିଥିବା ଭୋଟର୍ ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଏବେ ତ୍ୱରିତ ପର୍ଯ୍ୟାୟରେ ରେକର୍ଡ ସଂଖ୍ୟକ ୯୮.୯୫ ପ୍ରତିଶତରେ ପହଞ୍ଚିଛି। ସେହିପରି ଏବେ ସୁଦ୍ଧା ଡିଜିଟାଇଜେସନ ୩୪.୫୪ ପ୍ରତିଶତ ଅର୍ଥାତ ୧ କୋଟି ୧୫ ଲକ୍ଷ ୩୬ ହଜାର ୫୩୭ ଭୋଟର୍‌ଙ୍କର ଡିଜିଟାଇଜେସନ୍ କରାଯାଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ, ସଠିକ୍ ଓ ବ୍ୟବସ୍ଥିତ କରିବା ପାଇଁ ବ୍ୟାପକ ସ୍ତରରେ ପରିଗଣନା ଫର୍ମ ବଣ୍ଟନ, ସଂଗ୍ରହ ଏବଂ ଏହାର ଡିଜିଟାଇଜେସନ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ଜୁନ ୧୪ ସନ୍ଧ୍ୟା ୬ଟା ସୁଦ୍ଧା ରାଜ୍ୟରେ ଭୋଟର ସଂଶୋଧନ କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ମିଳିଛି। ଆଜି ସୁଦ୍ଧା୯୮.୯୫ ପ୍ରତିଶତ ଫର୍ମ ବଣ୍ଟନ ଅର୍ଥାତ ୩ କୋଟି ୩୦ ଲକ୍ଷ ୪୯ ହଜାର ୧୮୮ ଜଣ ଭୋଟର୍‌ଙ୍କ ପାଖରେ ଫର୍ମ ବଣ୍ଟନ ପ୍ରକ୍ରିୟା ଶେଷ ହୋଇଛି। ଏହି ପ୍ରକ୍ରିୟାରେ ସୁନ୍ଦରଗଡ଼ ଜିଲ୍ଲା ରାଜ୍ୟରେ ଶତ ପ୍ରତିଶତ ଫର୍ମ ବଣ୍ଟନ କରି ସର୍ବାଗ୍ରେ ରହିଛି। ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ଭୋଟର୍‌ଙ୍କ ପାଖରେ ପରିଗଣନା ଫର୍ମ ପହଞ୍ଚାଇବାରେ ପ୍ରଶାସନ ସମ୍ପୂର୍ଣ୍ଣ ସଫଳ ହୋଇଛି। କେବଳ ଫର୍ମ ବଣ୍ଟନ ନୁହେଁ, ବରଂ ସଂଗୃହିତ ତଥ୍ୟକୁ ଡିଜିଟାଇଜେସନ୍ କରିବାରେ ମଧ୍ୟ ଜିଲ୍ଲା ଆଗୁଆ ରହିଛି। ଆଜି ସୁଦ୍ଧା ସୁନ୍ଦରଗଡ଼ ଜିଲ୍ଲାର ୬୨.୭୧ ପ୍ରତିଶତ ଭୋଟରଙ୍କ ଫର୍ମର ଡିଜିଟାଇଜେସନ୍ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି। ରାଜ୍ୟର ପ୍ରାୟ ୯୯% ଭୋଟରଙ୍କ ପାଖରେ ଫର୍ମ ପହଞ୍ଚି ସାରିଥିବାରୁ ଏବେ ପ୍ରଶାସନର ସମ୍ପୂର୍ଣ୍ଣ ଫୋକସ୍ ଡିଜିଟାଇଜେସନ ଉପରେ ରହିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ହାରାହାରି ୩୪.୫୪% ଡିଜିଟାଇଜେସନ ହୋଇଥିବାରୁ ଆଗାମୀ ଦିନରେ ଏହି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯିବ। ଏହି ଡିଜିଟାଇଜେସନ୍ ପ୍ରକ୍ରିୟା ଶେଷ ହେବା ପରେ ଭୋଟର୍ ତାଲିକାରୁ ମୃତ ଓ ସ୍ଥାନାନ୍ତରିତ ଓ ହୋଇଥିବା ଭୋଟରଙ୍କ ନାମ ବାଦ୍ ଦିଆଯିବ। ଏହା ପରେ ଏକ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହି କାର୍ଯ୍ୟରେ ନିୟୋଜିତ ଥିବା ବୁଥ୍ ସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨୮ ଜୁନ ୨୦୨୬ ତାରିଖ ପୂର୍ବରୁ ପରିଗଣନା ଫର୍ମ ବଣ୍ଟନ, ସଂଗ୍ରହ ଏବଂ ଡିଜିଟାଇଜେସନ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ସ୍ଥାନୀୟ ଅଞ୍ଚଳରେ ଘରକୁ ଘର ବୁଲି କାର୍ଯ୍ୟ କରୁଥିବା ବିଏଲ୍‌ଓମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ସମୟସୀମା ପୂର୍ବରୁ ଫର୍ମ ଦାଖଲ କରିବା ପାଇଁ ସମସ୍ତ ଭୋଟରଙ୍କୁ ଅନୁରୋଧ କରାଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ପରିଗଣନା ଫର୍ମ ଦାଖଲ ନକଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ସମ୍ପର୍କରେ ନିୟମାନୁସାରେ ଯାଞ୍ଚ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ହେବ। ସେଥିପାଇଁ ସମସ୍ତ ଯୋଗ୍ୟ ଭୋଟରଙ୍କୁ ନିଜର ପରିଗଣନା ଫର୍ମ ଶୀଘ୍ର ଦାଖଲ କରିବାକୁ କୁହାଯାଇଛି।

# ବଜ୍ରାଘାତରେ ଦୁଇ ଚାଷୀ ଜୀବନ୍ତ ଦଗ୍ଧ

## ଶବ ରଖି କଟକ-ନରସିଂହପୁର ରାଜପଥ ଅବରୋଧ

**ତିଗିରିଆ,୧୪।୬/ଏନ୍ଏନ୍ଏସ୍:** ବଜ୍ରାଘାତ ଜନିତ ଏକ ଅଭାବନୀୟ ଘଟଣାରେ ଚାଷଜମି କୁଡ଼ିଆ ଭିତରେ ଦୁଇ ଜଣ ଚାଷୀ ଜୀବନ୍ତ ଦଗ୍ଧ ହୋଇ ମୃତ୍ୟୁବରଣ କରିଛନ୍ତି। ଏହି ମର୍ମନ୍ତୁଦ ଘଟଣାଟି ତିଗିରିଆ ଥାନା ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମରେ ଘଟିଛି। ମୃତକ ଦ୍ୱୟ ହେଲେ ଉକ୍ତ ଗ୍ରାମର ବିଦ୍ୟାଧର ପତିଙ୍କ ୨୬ ବର୍ଷୀୟ ପୁତ୍ର ମନ୍ଦିର ପତି ଏବଂ ୬୦ ବର୍ଷୀୟ ନବ ରାଉତ।

ମିଳିଥିବା ସୂଚନା ଅନୁଯାୟୀ, ପ୍ରତିଦିନ ଭଳି ଆଜି ଅପରାହ୍ଣରେ ମଧ୍ୟ ଗ୍ରାମର ଅନେକ ଚାଷୀ ବିଲକୁ କାମ କରିବାକୁ ଯାଇଥିଲେ। ମାତ୍ର ହଠାତ୍ କାଳବୈଶାଖୀ ଜନିତ ପ୍ରବଳ ବେଗରେ ବିଜୁଳି ଓ ଘଡ଼ଘଡ଼ି ମାରିବାରୁ ରକ୍ଷା ପାଇବା ପାଇଁ ମନ୍ଦିର ଏବଂ ନବ ବିଲ ମଝିରେ ଥିବା ଏକ କୁଡ଼ିଆ ଘର ଭିତରକୁ ଆଶ୍ରୟ ନେବାକୁ ଚାଲିଯାଇଥିଲେ। ଦୁର୍ଭାଗ୍ୟବଶତଃ, ସେହି ସମୟରେ କୁଡ଼ିଆ ଉପରେ ବଜ୍ରପାତ ହେବା ଫଳରେ ଘର ସହ ଦୁଇ ଚାଷୀ ସେଠାରେ ହିଁ ସମ୍ପୂର୍ଣ୍ଣ ଜଳିଯାଇଥିଲେ। ଏହି ଦୁର୍ଘଟଣା ଦେଖି ନିକଟରେ ଥିବା ଅନ୍ୟ ଚାଷୀମାନେ ତୁରନ୍ତ ଅଗ୍ନିଶମ ସେବା ସଂସ୍ଥା, ପୁଲିସ ପ୍ରଶାସନ ଏବଂ ଜରୁରୀକାଳୀନ ଆମ୍ବୁଲାନ୍ସ ବାହିନୀକୁ ଖବର ଦେଇଥିଲେ। ସମସ୍ତେ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ସମ୍ପୂର୍ଣ୍ଣ ରୂପେ ଦଗ୍ଧ ହୋଇଯାଇଥିବା ଦୁଇ ଚାଷୀଙ୍କୁ ମେଡିକାଲ ନେବା ପାଇଁ ସଫା ସଫା ମନା କରି ସେଠାରୁ ଚାଲିଯାଇଥିଲେ। ପ୍ରଶାସନର ଏଭଳି ଅମାନୁଷିକ ତଥା ବୈମାତୃକ ମନୋଭାବ ପ୍ରତି ସାରା ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପରେ ଗ୍ରାମର ଉତ୍ତ୍ୟକ୍ତ ଯୁବଗୋଷ୍ଠୀ ମୃତଦେହ ଦ୍ୱୟକୁ ନିଜ କାନ୍ଧରେ ବୋହି ପ୍ରାୟ ୭ କିଲୋମିଟର ପଥ ଚାଲି ଚାଲି ଆଣିଥିଲେ ଏବଂ କଟକ-ନରସିଂହପୁର ରାଜପଥର ତିଗିରିଆ ଗୋହିରିଦ୍ୱାର ହନୁମାନ ମନ୍ଦିର ସମ୍ମୁଖରେ ଶବ ରଖି ରାସ୍ତାରୋକ କରିଥିଲେ। ଏହି ପ୍ରତିବାଦ ଯୋଗୁଁ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହି ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ଖବର ପାଇ ଯୁବନେତା ଆଦିତ୍ୟ ପ୍ରସାଦ ସ୍ୱାଇଁ ସ୍ଥାନୀୟ ଲୋକଙ୍କ ଏହି ଆନ୍ଦୋଳନରେ ସାମିଲ ହୋଇ ପ୍ରଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ପୁଲିସ ଅଧିକାରୀମାନେ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ ହେଁ ଉପଯୁକ୍ତ କ୍ଷତିପୂରଣ ଏବଂ ପ୍ରଶାସନିକ ବେଖାତିର ମନୋଭାବ ବିରୋଧରେ ଜିଲ୍ଲାପାଳ କିମ୍ବା ଉପଜିଲ୍ଲାପାଳଙ୍କ ଉପସ୍ଥିତି ଦାବି କରି ଯୁବଗୋଷ୍ଠୀ ଆନ୍ଦୋଳନରେ ଅଟଳ ରହିଥିଲେ। ପରବର୍ତ୍ତୀ ସମୟରେ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିବା ଦେଖାଯାଇଛି।

## ଆଇଏଚ୍ଏଫ୍ ଟ୍ରଫି ହ୍ୟାଣ୍ଡବଲ୍

# ଭାରତକୁ ସ୍ୱର୍ଣ୍ଣ ପଦକ ଦେଲେ ସ୍ୱସ୍ତିକ

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ଚଳିତ ମାସ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଢାକାରେ ଖେଳାଯାଇଥିବା ଆଇଏଚ୍ଏଫ୍ ଟ୍ରଫି ହ୍ୟାଣ୍ଡବଲ୍‌ରେ ଭାରତ ଚାମ୍ପିଅନ୍ ହୋଇଛି। ଭାରତ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ନେପାଳକୁ ୨୨ ଗୋଲ୍‌ରେ ହରାଇଥିବା ବେଳେ ପରବର୍ତ୍ତୀ ମ୍ୟାଚ୍‌ରେ ୟେମେନ୍ ବିପକ୍ଷରେ ୩୧ ଗୋଲ୍‌ରେ ବିଜୟୀ ହୋଇଥିଲା। ଏହାପରେ ମାଳଦ୍ୱୀପ ଏବଂ ଆଫଗାନିସ୍ଥାନକୁ ଯଥାକ୍ରମେ ୫୮-୨୩ ଏବଂ ୫୮-୨୮ ଗୋଲ୍‌ରେ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଭାରତୀୟ ଟିମ୍ ପକ୍ଷରୁ ଖେଳୁଥିବା ଓଡ଼ିଶାର ଏକମାତ୍ର ଖେଳାଳି ସ୍ୱସ୍ତିକ୍ ମହାପ୍ରସାଦ ପତି ଚମତ୍କାର ପ୍ରଦର୍ଶନ କରି ଭାରତର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଭାରତ, ନେପାଳ, ଆଫଗାନିସ୍ତାନ, ମାଳଦ୍ୱୀପ, ଆୟୋଜକ ବାଂଲାଦେଶ ଓ ୟେମେନ୍ ଭାଗ ନେଇଥିଲେ। ସ୍ୱସ୍ତିକ୍ ଏହି ସଫଳତା ପାଇଁ ଓଡିଶା ରାଜ୍ୟ ହ୍ୟାଣ୍ଡବଲ୍ ସଂଘ ସଭାପତି ବିପ୍ଲବ ଚୌଧୁରୀ, ସମ୍ପାଦକ ଇଂ. ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ଓ ଓଡିଶାର ପ୍ରଥମ ଅନ୍ତର୍ଜାତୀୟ କୋଚ୍ ଗୌରୀ ଶଙ୍କର ମିଶ୍ର ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସ୍ୱସ୍ତିକ ଭୁବନେଶ୍ୱରରେ ରହି କୋଚ୍ ଗୌରୀ ଶଙ୍କରଙ୍କ ପାଖରେ ପ୍ରଶିକ୍ଷଣ ନେଉଛନ୍ତି।



# ମହିଳା ସରପଞ୍ଚଙ୍କ ଉପରେ ଆକ୍ରମଣକୁ ସିପିଆଇର ନିନ୍ଦା

**କଟକ,୧୪।୬/ଏନ୍ଏନ୍ଏସ୍:** ମହାକାଳପଡ଼ା ତିଖିରୀ ପଞ୍ଚାୟତର ସରପଞ୍ଚ ଚାମେଲି ଓଝା ଜନପ୍ରତିନିଧି ନିର୍ଭୀକ ଭାବେ ଜନଗଣଙ୍କ ସମସ୍ୟା ସମାଧାନ ପାଇଁ ପ୍ରଶାସନଙ୍କୁ ଦାବି ପତ୍ର ପ୍ରଦାନ କାରଣରୁ ତାଙ୍କ ଉପରେ ହୋଇଥିବା ଆକ୍ରମଣକୁ କଟକ ଜିଲ୍ଲା ସିପିଆଇ ଘୋର ନିନ୍ଦା କରିଛି। ପୁଲିସର କାର୍ଯ୍ୟ ସନ୍ଦେହ ଘେରକୁ ଆସୁଛି ବୋଲି ଆଇନ୍‌ଶୃଙ୍ଖଳା ପରିସ୍ଥିତି ରାଜ୍ୟରେ ଜଟିଳ ହୋଇପଡୁଛି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିରପେକ୍ଷ ତଦନ୍ତ କରାଯାଇ ମହିଳାମାନଙ୍କୁ ସୁରକ୍ଷା ଦେବା ସହ ସରପଞ୍ଚଙ୍କୁ ନିସର୍ତ୍ତ ମୁକ୍ତ କରାଯାଉ। ତ୍ୱରିତ ସମାଧାନ ନ ହେଲେ ସିପିଆଇ କଟକ ଜିଲ୍ଲା ପ୍ରତି ବ୍ଲକ୍ ସ୍ତରରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଜିଲ୍ଲା ସମ୍ପାଦକ ବିନୋଦ ବେହେରା, ରାଜ୍ୟ ନେତା ଅମରେନ୍ଦୁ ମହାନ୍ତି, ଜିଲ୍ଲା ସହ ସମ୍ପାଦକ ଉଦୟ କେଶରୀ ବର୍ମା, ସାଲେପୁର ବ୍ଲକ ସମ୍ପାଦକ ସୁନାକର ବରାଳ ଓ ନଗର ସମ୍ପାଦକ ପ୍ରସନ୍ନ ମହାପାତ୍ର ପ୍ରମୁଖ ଏକ ପ୍ରେସ୍‌ବାର୍ତ୍ତାରେ ଜଣାଇଛନ୍ତି।

## ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ୍ ଅଣ୍ଡର-୧୬ କ୍ରିକେଟ୍

# ପାରାମାଉଣ୍ଟ୍ ସ୍ପୋର୍ଟିଂର ସହଜ ବିଜୟ



**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ପାରାମାଉଣ୍ଟ୍ ସ୍ପୋର୍ଟିଂ ପକ୍ଷରୁ ଚାଲିଥିବା ସିଦ୍ଧାନ୍ତ ପଟ୍ଟନାୟକ ମେମୋରିଆଲ୍ ଅଣ୍ଡର-୧୬ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ରବିବାର ଆୟୋଜକ ଟିମ୍ ଯଦୁପୁର କ୍ରିକେଟ୍ ଏକାଡେମୀକୁ ୯ ୱିକେଟ୍‌ରେ ହରାଇ ଦେଇଛି। ଯଦୁପୁର କ୍ରିକେଟ୍ ଏକାଡେମୀ ପ୍ରଥମେ ନିର୍ଦ୍ଧାରିତ ୨୫ ଓଭର୍‌ରେ ୮ ୱିକେଟ୍ ହରାଇ ୧୦୯ ରନ୍ କରିଥିଲା। ଜବାବରେ ପାରାମାଉଣ୍ଟ୍ ସ୍ପୋର୍ଟିଂ ସାଇଦିତ୍ୟ ମହାନ୍ତିଙ୍କ ଅପରାଜିତ ୫୮ ରନ୍ ସହାୟତାରେ ୧୫.୨ ଓଭର୍‌ରେ ମାତ୍ର ଗୋଟିଏ ୱିକେଟ୍ ବିନିମୟରେ ୧୧୨ ରନ୍ କରି ବିଜୟୀ ହୋଇଛି। ପାଞ୍ଚ ଓଭର୍‌ରେ ୮ ରନ୍ ଦେଇ ୩ଟି ୱିକେଟ୍ ନେଇଥିବା ପାରାମାଉଣ୍ଟ୍ ସ୍ପୋର୍ଟିଂର ଆୟୁଷ ତ୍ରିପାଠୀଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଛି। ଉତ୍କଳ ୟୁନିଭର୍ସିଟି ଟିମ୍‌ର ପୂର୍ବତନ କ୍ୟାପ୍‌ଟେନ୍ ସମ୍ପଦକ ପଟ୍ଟନାୟକ ତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# 'କୋଠଘର ଆମ ସାହିତ୍ୟ ପରିବାର'ର ବାର୍ଷିକ ଉତ୍ସବ

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ଗୀତଗୋବିନ୍ଦ ସଦନ ସଭାକକ୍ଷରେ 'କୋଠଘର ଆମ ସାହିତ୍ୟ ପରିବାର'ର ଅଷ୍ଟମ ବାର୍ଷିକ ଉତ୍ସବ, ବନ୍ଧୁମିଳନ, ପୁସ୍ତକ ଓ ପତ୍ରିକା ଉନ୍ମୋଚନ ସହ ସାରସ୍ୱତ ସମାରୋହ ଓଡ଼ିଶା ସାହିତ୍ୟ ଏକାଡେମୀର ସହଭାଗିତାରେ ଅନୁଷ୍ଠିତ ହୋଇଯାଇଛି। କୋଠଘରର ସୃଜନ ସମ୍ପାଦିକା ତଥା ମିଶନ ଶକ୍ତିର ଯୁଗ୍ମ ସଚିବ ମମତା ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମୁଖ୍ୟ ସଭାରେ ସମ୍ମାନିତ ଅତିଥି ଭାବେ ଡାକ୍ତର ଚନ୍ଦ୍ର ଶେଖର ହୋତା, ମୁଖ୍ୟ ଅତିଥି ଭାବେ ସୁସାହିତ୍ୟିକ ଦାଶ ବେନହୁର, ମୁଖ୍ୟ ବକ୍ତା ଭାବେ ସୁସାହିତ୍ୟିକା ଡାକ୍ତର ହିରଣ୍ମୟୀ ମିଶ୍ର ଏବଂ ବିଶିଷ୍ଟ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର ଯୋଗଦେଇଥିଲେ। ଦୂରଦର୍ଶନ ଉପସ୍ଥାପକ ଶିବାନନ୍ଦ ବାରିକଙ୍କ ସଞ୍ଚାଳନରେ କୋଠଘର ପତ୍ରିକା ସମେତ ୧୨ ଖଣ୍ଡ ପୁସ୍ତକ ଲୋକାର୍ପିତ ହୋଇଥିବା ବେଳେ ପରିଚାଳନା ସମ୍ପାଦକ ଡାକ୍ତର ପ୍ରତାପ ରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଖ୍ୟାତ ଶତାୟୁ ଲେଖକ ଅଚ୍ୟୁତାନନ୍ଦ ପତିଙ୍କୁ ତାଙ୍କ ଅନୁପସ୍ଥିତିରେ 'କୋଠଘର ଶୈଳବାଳା ବିଦ୍ୟାଧର ସ୍ମୃତି ସମ୍ମାନ' ତାଙ୍କ ବାସଭବନରେ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିଲା। କୋଠଘର ପ୍ରତିଷ୍ଠାତା ତଥା ସମ୍ପାଦିକା ଅମ୍ବିକା ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

ଉତ୍ସବର ପ୍ରଥମ ଅଧିବେଶନ ପ୍ରଦୀପ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର ଓ ଶିକ୍ଷା ପରାମର୍ଶଦାତା ଜ୍ଞାନ ଚାନ୍ଦ ଶତପଥୀ ଅତିଥି ଭାବେ ଉପସ୍ଥିତ ଥିଲେ। ଲୀନା ଶତପଥୀ ଓ କମଳ ଲୋଚନ ବେହେରାଙ୍କ ସଂଯୋଜନାରେ ୧୨ ଜଣ ଯୁବକବି କବିତା ପାଠ କରି ସମ୍ବର୍ଦ୍ଧିତ ହୋଇଥିଲେ। ସମାରୋହରେ ବିଭିନ୍ନ ବିଭାଗରେ ସାରସ୍ୱତ ସାଧନା ପାଇଁ କୋଠଘର ଶ୍ରେଷ୍ଠ କବିତା ସମ୍ମାନ ରକ୍ଷକ ନାୟକ, ଗୀତି କବିତା ସମ୍ମାନ ସବିତା ରାଣୀ ବେହେରା, ଗଳ୍ପ ସମ୍ମାନ ଲକ୍ଷ୍ମୀ ଚାନ୍ଦ, ପ୍ରବନ୍ଧ ସମ୍ମାନ ବିଷ୍ଣୁ ପ୍ରସାଦ ଦାସ, ସାରସ୍ୱତ ସମ୍ମାନ ଡାକ୍ତର ଶଶି ଭୂଷଣ ମହାପାତ୍ର ଏବଂ ପ୍ରତିଭା ସମ୍ମାନରେ ଲୀନା ଶତପଥୀ ଓ ସୁଜାତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଆଶୁତୋଷ ମେହେରଙ୍କ 'ଶେଷ ସନ୍ତକ', ଅମ୍ବିକା ସ୍ୱାଇଁଙ୍କ 'ମୁଠି ଚାଉଳ', ଅର୍ଜୁନୀ ଚରଣ ବେହେରାଙ୍କ 'ଶ୍ରୀମଦ୍ ଭାଗବତ ଗୀତା', ଅମିତା କରଙ୍କ 'କୁମ୍ଭୀର ଟାଣି ନେଲା ମଝି ନଈକୁ', ପ୍ରମୋଦ କୁମାର ମହାପାତ୍ରଙ୍କ 'ବାଲିଘର', ମହେଶ୍ୱର ବିଶ୍ୱାଳଙ୍କ 'ରାତି ଯେବେ ଶୋଇପଡ଼େ', ଡାକ୍ତର ଦୁର୍ଗାଶିଷ ପଟ୍ଟନାୟକଙ୍କ 'ବନ୍ଧ୍ୟା ଶ୍ରୀରାଧା', ଆର୍ତ୍ତବନ୍ଧୁ ଦାସଙ୍କ 'ସୁନ୍ଦର ମୋ ଗାଁ', ପ୍ରଫେସର ଅଜୟ ପାତ୍ରଙ୍କ 'ଟିକି ଦୁନିଆ', ସୁରେନ୍ଦ୍ର କୁମାର ବେହେରାଙ୍କ 'ହେବାରେ ଆମେ ଜଗତଜିତା', ସୁନନ୍ଦା ପାଣିଗ୍ରାହୀଙ୍କ 'ଛଇ ଛବିଳ' ଏବଂ ହରପ୍ରିୟା ପ୍ରଧାନ (ରାଉତରାୟ)ଙ୍କ 'ଲୋଟଣିପାରା' ପୁସ୍ତକ ଲୋକାର୍ପିତ ହୋଇଥିଲା। ଅପରାହ୍ନର ଦ୍ୱିତୀୟ ଅଧିବେଶନ ବିଶିଷ୍ଟ ଲେଖିକା କାନନ ବାଳା ପଟ୍ଟନାୟକଙ୍କ ସଭାପତିତ୍ୱ ଓ ମୁଖ୍ୟ ଉପଦେଷ୍ଟା ତଥା ସାହିତ୍ୟିକା ଶକୁନ୍ତଳା ବଳିଆର ସିଂହଙ୍କ ମୁଖ୍ୟଅତିଥିତ୍ୱରେ ଆରମ୍ଭ ହୋଇଥିଲା, ଯେଉଁଠାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କବିମାନେ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ କବି ପୂର୍ଣ୍ଣାନନ୍ଦ ମହାନ୍ତି, ରାଜଲକ୍ଷ୍ମୀ ତ୍ରିପାଠୀ, ନିନାଦିନୀ ମହାନ୍ତି ଓ ଡାକ୍ତର ସଂଯୁକ୍ତା ପରିଡ଼ା ସଂଯୋଜନା କରିଥିଲେ। ଅନୁଷ୍ଠାନର ସହ ସମ୍ପାଦକ ଅରୁଣ କୁମାର ମହାନ୍ତି, ପ୍ରଭାତ କୁମାର ଦାଶ, ସ୍ୱାତୀବାଳା ମହାପାତ୍ର, ଅମିତା କର, ଭାରତୀ ପରିଡ଼ା, ରାଜଶ୍ରୀ ନନ୍ଦ, ଆଶାଲତା ଦୀକ୍ଷିତ, ନମିତା ମହାନ୍ତି, ଅରୁଣା କର, ଗୀତାଞ୍ଜଳି ମହାନ୍ତି, ସଂଯୁକ୍ତା ସାହୁ, ଅଜିତ୍ ପାଣିଗ୍ରାହୀ, ମାନସ ରଞ୍ଜନ ସାହୁ, ପ୍ରଭାତ କୁମାର ବେହେରା, କେତନ ରଣା ଓ ପ୍ରୀତି ରଞ୍ଜନ ନାୟକ ପ୍ରମୁଖ ସଦସ୍ୟ ସମ୍ପୂର୍ଣ୍ଣ ସହଯୋଗ କରିଥିବା ବେଳେ ଶେଷରେ କାର୍ଯ୍ୟକାରୀ ସମ୍ପାଦକ ଜୟ ନାରାୟଣ ନନ୍ଦ ଧନ୍ୟବାଦ୍ ଦେଇଥିଲେ।









■ ରାଜ୍ୟ ସଂଗ୍ରହାଳୟରେ ରଜ ଉତ୍ସବର ଝଲକ

# ରଜ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ବନସ୍ତେ ଡାକିଲା ଗଜ...ବରଷକେ ଥରେ ଆସିଛି ରଜ...। ରବିବାର ଓଡ଼ିଶା ସଂସ୍କୃତି ଓ ପରମ୍ପରାର କୃଷିଭିତ୍ତିକ ଅନନ୍ୟ ଗଣପର୍ବ ରଜ ପର୍ବର ପ୍ରଥମ ଦିନ ତଥା ପହିଲି ରଜରେ ଏହି ଗୀତ ସାରା ଓଡ଼ିଶାରେ ଗୁଞ୍ଜରିତ ହୋଇଛି। ପିଠା ଖାଇ, ଦୋଳି ଖେଳି ଆନନ୍ଦ ଉଲ୍ଲାସ ସହ ରଜ ପାଳନ କରୁଛନ୍ତି ଓଡ଼ିଶାବାସୀ। ଗାଁଠୁ ସହର.. ସବୁଠି ପିଠା, ମିଠା ଆଉ ରଜପାନର ମହକ ସାଙ୍ଗକୁ ରଜ ମଉଜର ମାହୋଲ। ତେବେ ଏହି ଗଣପର୍ବକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।







ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, 'ଗଣପର୍ବ 'ରଜ' ଉପଲକ୍ଷେ ଦେଶବାସୀଙ୍କୁ, ବିଶେଷକରି ଓଡ଼ିଶାବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି। ବର୍ଷାଋତୁର ଏହି ଆବାହନୀ ଉତ୍ସବ ମାଟି, ମା ଓ ମେଘକୁ ସମ୍ମାନ ଜଣାଇ ପାଳନ କରାଯାଏ। ପିଠା, ପାନ ଓ ଦୋଳି ଖେଳର ଆସର ଭିତରେ ରଜ ଆମକୁ ପ୍ରକୃତି ସହିତ ମିଳିମିଶି ରହିବାର ବାର୍ତ୍ତା ଦେଇଥାଏ। ରଜ ପର୍ବର ଏହି ବିଶେଷତ୍ୱ ଆମକୁ ଦେଶ-ବିକାଶରେ ବ୍ରତୀ ହେବା ପାଇଁ ପ୍ରେରଣା ଦେବ ବୋଲି ମୋର ଆଶା। ରଜ ଅବସରରେ ମୁଁ ରାଜ୍ୟ ତଥା ଦେଶବାସୀଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଅଛି।'

ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି ସୋସିଆଲ ମିଡିଆ 'ଏକ୍ସ'ରେ ଲେଖିଛନ୍ତି, 'କୃଷିଭିତ୍ତିକ ଗଣପର୍ବ ରଜ ହେଉଛି ଓଡ଼ିଶାର ସଂସ୍କୃତି, ପ୍ରକୃତି, ପ୍ରଗତି ଏବଂ ପରମ୍ପରାର ମହାନ ପର୍ବ। ପରିବେଶ ସୁରକ୍ଷାର ବାର୍ତ୍ତା ଏହି ପର୍ବରେ ନିହିତ। ମା' ମାଟିର ମହନୀୟତାକୁ ପ୍ରତିପାଦିତ କରିବା ସହ ଭାଇଚାରା, ମୈତ୍ରୀ ଓ ସଦ୍ଭାବନାକୁ ସୁଦୃଢ଼ କରେ ଏହି ପର୍ବ। ହର୍ଷୋଲ୍ଲାସର ପର୍ବ ରଜ ଅବସରରେ ଓଡ଼ିଶାର ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।'

ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ରଜର ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପ୍ରତୀକ ରଜ ପର୍ବ ଅବସରରେ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ। ଓଡ଼ିଆ ସଂସ୍କୃତିର ଏହି ଏହି ମହାନ ପର୍ବ ଆମ ମାଟି ମା'ର ମହତ୍ତ୍ୱ, ମାତୃଶକ୍ତିର ସମ୍ମାନ ଏବଂ କୃଷିଭିତ୍ତିକ ସଭ୍ୟତାକୁ ପିଢି ପରେ ପିଢି ସମୃଦ୍ଧ କରିଆସିଛି। ଆସନ୍ତୁ, ଆମର ଏହି ଗୌରବମୟ ସଂସ୍କୃତିକୁ ବଜାୟ ରଖି ଘରେ ଘରେ ଉଲ୍ଲାସର ସ ?ହ ରଜ ପର୍ବ ପାଳନ କରିବା।"

ସରପଞ୍ଚ ଚାମେଲି ଓଝା ଘଟଣା

# 'ରିପୋର୍ଟ ଆସିଲେ ଆକ୍ସନ ନିଆଯିବ'

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ତିଖିରି ସରପଞ୍ଚ ଚାମେଲି ଓଝାଙ୍କ ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାକୁ ନେଇ ରବିବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଘଟଣାକୁ ନେଇ ରାଜ୍ୟ ସରକାର ସବିଶେଷ ତଥ୍ୟ ମାଗିଛନ୍ତି। ସ୍ଥାନୀୟ ଏସ୍‌ପି ଓ ପ୍ରଶାସନ ରିପୋର୍ଟ ଦେବା ପରେ ଘଟଣାର ସତ୍ୟତା କେତେ ଅଛି ଜଣାପଡ଼ିବ। ଗଣମାଧ୍ୟମ ତଥା ସୋସିଆଲ ମିଡିଆରେ ତାକୁ ନେଇ ଯେଉଁ ଖବର ଆସୁଛି ସେଥିରେ ସରକାର୍ ଅବଗତ ଅଛନ୍ତି। ଘଟଣାକୁ ନେଇ ସମ୍ପୂର୍ଣ୍ଣ ରିପୋର୍ଟ ଆସିବା ପରେ କିଏ ସମ୍ପୃକ୍ତ କାହାର ଦୋଷ ଅଛି ସ୍ୱଷ୍ଟତା ଆସିବ। କୌଣସି ଘଟଣା ଘଟିଲେ ତାକୁ ବିରୋଧୀ ରାଜନୈତିକ ରଙ୍ଗ ଦେବା ସ୍ୱାଭାବିକ। ଏହାକୁ ନେଇ ଏବେ ଟିପ୍ପଣୀ ଦେବା ଠିକ୍ ହେବ ନାହିଁ। ରିପୋର୍ଟ ଆସିଲେ ଯିଏ ସମ୍ପୃକ୍ତ ତାଙ୍କ ବିରୋଧରେ ଆକ୍ସନ ନିଆଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।





## ଗଣତନ୍ତ୍ର ରାଷ୍ଟ୍ରରେ କଦାପି ଶୋଭନୀୟ ନୁହେଁ: ନବୀନ

ସେପଟେ ଏହି ଘଟଣାକୁ ନିନ୍ଦା କରିବା ସହ ସମାଲୋଚନା କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନବୀନ ସୋସିଆଲ ମିଡିଆରେ ପୋଷ୍ଟ କରି ଲେଖିଛନ୍ତି କି, ଚାମେଲି ଓଝାଙ୍କ ଉପରେ ସର୍ବସମ୍ମୁଖରେ ସରକାରୀ କାର୍ଯ୍ୟାଳୟ ଭିତରେ ହୋଇଥିବା ଅକଥନୀୟ ଅତ୍ୟାଚାର ଗଣତନ୍ତ୍ର ରାଷ୍ଟ୍ରରେ କଦାପି ଶୋଭନୀୟ ନୁହେଁ।

# ଢେପାଗୁଡା ରିଜର୍ଭ ଫରେଷ୍ଟରେ ମାଓ ଡମ୍ପ ଠାବ

## ମାଓ ସାମଗ୍ରୀ, ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଉଦ୍ଧାର

**ରାୟଗଡ଼ା,୧୪।୬/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲା ଆମ୍ବଦଳା ଥାନା ଅନ୍ତର୍ଗତ ଢେପାଗୁଡା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ବନ୍ଧୁକ, ଗୁଳି ଓ ବିପୁଳ ପରିମାଣର ମାଓ ସାମଗ୍ରୀ ରାୟଗଡ଼ା ପୁଲିସ ଜବତ କରିଛି। ଆଜି ଜିଲ୍ଲା ପୁଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାୟଗଡା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ସାମ୍ବାଦିକ ସମ୍ମିଳନୀରେ ଏନେଇ ସୂଚନା ପ୍ରଦାନ କରିଛନ୍ତି। ଜିଲ୍ଲାରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ପଚରାଉଚରା ସମୟରେ ମିଳିଥିବା ତଥ୍ୟ ଅନୁଯାୟୀ ଆମ୍ବଦଳା ଥାନା ଅନ୍ତର୍ଗତ ଜଗଦଲପୁର ଆଉଟ ପୋଷ୍ଟ ଅଞ୍ଚଳରେ ୧୩ ଜୁନରେ ବଡ଼ ସର୍ଚ୍ଚ ଅପରେସନ୍ କରାଯାଇ ଏକ ଗୁପ୍ତ ଡମ୍ପରୁ ବିଭିନ୍ନ ପ୍ରକାର ମାଓ ସାମଗ୍ରୀ, ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଉଦ୍ଧାର କରାଯାଇଥିଲା। ଡିଭିଏଫ ଓ ଏସଓଜି ଯବାନଙ୍କ ମିଳିତ ଉଦ୍ୟମରେ କମ୍ବିଂ ଅଭିଯାନ କରିବା ସମୟରେ ଠାବ ହୋଇଥିଲା। ଜିଲ୍ଲା ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ସମ୍ଭାବ୍ୟ ଆଇଇଡି ଓ ବିସ୍ଫୋରକ ଖୋଜିବା ପାଇଁ ସତର୍କତାମୂଳକ ସନ୍ଧାନ କରିଥିଲେ ବୋଲି ଏସପି ରାଜ୍ ପ୍ରସାଦ ପ୍ରକାଶ କରିଛନ୍ତି।ଉଦ୍ଧାର ମାଓ ସାମଗ୍ରୀ ମଧ୍ୟରେ ଗୋଟି, ଥ୍ରୀ ନଟ ଥ୍ରୀ ରାଇଫଲ, ୩୭ ରାଉଣ୍ଡ ଅଫୁଟା ଗୁଳି,ଖାଲି ଥିବା ୧୨ଟି ବୋର କାର୍ତ୍ତିଜ, ଗୋଟିଏ ମାଗାଜିନ, ୮ ମିଟର ତାର, ପ୍ରାୟ ୫୦ଗ୍ରାମ ଗନ ପାଉଡ଼ର, ୫ବଣ୍ଡଲ କୋଡେକ୍ସ ତାର,ମାଓବାଦୀ ପୁସ୍ତକ ସହ ବ୍ୟକ୍ତିଗତ ଭାବେ ବ୍ୟବହାର କରୁଥିବା ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲେ। ବର୍ତ୍ତମାନ ଜିଲ୍ଲାରେ ମାଓ ଗତିବିଧି ନଥିଲେ ମଧ୍ୟ ସୁରକ୍ଷା ଦୃଷ୍ଟିରୁ କମ୍ବିଂ ଓ ସର୍ଚ୍ଚ ଅପରେସନ୍ ଜାରି ରହିଛି। ଜାନୁଆରୀ ୨୦୨୫ରୁ ୩୧ ମାର୍ଚ୍ଚ ୨୦୨୬ ମଧ୍ୟରେ ମାଓ ସଂଗଠନର ରାଜ୍ୟ କମିଟି ସଦସ୍ୟ ନିଖିଲ ଓ ଇନ୍ଦୁଙ୍କ ସହିତ ମୋଟ ୧୫ ଜଣ ମାଓବାଦୀ ରାୟଗଡା ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ଭବିଷ୍ୟତରେ ମାଓ କାର୍ଯ୍ୟକଳାପକୁ ରୋକିବା ପାଇଁ ଏସଓଜି , ଡିଭିଏଫ ଓ ସିଆରପିଏଫ ପକ୍ଷରୁ ଜିଲ୍ଲାର ଜଙ୍ଗଲ ଅଞ୍ଚଳରେ ନିୟମିତ ଭାବରେ କମ୍ବିଂ ଏବଂ ସର୍ଚ୍ଚ ଅପରେସନ୍ ଜାରି ରହିବ ବୋଲି ଏସପି ରାଜ୍ ପ୍ରସାଦ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏସଡିପିଓ ଗୌରହରୀ ସାହୁ, ଡିଆଇଓସି ଆସିଷ୍ଟାଣ୍ଟ କାମାଣ୍ଡେଣ୍ଟ ଲକ୍ଷ୍ମୀ ନାରାୟଣ ମାଝୀ, ଏସଆଇ ଦିନେଶ କହଁରଙ୍କ ସମେତ ଇନ୍ସପେକ୍ଟର ଅବିନାଶ ରେଡ୍ଡୀ, ଆରଆଇ କବିବର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।



ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେପିର ବ୍ଲୁପ୍ରିଣ୍ଟ୍

# 'ଦୁଇ ବର୍ଷର ସଫଳତାକୁ ନେଇ ଲୋକଙ୍କ ପାଖକୁ ଯିବୁ'

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ଦୁଇ ବର୍ଷର ସଫଳତାକୁ ନେଇ ପଞ୍ଚାୟତ ନିର୍ବାଚନରେ ଲୋକଙ୍କ ପାଖକୁ ଯିବ ବିଜେପି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତ ନେଇ ବିଜେପି କ୍ୟାମ୍ପ ଉତ୍ସାହିତ। ଆସନ୍ତା ୨୦ ତାରିଖରେ ରାଇରଙ୍ଗପୁର ଗସ୍ତରେ ଆସିବେ ପ୍ରଧାନମନ୍ତ୍ରୀ। ରାଇରଙ୍ଗପୁରରେ ଆୟୋଜିତ ସାଧାରଣ ସଭାରେ ଯୋଗ ଦେଇ ଉଦବୋଧନ ଦେବେ ମୋଦୀ। ଏହାକୁ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ସେପଟେ ଓଡ଼ିଶାରେ ବିଜେପି ସରକାର ଦୁଇ ବର୍ଷ ପୂରଣ ହୋଇଛି। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ ଏହି ଦୁଇ ବର୍ଷ ଭିତରେ ଯାହା କହିଥିଲୁ ତାକୁ ପୂରା କରିଛୁ। ଆଗାମୀ ତିନି ବର୍ଷ ଆମ ପାଇଁ ଚ୍ୟାଲେଞ୍ଜ। ଯେଉଁ ଚ୍ୟାଲେଞ୍ଜ ରହିଛି ବିଜେପି ସରକାର ତାକୁ ମଧ୍ୟ ପୂରା କରିବେ। ଦୁଇ ବର୍ଷର ସଫଳତାକୁ ନେଇ ପଞ୍ଚାୟତ ନିର୍ବାଚନରେ ଲୋକଙ୍କ ପାଖକୁ ଯିବୁ ବୋଲି ଶ୍ରୀ ସାମଲ କହିଛନ୍ତି।



ଅନ୍ୟପକ୍ଷରେ ୨୦୨୭ରେ ପଞ୍ଚାୟତ ନିର୍ବାଚନ। ରାଜ୍ୟରେ ଶାସକ ଦଳ ସହିତ ଦୁଇ ବିରୋଧୀ ଦଳ ଆସନ ସଂରକ୍ଷଣ କରିବା ପାଇଁ ସଜବାଜ ହେଲେଣି। ପଞ୍ଚାୟତ ନିର୍ବାଚନ ପାଇଁ ସବୁ ଜିଲ୍ଲାପାଳଙ୍କୁ ପଞ୍ଚାୟତିରାଜ ବିଭାଗ ଚିଠି କରିସାରିଛି। ୱାର୍ଡମେମ୍ବର, ସମିତି ସଭ୍ୟ, ସରପଞ୍ଚ ଏବଂ ଜିଲ୍ଲା ପରିଷଦ ସଦସ୍ୟ ପାଇଁ ସଂରକ୍ଷଣ ସ୍ଥିର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେବେ ରାଜ୍ୟସଭା ନିର୍ବାଚନରେ ବିଜେଡି ଏବଂ କଂଗ୍ରେସ ଦୁଇ ଦଳ ମିଳିତ ପ୍ରାର୍ଥୀ ଦେଇଥିଲେ। ତେଣୁ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦୁଇ ଦଳ ଏକାଠି ହୋଇ ଶାସକ ଦଳକୁ ଚେକ୍ ଦେଇ ପାରନ୍ତି ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କିନ୍ତୁ ଏବେ ରାଜ୍ୟ ରାଜନୀତିରେ ଚିତ୍ର ବଦଳିଛି। ଅନ୍ତ କନ୍ଦଳ ଯୋଗୁଁ ବିଜେଡି ଭାଗ ଭାଗ ହୋଇଛି। ଅସନ୍ତୁଷ୍ଟ ଗୋଷ୍ଠୀ ମାନେ ବିଜୁ ଲିଗାସୀ ଦ୍ୱାହି ଦେଇ ବିଜେଡିରୁ ମୁହଁ ଫେରାଇଛନ୍ତି। ଖୁବ୍ ଶୀଘ୍ର ରାଜ୍ୟ ରାଜନୀତିରେ ନୂଆ ସମୀକରଣ ଦେଖିବାକୁ ମିଳିବ ବୋଲି ଚର୍ଚ୍ଚା ହେଉଛି। ଏହାରି ଭିତରେ ବିଜେଡି ସୁପ୍ରିମୋ ଏକ ବୈଠକ ଡକାଇଥିଲେ। ପଞ୍ଚାୟତ ଏବଂ ପୌର ନିର୍ବାଚନ ପାଇଁ ନବୀନ ପଟ୍ଟନାୟକ ବୁଲିବେ। କିନ୍ତୁ ଶାସକ ଦଳ ପଞ୍ଚାୟତ ନିର୍ବାଚନରେ କେମିତି ସଫଳ ହେବ ସେନେଇ ରଣନୀତି ପ୍ରସ୍ତୁତ କରିସାରିଛି। ନିକଟରେ ମଣ୍ଡଳ ସ୍ତରୀୟ ବୈଠକ, ଜିଲ୍ଲା ପ୍ରଭାରୀ ,ଜିଲ୍ଲା ସଭାପତିଙ୍କୁ ନେଇ ବଡ଼ ବୈଠକ ବସିଥିଲା। ଏହା ସହିତ ପ୍ରଶିକ୍ଷଣ ଶିବିର ମଧ୍ୟ ଅନୁଷ୍ଠିତ ହୋଇଯାଇଛି।

ସୀମା ଟପିଲା ଇସ୍କନର ଔଦ୍ଧତ୍ୟ

# ଅଦିନିଆ ରଥଯାତ୍ରାକୁ ବିରୋଧ କରିବାରୁ ଗାଳି

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ଅଦିନିଆ ରଥଯାତ୍ରାକୁ ବିରୋଧ କଲେ ଗାଳି କରୁଛି ଇସ୍କନ। ଜଗନ୍ନାଥପ୍ରେମୀ ଓ ଓଡ଼ିଆଙ୍କୁ ଟାର୍ଗେଟ୍ କରି ଅଶାଳୀନ ଓ ଅପମାନଜନକ ଭାଷା ପ୍ରୟୋଗ କରାଯାଉଛି। ଏମିତିକି ଡଗ୍ ବା କୁକୁର ବୋଲି ବି କହିବାକୁ ପଛାଉ ନାହାନ୍ତି ଇସ୍କନ ଓ ଇସ୍କନ୍ ଅନୁଗାମୀ। ଯାହାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ହୋଇଛି ପ୍ରତିକ୍ରିୟା।

ଥରେ କି ୧୦ ଥର ନୁହେଁ, ବାରମ୍ବାର କୋଟି ଓଡ଼ିଆଙ୍କ ମଉଡ଼ମଣିଙ୍କୁ ଅସମ୍ମାନ କରିଚାଲିଛି ଇସ୍କନ। ଅଦିନରେ, ଅତିଥିରେ ରଥ ଗଡ଼ାଉଛି ପୁଣି ବିଶ୍ୱନିୟନ୍ତାଙ୍କୁ ରାସ୍ତାରେ ବସାଇଦେଉଛି। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ନମାନି ମନମାନୀ ଚଳାଇଥିବା ଇସ୍କନ ବିରୋଧରେ ଓଡ଼ିଶାରୁ ଆମେରିକା ଯାଏଁ ଆକ୍ରୋଶ ବଢିଛି। ବିଦେଶରେ ଯେଉଁଠି ଅଦିନିଆ ରଥଯାତ୍ରା ହେଉଛି ତୀବ୍ର ବିରୋଧ କରୁଛନ୍ତି ପ୍ରବାସୀ ଓଡ଼ିଆ। ହେଲେ ଇସ୍କନ ସୁଧୁରିବ କ'ଣ, ଓଲଟି ଜବାବ ଦେବାକୁ ଲଗାଇଦେଇଛି ଟ୍ରୋଲ୍ ଆର୍ମୀ। ସୋସିଆଲ୍ ମିଡିଆରେ ଅଦିନିଆ ରଥଯାତ୍ରାକୁ ନେଇ ଆପତ୍ତି ଉଠାଉଥିବା ଓଡ଼ିଆଙ୍କୁ ଖୋଲମଖୋଲା ଅଶ୍ରାବ୍ୟ ଭାଷା ପ୍ରୟୋଗ କରୁଛନ୍ତି ଇସ୍କନ ଅନୁଗାମୀ। ଏମିତି ମାଳମାଳ କମେଣ୍ଟ ମାଧ୍ୟମରେ ଟାର୍ଗେଟ୍। ଯାହାକୁ ନେଇ ଚାରିଆଡ଼େ ପ୍ରକାଶ ପାଉଛି ତୀବ୍ର ଅସନ୍ତୋଷ।

ଇସ୍କନର ଅଭଦ୍ର ଆଚରଣ ଓ ଜଗନ୍ନାଥ ସଂସ୍କୃତି ବିରୋଧୀ ଷଡ଼ଯନ୍ତ୍ରକୁ ନେଇ ଏକଦମ୍ ଖପ୍ପା ହେଲେଣି ରାଜ୍ୟବାସୀ ଓ ସେବାୟତ। ବିଳମ୍ବ ନକରି ତୁରନ୍ତ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀକ୍ଷେତ୍ରରୁ ବିଦେଶ ଯାଏଁ ସ୍ୱର ତୀବ୍ର ହେଲାଣି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କହିଛନ୍ତି, ଜଗନ୍ନାଥଙ୍କ ପ୍ରକୃତ ଭକ୍ତ କେବେ ବି କାହାକୁ ଉଦ୍ଦେଶ୍ୟମୂଳକ ଭାବେ ଆଘାତ ଦେଇପାରିବେନି। ସେପଟେ ଆଇନ ମନ୍ତ୍ରୀଙ୍କ କହିବା କଥା, ଅସଭ୍ୟ ଭାଷାର କମେଣ୍ଟ ଲେଖାଥିବା ଫଟୋ ବାସ୍ତବ ନା ଏଆଇ ଦ୍ୱାରା ବନାଯାଇଛି ସେନେଇ ସ୍ପଷ୍ଟ ହୋଇପାରିନି। ଏଣୁ ଘଟଣାର ଅନୁଧ୍ୟାନ ପରେ ପଦକ୍ଷେପ ଗ୍ରହଣ କରାଯିବ।

ବିଦେଶରେ ଧର୍ମଦ୍ରୋହୀ କାମ ଜାରି ରଖିଛି ଇସ୍କନ। ଗତକାଲି ଜର୍ମାନୀରେ ସ୍ୱୟଂ ଜଗନ୍ନାଥଙ୍କୁ ରାସ୍ତା କଡ଼ରେ ଛତା ତଳେ ବସାଇଦେଇଥିଲେ। ରଥଯାତ୍ରା ନାଁରେ ଉତ୍ସବ ପାଳୁଥିଲେ ମଧ୍ୟ ଜଗତର ମୁରବୀଙ୍କୁ ରଥ ପରିବର୍ତ୍ତେ ରାସ୍ତାରେ ବସାଇବାକୁ ନେଇ ଚାରିଆଡ଼େ ଉଦବେଗ ପ୍ରକାଶ ପାଇଛି। ସେହିପରି ଆମେରିକା ନ୍ୟୁୟର୍କରେ ମଧ୍ୟ ଅଦିନରେ ଗଡ଼ିଛି ରଥ। ଦୁଇଦିନ ତଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମୋହନ ମାଝୀ କହିଥିଲେ, ବିଧର୍ମୀ ଇସ୍କନ ବିରୋଧରେ ଆବଶ୍ୟକ ସବୁ ପଦକ୍ଷେପ ନିଆଯିବ। ତେବେ ବାସ୍ତବରେ କେବେ ଇସ୍କନ ବିରୋଧରେ ହେବ ଆକ୍ସନ ? ମର୍ଯ୍ୟାଦା ଭୁଲିଯାଉଥିବା ବିଧର୍ମୀ ଇସ୍କନକୁ କେବେ ଉଚିତ୍ ଶିକ୍ଷା ମିଳିବ ? ତେବେ ପୂରା ଘଟଣା ନେଇ ଇସ୍କନର ପ୍ରତିକ୍ରିୟା ମିଳିପାରି ନଥିବାବେଳେ ରାଜ୍ୟ ସରକାରଙ୍କ ଆଗାମୀ ପଦକ୍ଷେପ ଉପରେ ଏବେ ନଜର ରହିଛି।

# ସୋସିଆଲ୍ ମିଡିଆରେ ସେକ୍ସ ସିଣ୍ଡିକେଟ୍ ଜାଲ

## ବନ୍ଧା ହେଲେ ୪ ଦଲାଲ୍

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ସୋସିଆଲ୍ ମିଡ଼ିଆରେ ବିଛା ଯାଇଛି ସେକ୍ସ ସିଣ୍ଡିକେଟର ଜାଲ। ଏସକର୍ଟ ସର୍ଭିସ୍ ନାଁରେ ଚାଲିଛି ବେଆଇନ କାରବାର। ଯାହାକୁ ନେଇ ବନ୍ଧା ହେଲେ ୪ ଦଲାଲ। ଯେଉଁମାନେ ହେଲେ କଟକ ଜିଲ୍ଲା କୁଳଶ୍ରୀର ମିଞ୍ଜି ଭୋଇ, ଖୋର୍ଦ୍ଧା କୋକସିଂହ ଗାଁର ଉମାକାନ୍ତ ଦଳାଇ ଓରଫ୍ ବାବୁନି, ବାଜପୁରର ଚିତ୍ତରଞ୍ଜନ ମହାନ୍ତି ଓରଫ୍ ପେନୁ ଏବଂ ନୟାଗଡ଼ ନାଗମୁଣ୍ଡଳୀର ତୋଫାନ ପ୍ରଧାନ। ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଏମାନେ ବିଭିନ୍ନ ସୋସିଆଲ୍ ମିଡ଼ିଆ ଆକାଉଣ୍ଟରୁ ସୁନ୍ଦରୀ ଝିଅଙ୍କ ଫଟୋ ସଂଗ୍ରହ କରି ବ୍ୟବହାର କରୁଥିଲେ ନିଜ ନେଟୱାର୍କରେ। ଆଉ ଗ୍ରାହକଙ୍କୁ ଟାଣୁଥିଲେ। ଶେଷରେ କଳିଙ୍ଗନଗର ଅଞ୍ଚଳର ଜଣେ ଲେଡି ଆଇନଜୀବୀଙ୍କ ଫଟୋର ବ୍ୟବହାର କରିବା ପଡ଼ିଲା ମହଙ୍ଗା। ତମାଣ୍ଡୋ ଥାନାରେ ଅଭିଯୋଗ ପରେ ଫିଟିଲା ଗୁମର।

ପ୍ରକାଶ ଯେ ୱେବ୍ ପେଜ ମାଧ୍ୟମରେ ମାଳ ମାଳ ଯୁବତୀଙ୍କ ମିଛି ମିଛିକା ଫଟୋକୁ ବ୍ୟବହାର କରି ଗ୍ରାହକଙ୍କୁ ଆକୃଷ୍ଟ କରୁଥିଲେ ଉମା ଦଳାଇ ଆଣ୍ଡ କୋ। ଶେଷରେ ଜଣେ ଲେଡି ଆଇନଜୀବୀଙ୍କ ଫଟୋକୁ ବି ଲଗାଇଦେଇଥିଲେ ନିଜର ଏକ ପେଜରେ। ଏହାପରେ ଦେହଧନ୍ଦା ନାଁରେ ଜାଲ ବିଛାଇଥିବା ଦଲାଲଙ୍କୁ ପାନେ ଚଖାଇବା ଲାଗି ନିଜର ଜଣେ ପୁରୁଷ ବନ୍ଧୁ ସହାୟତାରେ ମିଶନ୍ ଆରମ୍ଭ କଲେ ଲେଡି ଆଇନଜୀବୀ। ହ୍ୱାଟ୍ସଆପରେ ଆରମ୍ଭ ହେଲା କଥାବାର୍ତ୍ତା। ଚାଲିଲା ମୂଲଚାଲ୍। ଧାର୍ଯ୍ୟ ହେଲା ରେଟ୍, ଟାଇମ୍ ସହ ଲୋକେସନ୍। ବାସ୍ ତା'ପରେ ଧରପଗଡ଼ ପାଇଁ ପୁଲିସ ଉପସ୍ଥିତିରେ ହେଲା ଯୋଜନା। ଲେଡି ଆଇନଜୀବୀଙ୍କ ପୁରୁଷ ବନ୍ଧୁ କଲ୍ କଲେ ଉମା ଦଳାଇର ଗ୍ରୁପକୁ। ଆଉ ଉମା ଦଳାଇ ଡକାଇଥିଲା ଲିଙ୍ଗିପୁର ଲୋକେସନକୁ। ସେହି ଅନୁଯାୟୀ ପୁଲିସ ପହଞ୍ଚି ଏହି ଗ୍ୟାଙ୍ଗକୁ ଧରିବା ସହ ସେକ୍ସ ରାକେଟର ଗୁମର ଖୋଲିଥିଲା। କମିଶନରେଟ୍ ପୁଲିସ, ଖୋଳତାଡ଼ ସମୟରେ ସ୍କ୍ରିନସଟ, ଚାଟ୍ ରେକର୍ଡ, ମୋବାଇଲ ନମ୍ବର, ୟୁପିଆଇ କାରବାର ସମ୍ବନ୍ଧୀୟ ତଥ୍ୟ ଓ ଅନ୍ୟାନ୍ୟ ଡିଜିଟାଲ ପ୍ରମାଣ ସଂଗ୍ରହ କରୁଛି।

ସରକାର ଆଣିଲେ ନୂଆ ରେଣ୍ଟାଲ୍ ହାଉସିଂ ପଲିସି

# ସହରାଞ୍ଚଳବାସୀଙ୍କୁ ଯୋଗାଇ ଦିଆଯିବ ଭଡ଼ା ଘର

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ସହରାଞ୍ଚଳବାସୀଙ୍କୁ ଯୋଗାଇ ଦିଆଯିବ ଭଡ଼ା ଘର। ରାଜ୍ୟର ସହରାଞ୍ଚଳରେ ବାସସ୍ଥାନ ସମସ୍ୟା ଦୂର କରିବା ଏବଂ ଭଡ଼ାଟିଆଙ୍କୁ ସୁଲଭ ମୂଲ୍ୟରେ ଘର ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ନୂଆ ରେଣ୍ଟାଲ ହାଉସିଂ ପଲିସି ଆଣିଛନ୍ତି।

ଏନେଇ ନଗର ଉନ୍ନୟନ ମନ୍ତ୍ରୀ ପ୍ରତିକ୍ରିୟା ରଖି କହିଛନ୍ତି ଯେ ଭଡ଼ାରେ ଘର ଯୋଗାଇ ଦେବାକୁ ସରକାର ଏହି ପଲିସି ଆଣିଛନ୍ତି। ରାଜଧାନୀକୁ ଅନେକ ଲୋକ ଆସୁଛନ୍ତି, ସେମାନଙ୍କୁ ଭଡ଼ା ଘର ମିଳୁନି, ତେଣୁ ବସ୍ତି ବଢୁଛି। ସହରରେ ବସ୍ତି ନ ବଢ଼ିବା ପାଇଁ ଭଡ଼ାରେ ଘର ଯୋଗାଇ ଦେବେ ସରକାର। ଏଥିସହ ସରକାର ଆୱାସ ଯୋଜନାରେ ଘର କରି ଭଡ଼ାରେ ଦେବେ। ସବୁ ସହରାଞ୍ଚଳରେ ରେଣ୍ଟାଲ ହାଉସ୍ ତିଆରି କରାଯିବ। ଅବ୍ୟବହୃତ ଘର ଚିହ୍ନଟ କରି କମ୍ ରେଟ୍ ରେ ଭଡ଼ା ଦିଆଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀ କହିଛନ୍ତି ଯେ, ବିଶେଷକରି ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସହରକୁ ପ୍ରତିଦିନ ବହୁ ଲୋକ ରୋଜଗାର, ଶିକ୍ଷା ଓ ବ୍ୟବସାୟିକ କାରଣରୁ ଆସୁଛନ୍ତି। କିନ୍ତୁ ସେମାନଙ୍କ ପାଇଁ ସୁଲଭ ଦରରେ ଭଡ଼ା ଘର ଉପଲବ୍ଧ ହେଉ ନ ଥିବାରୁ ବସ୍ତି ବସତି ବୃଦ୍ଧି ପାଉଛି। ଏହି ସମସ୍ୟାର ସମାଧାନ ପାଇଁ ସରକାର ରେଣ୍ଟାଲ ହାଉସିଂ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଛନ୍ତି।



ତାଙ୍କ କହିବା ଅନୁଯାୟୀ, ରାଜ୍ୟର ସମସ୍ତ ସହରାଞ୍ଚଳରେ ପର୍ଯ୍ୟାୟକ୍ରମେ ରେଣ୍ଟାଲ ହାଉସ୍ ନିର୍ମାଣ କରାଯିବ। ଏଥିସହ ସରକାରୀ ଆବାସ ଯୋଜନା ଅଧୀନରେ ନିର୍ମିତ ଘରଗୁଡ଼ିକୁ ମଧ୍ୟ ଭଡ଼ାରେ ଦିଆଯିବାର ବ୍ୟବସ୍ଥା କରାଯିବ। ଫଳରେ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଲୋକମାନେ ସହଜରେ ଘର ପାଇପାରିବେ।ନୂଆ ପଲିସିରେ ଅବ୍ୟବହୃତ ଓ ଖାଲି ପଡ଼ିଥିବା ଘରଗୁଡ଼ିକୁ ମଧ୍ୟ ଚିହ୍ନଟ କରାଯିବ। ଏହି ଘରଗୁଡ଼ିକୁ ନିର୍ଦ୍ଧାରିତ ପ୍ରକ୍ରିୟାରେ ସାମିଲ କରି କମ୍ ଦରରେ ଭଡ଼ାରେ ଦେବା ପାଇଁ ସରକାର ବ୍ୟବସ୍ଥା କରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ସହରାଞ୍ଚଳରେ ବସ୍ତି ବୃଦ୍ଧିକୁ ନିୟନ୍ତ୍ରଣ କରିବା ସହିତ ଶ୍ରମିକ, ଛାତ୍ରଛାତ୍ରୀ, କର୍ମଚାରୀ ଓ ନିମ୍ନ ଆୟ ବର୍ଗର ପରିବାରମାନଙ୍କୁ ସୁରକ୍ଷିତ ଓ ସୁଲଭ ବାସସ୍ଥାନ ଯୋଗାଇ ଦେବା ସମ୍ଭବ ହେବ ବୋଲି ସରକାର ଆଶା ପ୍ରକାଶ କରିଛନ୍ତି। ରାଜ୍ୟରେ ଦ୍ରୁତ ସହରୀକରଣ ଓ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ନୂଆ ରେଣ୍ଟାଲ ହାଉସିଂ ନୀତି ସହରାଞ୍ଚଳର ଆବାସ ସମସ୍ୟା ସମାଧାନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନେ କରାଯାଉଛି।

# ରଜ ପର୍ବରେ ବୁଗୁଡ଼ା ଅଞ୍ଚଳ ଉତ୍ସବ ମୁଖର



**ବୁଗୁଡ଼ା,୧୪।୬/ଏନ୍‌ଏନ୍‌ଏସ୍:** ମାତୃଜାତି ମଧ୍ୟରେ ଉତ୍ସାହ, ଉଦ୍ଦୀପନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ତିନି ଦିନ ଧରି ପାଳନ କରାଯାଉଥିବା ରଜ ପର୍ବର ପହିଲି ରଜରେ ବୁଗୁଡ଼ା ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଛି । ଚଳିତ ବର୍ଷ ବୁଗୁଡ଼ାର ଗ୍ରାମାଞ୍ଚଳ ସାଙ୍ଗକୁ ସହରାଞ୍ଚଳ ମଧ୍ୟ ଉତ୍ସବ ମୁଖର ହୋଇ ଉଠିଛି । ଅଞ୍ଚଳର ଶିଶୁ ଠାରୁ ଆରମ୍ଭ କରି କୁଆଁରୀ ଓ ବିବାହିତ ଯୁବତୀମାନେ ନୂତନ ପୋଷାକ ପରିଧାନ କରି ସାଙ୍ଗସାଥି ମେଳରେ ଗୀତ ଗାଇ ଦୋଳି ଖେଳର ଆନନ୍ଦ ଉପଭୋଗ କରିବା ସହ ପରସ୍ପରକୁ ବିଭିନ୍ନ ପ୍ରକାର ପିଠାପଣାରେ ଆପ୍ୟାୟିତ କରି ମଜା ନେଉଛନ୍ତି । ଏଥି ସହ ରଜ ମଉଜ କାଳରେ ମିଠା ପାନର ଚାହିଦା ବୃଦ୍ଧି ପାଇଥିବା ବେଳେ ବିଶେଷକରି ଗ୍ରାମାଞ୍ଚଳରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ କ୍ରୀଡା କୌତୁକର ଆସର ମଧ୍ୟ ଦେଖିବାକୁ ମିଳିଛି ।

# ଏବିଭିପି ପକ୍ଷରୁ ନୂତନ ଏସ୍‌ପିଙ୍କୁ ସ୍ୱାଗତ

**ଫୁଲବାଣୀ,୧୪।୬/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲାର ନୂତନ ଆରକ୍ଷୀ ଅଧୀକ୍ଷକ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ରମେନ୍ଦ୍ର ପ୍ରସାଦଙ୍କୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କନ୍ଧମାଳ ଜିଲ୍ଲା ଶାଖା ପକ୍ଷରୁ ସୌଜନ୍ୟମୂଳକ ସାକ୍ଷାତ କରାଯିବା ସହ ଏକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି । ଏହି ସୌଜନ୍ୟମୂଳକ ସାକ୍ଷାତକାର ସମୟରେ ଜିଲ୍ଲାର ଶିକ୍ଷାୟତନଗୁଡ଼ିକର ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି କଲେଜ କ୍ୟାମ୍ପସଗୁଡ଼ିକରେ ଶାନ୍ତିପୂର୍ଣ୍ଣ ଶୈକ୍ଷିକ ବାତାବରଣ ବଜାୟ ରଖିବା, ଛାତ୍ରୀମାନଙ୍କର ସୁରକ୍ଷା ପାଇଁ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଏବଂ ସହର ତଥା ଗ୍ରାମାଞ୍ଚଳରେ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟର କରାଳ ଗ୍ରାସରୁ ରକ୍ଷା କରିବା ଦିଗରେ ପୋଲିସ ପ୍ରଶାସନ ପକ୍ଷରୁ ଦୃଢ଼ ପଦକ୍ଷେପ ନେବାକୁ ପରିଷଦ ତରଫରୁ ଅନୁରୋଧ କରାଯାଇଛି । ନୂତନ ଏସପି ଛାତ୍ରମାନଙ୍କର ଏହି ସକାରାତ୍ମକ ଆଭିମୁଖ୍ୟକୁ ପ୍ରଶଂସା କରିବା ସହ ଜିଲ୍ଲାର ସୁରକ୍ଷା ଓ ପ୍ରଗତି ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ଆଶ୍ୱାସନା ଦେଇଛନ୍ତି । କାର୍ଯ୍ୟକ୍ରମରେ ଏବିଭିପି କନ୍ଧମାଳ ଜିଲ୍ଲାର ପ୍ରମୁଖ କାର୍ଯ୍ୟକର୍ତ୍ତା,ବିଭାଗ ସଂଗଠନ ସମ୍ପାଦକ ଚନ୍ଦନ କୁମାର ମାଇତି, ବିଭାଗ ସଂଯୋଜକ ରୁଦ୍ର ପ୍ରସାଦ ସେଠୀ, ଜିଲ୍ଲା ସହ ସଂଯୋଜକ ଶୁଭମ ଜ୍ୟୋତି ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୀଳକଣ୍ଠ ନାୟକ, ନଗର ସମ୍ପାଦକବିଶ୍ୱଜିତ୍ ସାମନ୍ତରା ,ନଗର ସହ ସମ୍ପାଦକ ରାକେଶ ସାମଲ ଙ୍କ ସମେତ କାର୍ଯ୍ୟକର୍ତ୍ତା ଅଙ୍କିତ ବିଶୋୟୀ, ପ୍ରବୀଣ କହଁର, ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ ।

# ରଜ ପର୍ବକୁ ନେଇ ଗାଁଠୁ ସହର ଉତ୍ସବମୁଖର

## ରଜପାନ ସହିତ ପାରମ୍ପରିକ ପିଠାର ଆସର ଜମିଲା



**ବ୍ରହ୍ମପୁର,୧୪।୬/ଏନ୍‌ଏନ୍‌ଏସ୍:** ଓଡିଆଙ୍କ ବିଭିନ୍ନ ପର୍ବପର୍ବାଣୀ ମଧ୍ୟରେ ରଜ ପର୍ବ ଅନ୍ୟତମ । ଆଜି ରଜ ପର୍ବର ପ୍ରଥମ ଦିନ ପହଲି ରଜରେ ସମଗ୍ର ବ୍ରହ୍ମପୁର ସହର ସମେତ ଗ୍ରାମାଞ୍ଚଳ ଉତ୍ସବମୁଖର ହୋଇ ଉଠିଛି । ସହରର ମହିଳା, ଯୁବତୀ ଏବଂ କୁନି କୁନି ଝିଅମାନେ ପରସ୍ପରକୁ ରଜ ପର୍ବର ଅଭିନନ୍ଦନ ଜଣାଇଥିଲେ । ନୂଆଁ ପୋଷାକ ପରିଧାନ କରିବା ସହ ପାଦରେ ଅଳତା ଲଗାଇ ରଜ ପାନ ଖାଇ ରଜ ଦୋଳି ଖେଳିଥିଲେ । ଆଉ ରଜ ଗୀତ ଗାଇ ବେଶ ଉତ୍ସାହର ସହିତ ପାଳିଥିଲେ ପର୍ବ । ଅବଶ୍ୟ ବ୍ରହ୍ମପୁର ସହରରେ ବର୍ତ୍ତମାନ ଆଉ ସେତେଟା ରଜ ଦୋଳି ଦେଖିବାକୁ ମିଳିନଥିବା ବେଳ ଗାଁ ଗହଳିରେ କିନ୍ତୁ ରଜ ପର୍ବର ଆସର ଜମିଥିଲା । ରଜ ପର୍ବକୁ ଚାରିଦିନ ଧରି ପାଳନ କରାଯାଉଥିବା ବେଳେ ଆଜି ସୁରଭି ଅନୁଷ୍ଠାନ ପକ୍ଷରୁ ପହିଲି ରଜ ପାଳନ ପାଳନ କରାଯିବା ସହ ଆମ ଓଡ଼ିଆ ପରମ୍ପରା ଏବଂ ରୀତିନୀତିକୁ ସୁଦୃଢ ପାଇଁ ପ୍ରୟାସ କରାଯାଇଥିଲା । ସୁରଭି ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ଉଷାରାଣୀ ପଟ୍ଟନାୟକଙ୍କ ତତ୍ୱାବଧାନ ଆୟୋଜିତ ହୋଇଥିଲା କାର୍ଯ୍ୟକ୍ରମ । ସେହିପରି ଗୋପାଳପୁରରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି)ପକ୍ଷରୁ ରଜ ପର୍ବକୁ ଧୁମ୍‌ଧାମରେ ପାଳନ କରାଯାଇଥିଲା । ଗୋପାଳପୁର ସମୁଦ୍ରକୂଳରେ ଅବସ୍ଥିତ ପାନ୍ଥନିବାସରେ ପାରମ୍ପରିକ ରଜ ଦୋଳି, ଆମ୍ବ ପତ୍ର, ଫୁଲ ମାଳା,ତୋରଣ ଓ ଝୋଟି ଚିତାରେ ସୁସଜ୍ଜିତ କରାଯାଇଥିଲା । ସମୁଦ୍ରକୂଳର ମନୋରମ ପରିବେଶ ମଧ୍ୟରେ ପର୍ଯ୍ୟଟକମାନେ ରଜ ଦୋଳି ଖେଳିବା ସହ ଲୁଡୋ, ପୁଚି, କଉଡ଼ି ଭଳି ଖେଳର ଆନନ୍ଦ ନେଇଥିଲେ । ପରେ ପାରମ୍ପରିକ ପୋଡ଼ପିଠା, ମଣ୍ଡାପିଠା, କାକରା, ଆଡ଼ିସା ପିଠା, ରଜ ପାନ, ଚକୁଳି ସହ ବ୍ରହ୍ମପୁରର ପ୍ରସିଦ୍ଧ ପଣା ପର୍ଯ୍ୟଟକଙ୍କୁ ପରିବେଷଣ କରାଯାଇଥିଲା । ସନ୍ଧ୍ୟାରେ ଗୋପାଳପୁର ବେଳାଭୂମିରେ ରଜ ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା

# ଉପକୃତ ହେବେ ଆସିକାର ଲକ୍ଷାଧିକ ହିତାଧିକାରୀ

**ଆସିକା,୧୪।୬/ଏନ୍‌ଏନ୍‌ଏସ୍:** ଖାଦ୍ୟ ସୁରକ୍ଷାର ସୁନିଶ୍ଚିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ଲୋକାଭିମୁଖୀ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଆସିକା ବ୍ଲକ ପରିସରଭୁକ୍ତ ୨୭ଟି ପଞ୍ଚାୟତ ଓ ପୌର ପରିଷଦ ଅଧୀନସ୍ଥ ୧୮ଟି ୱାର୍ଡର ସମୁଦାୟ ୧ ଲକ୍ଷ ୩୭ ହଜାର ୯୪୪ ଜଣ ହିତାଧିକାରୀ ଉପକୃତ ହେବେ ବୋଲି ଯୋଗାଣ ନିରୀକ୍ଷକ ସର୍ମିଷ୍ଠା ଦଳବେହେରା ସୂଚନା ଦେଇଛନ୍ତି । ହିତାଧିକାରୀମାନଙ୍କୁ ୫ କିଲୋ ବଦଳରେ ଗତ ଏପ୍ରିଲ ପହିଲାରୁ ୧୦ କିଲୋ ଲେଖାଏଁ ଚାଉଳ ସଂପୂର୍ଣ୍ଣ ନିଃଶୁଳ୍କ ଯୋଗାଇ ଦିଆଯିବ । ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ହିତାଧିକାରୀମାନେ ପାଇବେ ଏହି ଅତିରିକ୍ତ ୫ କିଲୋ ଚାଉଳ । ଆସିକା ବ୍ଲକ ପରିସରଭୁକ୍ତ ୨୭ଟି ଗ୍ରାମ ପଞ୍ଚାୟତର ୩୭ ହଜାର ୧ ପରିବାରବର୍ଗଙ୍କ ୧ ଲକ୍ଷ ୨୫ ହଜାର ୯୭୪ ହିତାଧିକାରୀ ଏବଂ ପୌର ପରିଷଦ ଅଧୀନସ୍ଥ ୧୮ଟି ୱାର୍ଡର ୩୮୫୪ ପରିବାରବର୍ଗଙ୍କ ୧୦୯୭୦ ହିତାଧିକାରୀଙ୍କୁ ମିଶାଇ ଏହିଭଳି ସମୁଦାୟ ୪୧୪୫୫ ପରିବାରବର୍ଗଙ୍କ ୧ ଲକ୍ଷ ୩୭ ହଜାର ୯୪୪ ଜଣ ହିତାଧିକାରୀ ଉପକୃତ ହେବେ । ଗତ ଏପ୍ରିଲ ମାସ ଠାରୁ ଏହି ବର୍ଦ୍ଧିତ ଚାଉଳ ହିତାଧିକାରୀମାନଙ୍କୁ ଯୋଗାଇ ଦିଆଯିବ । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀମାନେ ଏଣିକି ଅଧିକ ୫ କିଲୋ ଲେଖାଏଁ ଚାଉଳ ମାଗଣାରେ ପାଇବେ । ହିତାଧିକାରୀମାନେ ଯେତିକି ଚାଉଳ ବର୍ତ୍ତମାନ ପାଉଛନ୍ତି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଅତିରିକ୍ତ ୫ କିଲୋ ଚାଉଳ ପାଇବେ । ଆଗରୁ ହିତାଧିକାରୀମାନଙ୍କୁ ମୁଣ୍ଡପିଛା ୫ କିଲୋ ଚାଉଳ ମାଗଣାରେ ମିଳୁଥିଲା । ଏବେ ଆଉ ଅତିରିକ୍ତ ୫ କିଲୋ ଚାଉଳ ନିଃଶୁଳ୍କ ଭାବେ ମିଳିବ । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଉପକୃତ ହେଉଥିବା ହିତାଧିକାରୀମାନଙ୍କୁ ବଢେଇ ଥିବା ୩ ମାସର ଅତିରିକ୍ତ ଚାଉଳ ଦିଆଯିବ ବୋଲି ଜଣାପଡିଛି । ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ଜନକଲ୍ୟାଣକାରୀ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ହିତାଧିକାରୀମାନଙ୍କୁ ଅଧିକ ୫ କିଲୋ ଲେଖାଏଁ ଚାଉଳ ପ୍ରତି ମାସରେ ସଂପୂର୍ଣ୍ଣ ବିନା ମୂଲ୍ୟରେ ଯୋଗାଇ ଦିଆଯିବ । ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ମୁଣ୍ଡପିଛା ଅତିରିକ୍ତ ୫ କିଲୋ ଲେଖାଏଁ ଚାଉଳ ଯୋଗାଣ ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଥିବା ଦେଖିବାକୁ ମିଳୁଛି ।

# ଜିଲ୍ଲାର ୫୨ ତୀର୍ଥଯାତ୍ରୀଙ୍କ ସୋମନାଥ ସ୍ୱାଭିମାନ ଯାତ୍ରା




**ଛତ୍ରପୁର,୧୪।୬/ଏନ୍‌ଏନ୍‌ଏସ୍:** 'ସୋମନାଥ ସ୍ୱାଭିମାନ ଯାତ୍ରା' ଅଭିଯାନରେ ଗଞ୍ଜାମ ଜିଲ୍ଲାର ୫୨ ଜଣ ତୀର୍ଥଯାତ୍ରୀ ଆଜି ସ୍ଥାନୀୟ ନୂଆବସଷ୍ଟାଣ୍ଡଠାରୁ ଗୁଜୁରାଟର ସୋମନାଥ ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିବା ସହିତ ତୀର୍ଥଯାତ୍ରୀମାନଙ୍କୁ ଶୁଭକାମନା ଜଣାଇଥିଲେ । ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କେର୍କେଟା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । 'ସୋମନାଥ ସ୍ୱାଭିମାନ ଯାତ୍ରା' ମାଧ୍ୟମରେ ତୀର୍ଥଯାତ୍ରୀମାନେ ଦେଶର ସାଂସ୍କୃତିକ ଐତିହ୍ୟ, ଆଧ୍ୟାତ୍ମିକ ପରମ୍ପରା ଏବଂ ଐତିହାସିକ ଗୁରୁତ୍ୱ ବହନ କରୁଥିବା ସୋମନାଥ ଧାମ ଦର୍ଶନର ସୁଯୋଗ ପାଇବେ । ତୀର୍ଥଯାତ୍ରୀମାନଙ୍କର ସୁବିଧାରେ ଯାତ୍ରା ଓ ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏଥିପାଇଁ ତୀର୍ଥ ଯାତ୍ରୀମାନେ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି ।

# ଗଞ୍ଜାମର ପ୍ରଗତି ସମ୍ପର୍କରେ ଆଇନମନ୍ତ୍ରୀଙ୍କ ଆଲୋଚନା

**ଛତ୍ରପୁର,୧୪।୬/ଏନ୍‌ଏନ୍‌ଏସ୍:** ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅବସରରେ ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷଠାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ତଥା ଗଞ୍ଜାମ ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଜିଲ୍ଲାର ବିଭିନ୍ନ ପ୍ରଗତି ଓ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ବୈଠକରେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ସମେତ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ୱି. କୀର୍ତ୍ତି ଭାସନ୍,ଆରକ୍ଷୀ ଅଧୀକ୍ଷକ ହରିଶ ବିଶି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନାଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ଛତ୍ରପୁର ଉପ-ଜିଲ୍ଲାପାଳ ଶ୍ରୀ ଶିବାଶିଷ ବରାଳ ପ୍ରମୁଖ ଯୋଗ ଦେଇଥିଲେ । ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ଭାସନ୍ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନ କରିଥିଲେ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗଞ୍ଜାମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଗଞ୍ଜାମ ଟିମ୍‌କୁ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ବ୍ରହ୍ମପୁରସ୍ଥିତ ହଳଦିଆପଦର ଇଡ୍‌କୋ ଟାୱାର କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା । ଏହା ସହିତ ଗୋପାଳପୁର ବେଳାଭୂମିର ସାମଗ୍ରିକ ବିକାଶ ପୁରୀ ବେଳାଭୂମି ଢାଞ୍ଚାରେ କରାଯିବ ବୋଲି ମନ୍ତ୍ରୀ କହିଥିଲେ । ସ୍ୱାସ୍ଥ୍ୟ ସେବାର ବିକାଶ ସହ ସାଧାରଣ ଲୋକଙ୍କ ଆପତ୍ତି ଓ ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ କରିବାକୁ ମନ୍ତ୍ରୀ କହିଥିଲେ । ବୈଠକ ଶେଷରେ ମାନ୍ୟବର ମନ୍ତ୍ରୀ, ସାଂସଦ ଏବଂ ବିଧାୟକମାନଙ୍କ ଦ୍ୱାରା ସରକାରଙ୍କ ସଫଳତାକୁ ନେଇ ଆୟୋଜିତ 'ବିକାଶର ଧାରା ଓଡ଼ିଶା ସାରା' ପ୍ରଦର୍ଶନୀ ମେଳାର ଶୁଭ ଉଦ୍‌ଘାଟନ ହେବା ସହ ଅତିଥିମାନେ ଏହାକୁ ପରିଦର୍ଶନ କରିଥିଲେ ।

# କଳାକାର ସଂଘ ପକ୍ଷରୁ ରଜ ମହୋତ୍ସବ



**ଫୁଲବାଣୀ,୧୪।୬/ଏନ୍‌ଏନ୍‌ଏସ୍:** ବିଜୁ କଲ୍ୟାଣ ମଣ୍ଡପ ଠାରେ ଫିରିଙ୍ଗିଆ ବ୍ଲକ କଳାକାର ସଂଘ ଏବଂ ସଂସ୍କୃତି, କଳା, ସାହିତ୍ୟ, ପ୍ରଶିକ୍ଷଣ ଓ ଗବେଷଣା ଏକାଡେମୀ ତରଫରୁ ଚଳିତ ବର୍ଷର ରଜ ମହୋତ୍ସବ ଧୁମଧାମରେ ପାଳିତ ହୋଇଯାଇଛି । ଜିଲ୍ଲା କଳାକାର ସଂଘର ଉପସଭାପତି ଅକ୍ଷୟ କୁମାର କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରଜ ମହୋତ୍ସବ କାର୍ଯ୍ୟକ୍ରମର ଉଦ୍ଘାଟନୀ ଉତ୍ସବରେ ଫିରିଙ୍ଗିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ, ସଙ୍ଘର ପ୍ରତିଷ୍ଠାତା ସଦସ୍ୟ ତଥା ବର୍ଷିଆନ କୀର୍ତ୍ତନ ଗୁରୁ ଅଚ୍ୟୁତ ବେହେରା, ବ୍ଲକ କଳାକାର ସଂଘର ଉପସଭାପତି ଇନ୍ଦ୍ରମଣି କହଁର, କୋଟଗଡ଼ ଅଂଚଳର ବରିଷ୍ଠ କଳାକାର ରବୀନ୍ଦ୍ର ପ୍ରଧାନ, ଜିଲ୍ଲାର ବିଶିଷ୍ଟ ନାଟ୍ୟ ଗୁରୁ ତ୍ରିପତି ପାତ୍ର, ନୂଆଗାଁ ଅଂଚଳର ବରିଷ୍ଠ ପାଲା ଗାୟକ ତ୍ରିନାଥ ପଣ୍ଡାଙ୍କ ସହ ଜିଲ୍ଲାର ବାର ଗୋଟି ବ୍ଲକର କଳାକାର ସଙ୍ଘ ଉପସଭାପତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବିଜେପି ଜିଲ୍ଲା ସଭାପତି ପଣ୍ଡିତ ବିସମାଝି, ସ୍ୱତନ୍ତ୍ର ଉର୍ନ୍ନୟନ ପରିଷଦ ଅଧକ୍ଷ ମାନଗୋବିନ୍ଦ ପ୍ରଧାନ, ବରିଷ୍ଠ ବିଜେପି ନେତା ବାଳକୃଷ୍ଣ ଜୁଣ୍ଡି, ବରିଷ୍ଠ ବିଜେପି ନେତା କଂସଦେବ ସାହୁ, ସମାଜ ଶେବି ସଞ୍ଜୟ କୁମାର ଦିଗାଲ, ରାଜ୍ୟ ପୁରସ୍କାର ପ୍ରାପ୍ତ କାଠ କାରିଗର ଭାସ୍କର ମହାରଣା, ବିଜେପି ଜିଲ୍ଲା ଆଧାରଣ ସମ୍ପାଦକ ସୁକାନ୍ତ କୁମାର ସାହୁ, ପ୍ରେସ କ୍ଲବ ସଭାପତି ଉତ୍ତମ ଖମାରି, ଟିକାବାଲି ବ୍ଲକର ମହିଳା କଳାକାର ,ଅପସରି ଦିଗାଳ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ସୁବ୍ରତ କୁମାର ମହାନ୍ତି ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କଳାକାର ମାନଙ୍କ ବିଭିନ୍ନ ସମସ୍ୟା ଓ ତାର ସମାଧାନ ସହ କଳାକାର ଭତ୍ତା ପ୍ରଦାନ ବିଷୟରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା କଳାକାର ମାନଙ୍କ ଦ୍ୱାରା ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ନେଇ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ସମସ୍ତ କଳାକାର ମାନଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସଂଘର ସମ୍ପାଦକ ପ୍ରଭାତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ରେ ଜିଲ୍ଲାର କୋଣ ଅନୁକୋଣରୁ ଶତାଧିକ ପାରମ୍ପରିକ କଳାକାର ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମ ଆରମ୍ଭରୁ ଏକ ବିରାଟ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ କଳାକାରମାନଙ୍କ ସହ ଅତିଥିମାନେ ମଧ୍ୟ ସାମିଲ ହୋଇଥିଲେ ।

## ଗ୍ରାମ୍ୟ ଉନ୍ନୟନ ବିଭାଗରେ ଦୁର୍ନୀତିର ଗନ୍ଧ

# ଭିଜିଲାନ୍ସ ଓ ଥାନାରେ ଅଭିଯୋଗ କଲେ ସମାଜସେବୀ

**ପାତ୍ରପୁର,୧୪।୬/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲ୍ଲା ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚିକିଟି ଓ ପାତ୍ରପୁର ବ୍ଲକର ଗ୍ରାମ୍ୟ ଉନ୍ନୟନ ବିଭାଗରେ ବ୍ୟାପକ ଅନିୟମିତତା ଓ ଦୁର୍ନିତି ହୋଇଥିବା ନେଇ ସମାଜସେବୀ ସରୋଜ ପଣ୍ଡା ଅଭିଯୋଗ କରିଛନ୍ତି । ଏନେଇ ସେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଓ ଜରଡା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରେ ନିର୍ମାଣ ହୋଇଥିବା ରାସ୍ତା ତଥା ବିକାଶମୂଳକ କାର୍ଯ୍ୟର ମାନ ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ସରକାରୀ ଅର୍ଥର ଅପବ୍ୟବହାର ହୋଇଥିବା ସେ ଅଭିଯୋଗ କରିଛନ୍ତି । ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ଅସାଧୁ ପ୍ରେମ ଯୋଗୁଁ ନିମ୍ନମାନର କାମ ହୋଇ ଅର୍ଥ ଚଳୁ କରାଯାଇଥିବା ଅଭିଯୋଗ ଆଣିଛନ୍ତି । ସ୍ଥାନୀୟ ଅଞ୍ଚଳରେ ନିର୍ମିତ ଅନେକ ପ୍ରକଳ୍ପ କାମ ଆରମ୍ଭର କିଛି ଦିନ ମଧ୍ୟରେ ନଷ୍ଟ ହୋଇଯାଉଛି । ଏହି ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ଜାଣିବା ପାଇଁ ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ କରି ଦୋଷୀ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ ପଦକ୍ଷେପ ନେବାପାଇଁ ସେ ଦାବି ହୋଇଛି । ସମ୍ପୃକ୍ତ ପ୍ରକଳ୍ପ ଗୁଡ଼ିକର ସ୍ୱତନ୍ତ୍ର ଅଡିଟ୍ କରାଯିବାକୁ ମଧ୍ୟ ଦାବି ହୋଇଛି । ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଛି । ନୂତନ ଭାବେ ନିର୍ମିତ ଏବଂ ମରାମତି ହୋଇଥିବା ରାସ୍ତାଗୁଡ଼ିକର ସ୍ଥିତି ଅତ୍ୟନ୍ତ ଦୟନୀୟ । ରାସ୍ତାର ପିଚୁସ୍ତର ଏତେ ଦୁର୍ବଳ ଯେ ତାହା ହାତରେ ଟାଣିଲେ ସହଜରେ ଉଠିଯାଉଛି । କାମ ସମୟରେ କୌଣସି ରୋଲର କିମ୍ବା ଭାରି ତଥା ଉନ୍ନତ ଯନ୍ତ୍ରପାତି ବ୍ୟବହାର ନ କରି ସମ୍ପୂର୍ଣ୍ଣ ବେଆଇନ ଭାବେ କେବଳ ଶ୍ରମିକ ମାନଙ୍କ ଦ୍ୱାରା ହାତରେ ମରାମତି କାମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ବିଭିନ୍ନ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଥିବା ବେଳେ ସେହି କାମ ଉପରେ ପ୍ରଶ୍ନ କିମ୍ବା ପ୍ରତିବାଦ କଲେ ମିଥ୍ୟା କେସ୍‌ରେ ଫସାଇ ଦିଆଯାଉଥିବା ମଧ୍ୟ ସେ କହିଛନ୍ତି । କେବଳ ଗ୍ରାମ୍ୟ ଉନ୍ନୟନ ନୁହେଁ ଇରିଗେସନ ବିଭାଗର କାର୍ଯ୍ୟରେ ମଧ୍ୟ ସ୍ୱଚ୍ଛତା ନଥିବା ଅଭିଯୋଗରେ ଦର୍ଶା ଯାଇଛି । ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ହେଲେ ବହୁ ରହସ୍ୟ ପଦାକୁ ଆସିବ ବୋଲି ସରୋଜ କହିଛନ୍ତି ।

# ବିଦ୍ୟୁତ୍ ସଂସ୍ପର୍ଶରେ ମଇଁଷି ମୃତ

**ପାତ୍ରପୁର,୧୪।୬/ଏନ୍‌ଏନ୍‌ଏସ୍:** ପାତ୍ରପୁର ବ୍ଲକ ଅନ୍ତର୍ଗତ ବରଙ୍ଗ ଗ୍ରାମ ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଏକ ମଇଁଷିର ମୃତ୍ୟୁ ହୋଇଥିବା ବେଳେ ବିଦ୍ୟୁତ ବିଭାଗର ଖମାଖିଆଲି ନୀତିକୁ ଲୋକେ ଦାୟୀ କରିଛନ୍ତି । ମୃତ ମଇଁଷିଟି ଏହି ବ୍ଲକ କେଶରୀପଡା ପଞ୍ଚାୟତ ଅନ୍ତର୍ଗତ ଭେଜିପଦର ଗ୍ରାମର ଡ଼ି. ନାରସାୟାଙ୍କର ବୋଲି ଜଣାପଡ଼ିଛି । ଆଜି ସକାଳେ ନାରସାୟା ନିଜର ମଇଁଷି ବରଙ୍ଗ ଗ୍ରାମ ନିକଟରେ ଚରାଇବା ଲାଗି ଆସିଥିଲେ । ବରଙ୍ଗ ଗ୍ରାମ ନିକଟରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୁଣ୍ଟିରେ ଲାଗିଥିବା ତାର ସଂସ୍ପର୍ଶରେ ମଇଁଷି ଆସି ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲା । ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ବିଦ୍ୟୁତ ବିଭାଗକୁ ସୂଚନା ଦେବା ସହିତ ବିଦ୍ୟୁତ ବିଭାଗର ଅବହେଳାକୁ ଦାୟୀ କରି କ୍ଷୋଭ ପ୍ରକାଶ କରିଛନ୍ତି । ବିପଦଜନକ ବିଦ୍ୟୁତ୍ ବ୍ୟବସ୍ଥାର ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି । ଅନ୍ୟ ପକ୍ଷରେ ପାତ୍ରପୁର ବିଭାଗୀୟ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ସାତଦିନ ଭିତରେ ମରାମତି କରିବା ପାଇଁ ଲିଖିତ ପ୍ରତିଶୃତି ଦେଇଥିବା ସୂଚନା ମିଳିଛି ।

## ଛତୁ ଉତ୍ପାଦନରେ ରାଧାମୋହନପୁର ଗ୍ରାମବାସୀଙ୍କ ସ୍ୱତନ୍ତ୍ର ପରିଚୟ

# ନିଜେ ସ୍ୱାବଲମ୍ବୀ ହେବାସହ ଅନ୍ୟଙ୍କୁ ଦେଉଛନ୍ତି ରୋଜଗାର

**ବ୍ରହ୍ମପୁର,୧୪।୬/ଏନ୍‌ଏନ୍‌ଏସ୍:** ଛତୁ ଉତ୍ପାଦନ ପାଇଁ ସାରା ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ରାଧାମୋହନପୁର ଗ୍ରାମବାସୀ । ଗ୍ରାମର ପ୍ରାୟ ବହୁ ପରିବାର ଛତୁ ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ ବହୁ ଲୋକଙ୍କୁ ନିଯୁକ୍ତି ଦେଇଥିବା ଜଣାପଡିଛି । ରାଜ୍ୟରେ ସର୍ବାଧିକ ଛତୁ ଉତ୍ପାଦନ ଗ୍ରାମ ଭାବେ ପରିଚିତ ଏହି ଗ୍ରାମର ପ୍ରାୟ ସମସ୍ତ ଗ୍ରାମବାସୀ ପୂର୍ବରୁ ନିଜ ଅଞ୍ଚଳରେ କାମ ଧନ୍ଦାର ଅଭାବରୁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିଲେ । ଏବେ କିନ୍ତୁ ଛତୁ ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ ଯୋଗାଉଛନ୍ତି ରୋଜଗାର । ଦୈନିକ ପ୍ରାୟ ୨ ହଜାର କିଲୋରୁ ୨୫ ଶହ କିଲୋ ପର୍ଯ୍ୟନ୍ତ ଛତୁ ଉତ୍ପାଦନ କରୁଥିବା ଚାଷୀମାନେ କହିଛନ୍ତି । ଏଠାରୁ ଉତ୍ପାଦିତ ଛତୁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳ ସମେତ ବାହାର ରାଜ୍ୟକୁ ମଧ୍ୟ ରପ୍ତାନି କରୁଥିବା କହିଛନ୍ତି । ଗ୍ରାମର ୮୦ଟି ପରିବାର କେବଳ ଛତୁ ଚାଷ କରି ସମସ୍ତଙ୍କ ପାଇଁ ଉଦାହରଣ ସାଜିଛନ୍ତି । ଗତ ୨୦୧୨ ମସିହାରେ କୃଷି ବିଭାଗର ସ୍ୱତନ୍ତ୍ର ପ୍ରଶିକ୍ଷଣ ଜରିଆରେ ଛତୁ ମଞ୍ଜି କରିବା ସହ ଛତୁ କିଭଳି ଉତ୍ପାଦନ କରି ହୁଏ ସେ ନେଇ ଶିକ୍ଷା ଲାଭ କରିଥିଲେ । ଗ୍ରାମର ଜଣେ ବ୍ୟକ୍ତି ପ୍ରଥମେ ଏହି ଚାଷ ଆରମ୍ଭ କରି ଛତୁ ସଫଳ ହୋଇଥିଲେ । ପରେ ଅନ୍ୟ ପରିବାରମାନେ ଏଥିରେ ଅନୁପ୍ରାଣିତ ହୋଇ ଜଣକ ପରେ ଜଣେ ଏହି ଚାଷ ପ୍ରତି ଆଗ୍ରହ ବଢାଇଲେ । ଏବେ ଛତୁ ଚାଷ କରି ଭଲ ଦୁଇ ପଇସା ରୋଜଗାର କରିବା ସହ ଅନ୍ୟକ ମଧ୍ୟ ନିଯୁକ୍ତି ଦେଇ ବେଶ୍ ଖୁସିଥିବା ଚାଷୀମାନେ କହିଛନ୍ତି । ସରକାରଙ୍କ ପକ୍ଷରୁ ଯଦି ସେମାନଙ୍କୁ ଆହୁରୀ ପ୍ରୋତ୍ସାହିତ କରାଯାଏ, ତେବେ ସେମାନେ ଆହୁରି ଆଗକୁ ବଢିପାରିବେ ବୋଲି ବହୁ ଚାଷୀ କହିଛନ୍ତି ।



# ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ସଂଶୋଧନ ହେଲା ଇଂରାଜୀ ବନାନ

## ଆଉ ଇଂରାଜୀରେ ଲେଖାଯିବନି ଆସ୍କା




**ଆସିକା,୧୪।୬/ଏନ୍‌ଏନ୍‌ଏସ୍:** ବଦଳିଛି ଇଂରାଜୀ ବନାନ । ନାମର ହୋଇଛି ସଂଶୋଧନ । ଏଣିକି ଇଂରାଜୀ ଭାଷାରେ ଲେଖାଯାଉଥିବା ଆସ୍କାକୁ ପରିବର୍ତ୍ତନ କରାଯାଇ ଆସିକା ଲେଖାଯିବ ବୋଲି ଜଣାପଡିଛି । କାହିଁ କେଉଁ ଆବାହମାନ କାଳରୁ ଆସିକାର ଇଂରାଜୀ ନାମଲେଖାକୁ ନେଇ ଦ୍ୱନ୍ଦ୍ୱ ରହିଥିଲା । ଆସିକା ସହ ତଥା ଏହାର ଆଖପାଖ ଅଞ୍ଚଳର ବହୁ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବହୁ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକର ସାଇନ୍ ବୋର୍ଡ ଇଂରାଜୀରେ ଆସ୍କା ବୋଲି ଲେଖାଯାଇଥିବା ଦେଖିବାକୁ ମିଳୁଛି । ଓଡିଆ ଭାଷାରେ ଆସିକା ଲେଖାଯାଇଥିବା ବେଳେ ଇଂରାଜୀରେ ଆସ୍କା ଲେଖାଯାଇଥିବା ପରିଲକ୍ଷିତ ହେଉଥିଲା । ଓଡିଆ ଅସ୍ମିତାକୁ ଆହୁରି ପ୍ରୋତ୍ସାହିତ ଏବଂ ଓଡିଆ ଭାଷାର ବହୁଳ ପ୍ରସାର ଓ ପ୍ରଚାର ପାଇଁ ଇଂରାଜୀ ଉଚ୍ଚାରଣକୁ ସଂଶୋଧନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ନିଶ୍ଚିତ ଭାବେ ଓଡିଆ ଭାଷାଗତ ପରିଚୟକୁ ଆହୁରି ସୁଦୃଢ କରିବ ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଛି । ଗତ ଫେବୃୟାରୀ ମାସ ୪ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧୧ଟି ଜିଲ୍ଲାର ୨୪ଟି ବ୍ଲକ, ଉପଖଣ୍ଡ ଓ ଜିଲ୍ଲା ମୁଖ୍ୟାଳୟର ନାମ ପରିବର୍ତ୍ତନ ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା ବେଳେ ସେଥିରେ "ଆସ୍କା"ର ଇଂରାଜୀ ନାମ ପରିବର୍ତ୍ତନର ସ୍ଥାନ ପାଇନଥିଲା । ଗତ ଏପ୍ରିଲ ମାସ ୨୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରକାଶିତ ତାଲିକାରେ "ଆସ୍କା"ର ଇଂରାଜୀ ବନାନ ସଂଶୋଧନ ପାଇଁ ସରକାରଙ୍କ ପକ୍ଷରୁ ସୂଚନା ଜାରି ହୋଇଥିଲା । ଏ ସଂକ୍ରାନ୍ତରେ ଆପତ୍ତି ଏବଂ ଅଭିଯୋଗ ସଂଗ୍ରହ କରାଯିବା ପରେ ତାହାର ତର୍ଜମା କରାଯାଇ ଉଚ୍ଚ କ୍ଷମତାସଂପନ୍ନ କମିଟିର ସୁପାରିଶକୁ ଆଧାରରେ ଆସ୍କାର ଇଂରାଜୀ ନାମ ପରବର୍ତ୍ତନକୁ ରାଜ୍ୟ କ୍ୟାବିନେଟରେ ମୋହର ବାଜିଥିବା ଜଣାପଡିଛି । ଏଣିକି ଇଂରାଜୀରେ ଆସ୍କା ପରିବର୍ତ୍ତେ ଆସିକା ବୋଲି ଲେଖାଯିବ । ଯାହାରି ଫଳରେ ଇଂରାଜୀ ଭାଷାରେ ଆସ୍କା ଉଚ୍ଚାରଣରେ ପୂର୍ଣ୍ଣଚ୍ଛେଦ ପଡିଛି । ସରକାରଙ୍କ ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି । ରାଜ୍ୟର ୨୬ଟି ଜିଲ୍ଲାର ୬୪ଟି ସ୍ଥାନର ଇଂରାଜୀ ବନାନର ସଂଶୋଧନ ପାଇଁ ଏକ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁର କରିଥିବା ଜଣାପଡିଛି । ଅପର ପକ୍ଷରେ ଓଡିଆ ଉଚ୍ଚାରଣ ଅନୁଯାୟୀ ଇଂରାଜୀ ବନାନର ସଂଶୋଧନ ହୋଇସାରିଥିଲା ବେଳେ ରାଜସ୍ୱ ରେକର୍ଡ ଠାରୁ ଆରମ୍ଭ କରି ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଭୋଟର ପରିଚୟ ପତ୍ର ସମେତ ଅନ୍ୟାନ୍ୟ ସରକାରୀ ଦଲିଲପତ୍ରରେ ସଂଶୋଧନ ପାଇଁ ସାଧାରଣ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେବା ସମ୍ଭାବନାକୁ ମଧ୍ୟ ଏଡାଇ ହେବ ନାହିଁ ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଛି ।

# ପାଣିରେ ବୁଡ଼ି ମହିଳା ମୃତ

**ଆଳି,୧୪।୬/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମହୁ ଗ୍ରାମରେ ରଜ ଅବସରରେ ଏକ ଅଘଟଣ ଘଟିଯାଇଛି। ଗ୍ରାମର ବାସନ୍ତୀ ଚାନ୍ଦ (୬୨) ଗ୍ରାମ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀ ସଂଲଗ୍ନ ପାଣି ଯୋରରେ ବୁଡ଼ିଯାଇ ପ୍ରାଣ ହରାଇଥିବା ଜଣାପଡ଼ିଛି। ବାସନ୍ତୀ ସକାଳ ୯ଟାରେ ଗାଧୋଇବାକୁ ଯାଇଥିଲେ। ସେ ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକ ଓ ଗ୍ରାମବାସୀ ଯୋର ନିକଟରେ ପହଞ୍ଚି ତାଙ୍କୁ ଖୋଜାଖୋଜି କରି ପାଣିରୁ ଉଦ୍ଧାର କରିଥିଲେ। ଆମ୍ବୁଲାନ୍ସ ଯୋଗେ ପରିବାର ଲୋକ ବାସନ୍ତୀଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ବାସନ୍ତୀଙ୍କୁ ମୃତ ଘୋଷଣା କରିଥିଲେ।

# ବଜ୍ରପାତରେ ନାବାଳକ ମୃତ

**ରାଜନଗର,୧୪।୬/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ ଘଡ଼ିଆମାଳ ଗ୍ରାମରେ ବଜ୍ରପାତ ଯୋଗୁ ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଦୈତାରୀ ସେଠୀଙ୍କ ଏକମାତ୍ର ପୁଅ ମନୋରଞ୍ଜନ ସେଠୀ(୧୫)। ମନୋରଞ୍ଜନ ଖେଳାଖେଳି ସାରି ମଧ୍ୟାହ୍ନରେ ଘରକୁ ଫେରି ମାଆଙ୍କୁ ଖାଇବାକୁ ମାଗିଥିଲା। ଏହି ସମୟରେ ବାହାରକୁ ପରିସ୍ରା କରିବାକୁ ଯାଇଥିବାବେଳେ ବଜ୍ରାଘାତର ଶିକାର ହୋଇ ମନୋରଞ୍ଜନ ସେଠାରେ ଟଳି ପଡ଼ିଥିଲା। ପରିବାର ଲୋକେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

# ସର୍ବଭାରତୀୟ ଦିବାରାତ୍ର କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ



**କୁଆଖିଆ,୧୪।୬/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ୍ ଅନ୍ତର୍ଗତ ଖଣ୍ଡିତର ଷ୍ଟାଡିୟମ୍‌ରେ ଯାଜପୁର କବାଡ଼ି ଅସୋସିଏସନ୍ (ଜେକେଏ) ଅନୁକୂଲ୍ୟରେ ସର୍ବଭାରତୀୟ ଦିବାରାତ୍ର କବାଡ଼ି ପ୍ରତିଯୋଗିତା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ସଭାପତି ପ୍ରଦୀପ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ରବିବାର ଦ୍ୱିତୀୟ ଦିବସରେ ମହିଳା ବିଭାଗ କଳିଙ୍ଗ କବାଡି ଏକାଡେମୀ ୩୬ ପଏଣ୍ଟ ପାଇଥିବାବେଳେ ଯାଜପୁର କବାଡ଼ି ୧୨ ପଏଣ୍ଟ ପାଇଥିଲା। ସେହିପରି ରାୟପୁର ୪୦ ପଏଣ୍ଟ, ହିନ୍ଦ୍ ହରିୟାଣା ୧୭ ପଏଣ୍ଟ, ପୁରୁଷ ବିଭାଗରେ ବିଲାସପୁର ୩୫ କୋଲକାତା ପୁଲିସ୍ ୩୪ ପଏଣ୍ଟ, କଟକ ୩୭ ଓ ଜିନ୍ଦ୍ ହରିୟାଣା ୧୬ ପଏଣ୍ଟ ପାଇଛି। ଏଥିରେ ସଭାପତି (କୋଚ୍) କୃଷ୍ଣକାନ୍ତ ପଣ୍ଡା, ଅରୁଣ ସାହୁ, ଅନାଦି ସାହୁ ଓ ଜେକେଏର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପ୍ରାୟ ୪୦ ଜଣ ଅଫିସିଆଲ୍ ପ୍ରତିଯୋଗିତାକୁ ପରିଚାଳନା କରୁଛନ୍ତି। ଚଳିତ ବର୍ଷ ପୁରୁଷ ବିଭାଗରେ ଚାମ୍ପିଅନ୍ ଦଳକୁ ୨ ଲକ୍ଷ ଟଙ୍କା, ରନର୍ସଅପ୍‌କୁ ୧ ଲକ୍ଷ ଟଙ୍କା ଓ ୩ୟ ବିଜେତା ଦଳକୁ ୮୦ ହଜାର ଟଙ୍କା ପ୍ରଦାନ କରାଯିବ। ସେହିପରି ମହିଳା ବିଭାଗରେ ଚାମ୍ପିଅନ୍ ଦଳକୁ ୫୦ ହଜାର ଟଙ୍କା, ରନର୍ସଅପ୍‌କୁ ୩୦ ହଜାର ଟଙ୍କା ଓ ୩ୟ ବିଜେତା ଦଳକୁ ୨୦ ହଜାର ଟଙ୍କା ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ୪ଦିନ ଧରି ଅନୁଷ୍ଠିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ୫୦୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେଇଛନ୍ତି। ଉପସଭାପତି ଅଭୟ ମହାନ୍ତି, ସତ୍ୟେନ୍ଦ୍ର ଦାଶ, ସୁବ୍ରତ କର, ଚିତ୍ତରଞ୍ଜନ ଓ ଦୀପ ସୁନ୍ଦର ପୃଷ୍ଟି ପ୍ରମୁଖ ସମସ୍ତେ ମିଶି ଖେଳ ପରିଚାଳନା କରୁଛନ୍ତି।

# ତରାସ୍ ନୋଡାଲ୍ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

**ରାଜକନିକା,୧୪।୬/ଏନ୍‌ଏନ୍‌ଏସ୍:** ରାଜକନିକା ବ୍ଲକ୍ ତରାସ୍ ପଞ୍ଚାୟତ ତରାସ୍ ନୋଡାଲ୍ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ତିନି ଦିନ ଧରି ଚାଲିବାକୁ ଥିବାବେଳେ ଦ୍ୱିତୀୟଦିନର ପ୍ରଥମ ଅଧିବେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଚାନ୍ଦବାଲି ବିଡିଓ ସଞ୍ଜୀବ କୁମାର ମହାପାତ୍ରଙ୍କ



ପୌରୋହିତ୍ୟରେ ପ୍ରଥମ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ପରିବେଶବିତ୍ ଡ଼ଃ. ଜୟକୃଷ୍ଣ ପାଣିଗ୍ରାହୀ ଯୋଗଦେଇ ଅସନ୍ତୁଳନ ପରିବେଶକୁ ସନ୍ତୁଳନରେ ରଖିବାକୁ ହେଲେ ବୃକ୍ଷରୋପଣକୁ ଜୀବନରେ ବ୍ରତ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଭୁବନେଶ୍ୱର ଓୟୁଏଟିର ଭାଇସ୍ ଚାନ୍ସଲର୍ ଡ଼ଃ. ବିଭୁତି ଭୂଷଣ ବିଶ୍ୱାଳ ଓ ପୂର୍ବତନ ଓଡ଼ିଶା ପ୍ରଶାସନିକ ଅଧିକାରୀ ବଂଶୀଧର ରାଉତ ଯୋଗଦେଇ ପୁରାତନ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ପୁରାତନ ଛାତ୍ରୀ ରଞ୍ଜିତା ନାୟକ ଉପସ୍ଥାପିକା ଓ ପୁରାତନ ଛାତ୍ର ସୁକାନ୍ତ କୁମାର ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ପୁରାତନ ଛାତ୍ର ବନୋଜ ବାରିକ୍ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ର ଶିବପ୍ରସାଦ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଓ କର୍ମଚାରୀଙ୍କୁ ଅତିଥିମାନେ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ। ସମସ୍ତ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଲ୍ଲୀରୁ ସହରାଞ୍ଚଳ ସବୁଠି ରଜ ଆସର



**ତାଳଚେର,୧୪।୬/ଏନ୍‌ଏନ୍‌ଏସ୍:** ରଜ ମହୋତ୍ସବକୁ ନେଇ ତାଳଚେରର ପୁରପଲ୍ଲୀରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଉତ୍ସବମୁଖର ହୋଇଥିବା ଦେଖିବାକୁ ମିଳିଛି। ତାଳଚେର ବ୍ଲକ୍‌ର ବିଭିନ୍ନ ଗ୍ରାମ କର୍ଣ୍ଣିଳି, ଧରମପୁର, ସଇନାଳୀ, ହରିହରପୁର, କାକୁଡ଼ି, ସାତପାଟିଆ, ସ୍କଟ୍‌ଲାଣ୍ଡପୁର, ବିହାରୀପୁର, କିଶୋରରୀପାଳ, ଭେରୁବଣିଆ, ଗୁରୁଜାଙ୍ଗ, ସନ୍ଥପଡ଼ା, ବହ୍ଳର, ଚାଇଁପାଳ, ଜଗନ୍ନାଥପୁର, ଦାସନାଳୀ, ଗୋଡ଼ିବନ୍ଧ, ଗୁରୁଜାଙ୍ଗୁଲି, କଣ୍ଡାଳ, ପଦ୍ମାବତୀପୁର, ଉଆଁରା, କଳମଛୁଇଁ, ଗୋପାଳପ୍ରସାଦ କୁମୁଣ୍ଡା, ରାକସବାହାଳ, ଘଣ୍ଟପଡ଼ା, ଚାଳଗଡ଼ ଓ ତାଳଚେର ପୌରାଞ୍ଚଳର ୨୧ଟି ୱାର୍ଡରେ ଝିଅଙ୍କ ପାଇଁ ଦୋଳି କରାଯାଇଥିବା ଦେଖିବାକୁ ମିଳିଥିଲା। କିଛି କିଛି ସ୍ଥାନରେ ମିଠାପାନର ଆସର ମଧ୍ୟ ଦେଖିବାକୁ ମିଳିଥିଲା।

- **ଚାନ୍ଦୋଳ:** ଡେରାବିଶ୍ ବ୍ଲକ୍ ଯଁଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତ୍ତାମୂଳ-ସ୍ଥିତ ଜେନମଣି ପ୍ରାଥମିକ ବିଦ୍ୟାଳୟରେ ନବମ ବାର୍ଷିକ ରଜ ମହୋତ୍ସବ ଆରମ୍ଭ



ହୋଇଛି। ତିନି ଦିନ ବ୍ୟାପି ଅନୁଷ୍ଠିତ ହେବାକୁଥିବା ଏହି ମହୋତ୍ସବରେ ଅଞ୍ଚଳର ଶହ ଶହ କୁନି ପିଲା ଓ କିଶୋରୀମାନେ ରଜ ଦୋଳିର ଭରପୂର ମଜା ନେଇଛନ୍ତି। ଏହାସହ ମହୋତ୍ସବରେ ଉପସ୍ଥିତ ୭ରୁ ୭୦ ବୟସର ଲୋକମାନେ ସ୍ୱତନ୍ତ୍ର ରଜପାନକୁ ଉପଭୋଗ କରିଥିଲେ। ଏହି ଅବସରରେ ପୂର୍ବାହ୍ନରେ ଅନୁଷ୍ଠିତ ଅଧିବେଶନରେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ସମ୍ପାଦକ ଦେବାଶିଷ ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ମଲିକ, ବରିଷ୍ଠ ବିଜେଡି ନେତା ମନିନ୍ଦ୍ର ପ୍ରସାଦ ରଥ ଓ ଦେବରାଜ ମହାପାତ୍ର ଯୋଗଦେଇ ଏହି ପର୍ବ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ବାର୍ତ୍ତା ବହନ କରୁଥିବା ପ୍ରକାଶ କରିଥିଲେ। ସେହିପରି ଅପରାହ୍ନ ଅଧିବେଶନରେ ମୁଖ୍ୟଅତିଥି ଭାବେ ବିଜେପି ରାଜ୍ୟ ମୁଖପାତ୍ର ତଥା ପାଟକୁରା ବିଜେପି ନେତା ତେଜେଶ୍ୱର ପରିଡ଼ା, ମୁଖ୍ୟବକ୍ତା ଭାବେ ସ୍ମାରକ ମହାନ୍ତି, ସମ୍ମାନିତ ଅତିଥିଭାବେ ବରିଷ୍ଠ ବିଜେପି ନେତା କଳ୍ପତରୁ ଶତପଥୀ, ସୁଶାନ୍ତ ରାଉତ, ଅୟସ ଦାସ ଓ ଭଞ୍ଜନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଓଡ଼ିଆ ଘରର ଏହି ମହାନ ପରମ୍ପରାକୁ ଦୀର୍ଘଦିନ ବଞ୍ଚାଇ ରଖିଥିବାରୁ ମହୋତ୍ସବ କମିଟିର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ସମସ୍ତେ ରଜ ଦୋଳିରେ ସେଲ୍‌ଫି ନେଉଥିବା ଦେଖିବାକୁ ମିଳିଥିଲା। ପରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଭୟ ଅଧିବେଶନରେ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୋଦ କୁମାର ପ୍ରଧାନ ସଭାପତିତ୍ୱ କରିଥିବାବେଳେ କୃଷ୍ଣ ଚନ୍ଦ୍ର ବଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ରଜ କିଶୋର ବଳ ଓ ରଜତ ବଳଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ବେଣୁଧର ମହାପାତ୍ର ଧନ୍ୟବାଦ ଦେଇଥିଲେ।

- **ଧର୍ମଶାଳା:** ଧର୍ମଶାଳା ବ୍ଲକ୍ ଅଭୟପୁର ପଞ୍ଚାୟତ ରତନପୁର ଗ୍ରାମରେ



ଷଷ୍ଠ ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏପିଜେ ଅବଦୁଲ୍ କଲାମ୍ ସ୍କୁଲ୍‌ର ପରିଚାଳକ ମନୋଜ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ପ୍ରେସ୍ କ୍ଲବ୍‌ର ଉପଦେଷ୍ଟା ଇନ୍ଦ୍ରମଣି ନାୟକ ଯୋଗଦେଇ ରଜ ପର୍ବ ଓଡ଼ିଆଙ୍କ ଏକ ଗଣପର୍ବ ଓ ଏହି ପର୍ବରେ ଓଡ଼ିଆ ପରମ୍ପରାର ନିଦର୍ଶନ ଦେଖିବାକୁ ମିଳିଥାଏ ବୋଲି ମତବ୍ୟକ୍ତ କରିବା ସହ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରେସ୍ କ୍ଲବ୍‌ର ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ସମ୍ମାନିତ ଅତିଥିଭାବେ ପ୍ରେସ୍ କ୍ଲବ୍‌ର ଆଇନ ପରାମର୍ଶଦାତା ଖିରୋଦ ମୁଦୁଲି ଯୋଗଦେଇ ରଜ ମହୋତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଜିତେନ୍ଦ୍ର କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ କନିଷ୍ଠ ଓ ବରିଷ୍ଠ ବିଭାଗରେ ନୃତ୍ୟ, ଅଖାଦୌଡ଼ ଓ ଦଉଡ଼ି ଡିଆଁ ଆଦି ପ୍ରତିଯୋଗିତା ତିନି ଦିନ ଧରି ଅନୁଷ୍ଠିତ ହେବ। ଲୋକଙ୍କ ପାରମ୍ପରିକ ଭାବନାକୁ ଦୃଷ୍ଟିରେ ରଖି ଏହି ଅବସରରେ ମହୋତ୍ସବ କମିଟି ପକ୍ଷରୁ ମହୋତ୍ସବ ପଡ଼ିଆରେ ରାମ ଦୋଳି, ଚକରି ଦୋଳି, ଢେଙ୍କି ଦୋଳି, ପଟା ଦୋଳି, ବାଉଁଶ ଦୋଳି ଓ ଝୁଲା ଦୋଳି ଆଦି ବିଭିନ୍ନ ପ୍ରକାର ପାରମ୍ପରିକ ଦୋଳିର ବ୍ୟବସ୍ଥା କରାଯାଇଛି। ଏହି ମହୋତ୍ସବକୁ ଦେଖିବା ଲାଗି ଆଖପାଖ ଅଞ୍ଚଳର ବହୁ ମହିଳା ଓ ଯୁବକଙ୍କ ଭିଡ଼ ଜମୁଛି।

- **କାମାକ୍ଷାନଗର:** କାମାକ୍ଷାନଗର ଏନ୍‌ଏସି ଅନ୍ତର୍ଗତ ରାମିଆଳ ନଦୀ



ଆମ୍ବତୋଟାରେ ୧୬ତମ ଆଳତୁମା ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ୩ ଦିନ ଧରି ହେବାକୁ ଥିବା ଏହି ରଜ ମହୋତ୍ସବ ଆଳତୁମା ରଜ ମହୋତ୍ସବ କମିଟିର ସଭାପତି ବାଳକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ଧର୍ମାନନ୍ଦ ପରିଡ଼ା ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଦୀର୍ଘ ୧୬ ବର୍ଷ ଧରି ଚାଲୁଥିବା ଏହି ରଜ ମହୋତ୍ସବରେ ବିଭିନ୍ନ ପ୍ରକାର ସୁସଜ୍ଜିତ ଦୋଳି ସହ ସାଂସ୍କୃତିକ କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବ। ଏହାସହ ଝିଅ ଓ ବୋହୂଙ୍କ ପାଇଁ ପୁଚି, ମ୍ୟୁଜିକ୍ ଚେୟାର୍ ଓ ଝୋଟି ଆଦି ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେଇ ଯେଉଁମାନେ କୃତକାର୍ଯ୍ୟ ହେବେ ସେମାନଙ୍କୁ କମିଟି ତରଫରୁ ପୁରସ୍କୃତ କରାଯିବ। କିଛିଦିନ ତଳେ ଆଳତୁମା ରଜ ମହୋତ୍ସବ କମିଟି ଅନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଅଡିସନ୍‌ରେ ଭାଗନେଇ କୃତକାର୍ଯ୍ୟ ହୋଇଥିବା କଳାକାରଙ୍କୁ ପୁରସ୍କୃତ କରାଯିବ। ଶେଷଦିନ ଚଳିତ ବର୍ଷର ୧୬ତମ ଆଳତୁମା ରଜ କୁଇନ୍ ସହ ପ୍ରଥମ ରନର୍ସଅପ୍ ଓ ଦ୍ୱିତୀୟ ରନର୍ସଅପ୍‌କୁ ମଧ୍ୟ ପୁରସ୍କୃତ କରାଯିବ। ଏହି ଉଦ୍‌ଘାଟନୀ ଉତ୍ସବରେ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କାଉନସିଲର୍, ଆଳତୁମା ଗ୍ରାମ ସଭାପତି ଓ ବଡ଼ବିଲା ଚଷାସାହିର ସଭାପତି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

# ଚାମେଲିଙ୍କ ନାମରେ ରହିଛି ୧୧ ମାମଲା: ଏସ୍‌ପି

## ନ୍ୟାୟ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲା ବିଜେଡି





**କେନ୍ଦ୍ରାପଡ଼ା,୧୪।୬/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ତିଖିରୀ ସରପଞ୍ଚ ଚାମେଲି ଓଝାଙ୍କୁ ନ୍ୟାୟ ଦାବି କରି ବିଜେଡିର ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ରଘୁରାମ ଆର୍ ଆୟରଙ୍କୁ ଭେଟିଛନ୍ତି। ବିଜେଡି ପ୍ରତିନିଧି ଦଳର ଜିଲ୍ଲା ମହିଳା ସଭାନେତ୍ରୀ ସରିତା ସାହୁଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ପ୍ରତିନିଧୀମଣ୍ଡଳୀରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ବିଜେଡି ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ, ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଜ୍ୟୋତିର୍ମୟୀ ପରିଡ଼ା ଓ ପଟ୍ଟାମୁଣ୍ଡାଇ ବିଜେଡି ନେତ୍ରୀ ରିଜୱାନା ବେଗମ୍ ପ୍ରମୁଖ ସାମିଲ୍ ଥିଲେ। ଏହାସହ ଏସ୍‌ପିଙ୍କୁ ମଧ୍ୟ ଏହି ଦଳ ଭେଟି ଚାମେଲିଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ଅନ୍ୟପଟେ ଏସ୍‌ପି କହିଛନ୍ତି ଯେ ଚାମେଲିଙ୍କ ନାମରେ ୧୧ଟି ମାମଲା ରହିଛି। ମାର୍ଶଘାଇ ଥାନାରେ ୨୦୧୬ରୁ ୨୦୨୫ ମଧ୍ୟରେ ୯ଟି ମାମଲା ରୁ ହୋଇଛି। ସେହିପରି ନିକଟରେ ମହାକାଳପଡ଼ା ଥାନାରେ ୨ଟି ମାମଲା ରୁଜୁ ହୋଇଛି ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏହି ମାମଲା ଗୁଡ଼ିକ ମଧ୍ୟରେ ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର, ଗାଳିଗୁଲଜ ଓ ନିଜ ପଞ୍ଚାୟତରେ ଦଙ୍ଗା ସୃଷ୍ଟି କରିବା ପାଇଁ ଉସୁକାଇବା ଆଦି ସାମିଲ୍ ରହିଛି। ମହାକାଳପଡ଼ା ଥାନାଧିକାରୀଙ୍କ ସୂଚନାନୁଯାୟୀ ମହାକାଳପଡ଼ା ଥାନାରେ ୧୭୦/୨୦୨୬ ଓ ୧୭୧/୨୦୨୬ ରୁ ହୋଇ ଘଟଣାର ତଦନ୍ତ ଚାଲିଛି। ଏହି ସମସ୍ତ ମାମଲାର ଚାର୍ଜସିଟ୍ ହୋଇଛି ବୋଲି ଏସ୍‌ପି ଶ୍ରୀ କଟ୍ଟାରିଆ ସୂଚନା ଦେଇଛନ୍ତି।

# ୧୯୯୮ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ଆଳି,୧୪।୬/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଚକ୍ରଧର ହାଇସ୍କୁଲ୍‌ର ୧୯୯୮ ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧୀର ଚରଣ ମହାନ୍ତି, ଶିକ୍ଷକ ବିଜୟ କୁମାର ଦାସ, ଉପେନ୍ଦ୍ର କୁମାର ଦାଶ, ଅନାଦି ଚରଣ ମହାନ୍ତି, କମଳାକାନ୍ତ ଲାହା, ରମେଶ ଚନ୍ଦ୍ର ମହାନ୍ତି, ଅଭିରାମ ପାତ୍ର, କାର୍ତ୍ତିକ ଜେନା, ପ୍ରିୟରଞ୍ଜନ ଦାଶ, ଶିବରାମ ପାଣି ଓ କଳ୍ପତରୁ ବରାଳ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଛାତ୍ରଛାତ୍ରୀମାନେ ଅତିଥିଭାବେ ଯୋଗ ଦେଇଥିବା ଶିକ୍ଷକଙ୍କୁ ପୂଜା କରିବା ସହ ମାନପତ୍ର, ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଜୀବନରେ ଯିଏ ଯେଉଁ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ପ୍ରଥମେ ନିଜକୁ ସମାଜର ଜଣେ ଭଲ ମଣିଷ ଭାବେ ଗଢ଼ି ତୋଳିବା ସହ ସାଙ୍ଗସାଥୀଙ୍କ ସୁଖ ଦୁଃଖରେ ସହଯୋଗ କଲେ ତାହା ହିଁ ପ୍ରକୃତ ବନ୍ଧୁତ୍ୱ ହେବ ବୋଲି ଉପସ୍ଥିତ ଅତିଥିବୃନ୍ଦ କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ବିଜୟ କୁମାର ବେହେରା, ମାଗୁଣି ରାଉତ, ଦୀନବନ୍ଧୁ ଲେଙ୍କା,



ମନୋରଞ୍ଜନ ମହାନ୍ତି ଓ ରତ୍ନପ୍ରଭା ସାହୁଙ୍କୁ ଛାତ୍ରଛାତ୍ରୀମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଥୀ ମଳୟ ରଞ୍ଜନ ବରାଳ, ସୂର୍ଯ୍ୟକାନ୍ତ ବିଶ୍ୱାଳ ଓ ଲଳିତ ରଞ୍ଜନ କରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ଜିଲ୍ଲାସ୍ତରୀୟ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'

# 'ଏଣିକି କେହି ଭୋକିଲା ଶୋଇବେନି, ଦୂର ହେବ ଖାଦ୍ୟ ସମସ୍ୟା'

**ଯାଜପୁର,୧୪।୬/ଏନ୍‌ଏନ୍‌ଏସ୍:** ରାଜ୍ୟରେ ନୂତନ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହିକ୍ରମେ ଯାଜପୁରରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀଗଣ ଓ ଜନସାଧାରଣ ଯୋଗ ଦେଇଥିଲେ। ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା କହିଥିଲେ ଯେ ଦାରିଦ୍ର୍ୟ ଓ କ୍ଷୁଧା ଦୂରୀକରଣ ଦିଗରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଏକ ମାଇଲଖୁଣ୍ଟ ହେବ। ଏଣିକି କେହି ଭୋକିଲା ଶୋଇବେନି, ଖାଦ୍ୟ ସମସ୍ୟା ଦୂର ହେବ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ସରକାର ଅତିରିକ୍ତ ଖାଦ୍ୟ ସୁରକ୍ଷା ଗ୍ୟାରେଣ୍ଟି ସୁନିଶ୍ଚିତ



କରିଛନ୍ତି ବୋଲି ସାଂସଦ କହିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ନୂତନ ରାସନ୍ କାର୍ଡ ବଣ୍ଟା ଯାଇଥିଲା। ଏଥିସହ ମହିଳା ଏବଂ ଶିଶୁ ବିକାଶ ବିଭାଗର 'ପୋଷଣ ଯୋଜନା' ଅଧୀନରେ ଅଙ୍ଗନବାଡ଼ି କର୍ମଚାରୀ, ସୁପରଭାଇଜର୍‌ଙ୍କୁ ସଶକ୍ତ ଓ ଡିଜିଟାଲ୍ ଦୁନିଆ ସହ ଯୋଡ଼ିବା ପାଇଁ ୧୦ଟି ସ୍ମାର୍ଟଫୋନ୍ ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଗତ ଦୁଇ ବର୍ଷରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ ସଫଳତାକୁ ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ ଏକ ଡକ୍ୟୁମେଣ୍ଟାରୀ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଯାଜପୁର ଜିଲ୍ଲାର ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ହିତାଧିକାରୀମାନେ ମଧ୍ୟ ସେମାନଙ୍କ ଅଭିଜ୍ଞତା ବାଣ୍ଟିଥିଲେ। ଅତିରିକ୍ତ ୫ କେଜି ଚାଉଳ ମିଳିବାକୁ ନେଇ ସେମାନେ ଖୁସିବ୍ୟକ୍ତ କରିବା ସହ ରାଜ୍ୟ ସରକାରଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ, ମାର୍କେଟ୍ ଇନ୍ସପେକ୍ଟର୍, ସମାଜସେବୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ନଗର କଂଗ୍ରେସର କାର୍ଯ୍ୟକାରିଣୀ ଓ ଏସ୍‌ଆଇଆର୍ ପ୍ରଶିକ୍ଷଣ ଶିବିର

**ଯାଜପୁର,୧୪।୬/ଏନ୍‌ଏନ୍‌ଏସ୍:** ଯାଜପୁର ନଗର କଂଗ୍ରେସ୍ ପକ୍ଷରୁ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଏବଂ ସ୍ୱତନ୍ତ୍ର ଭୋଟର୍ ତାଲିକା ସଂଶୋଧନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଗର କଂଗ୍ରେସ୍ ସଭାପତି ନାରାୟଣ ଚନ୍ଦ୍ର ସାମନ୍ତ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ଜିଲ୍ଲା କଂଗ୍ରେସ୍ ସାଧାରଣ ସମ୍ପାଦକ ତଥା ହୃଷିକେଶ ପତି ସ୍ତୋତ୍ରପାଠ କରିବା ପରେ ଅତିଥିଙ୍କୁ ସ୍ୱାଗତ



କରିଥିଲେ। ଉପସଭାପତି ବିଭୂତି ମହାପାତ୍ର ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଯାଜପୁର ନିର୍ବାଚନମଣ୍ଡଳୀର ବିଏଲ୍‌ଏ-୧ ତଥା ପୂର୍ବତନ ବିଧାନସଭା ପ୍ରାର୍ଥୀ ସନ୍ତୋଷ ନନ୍ଦ ଯୋଗଦେଇ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଘରକୁ ଘର ବୁଲି ସ୍ୱତନ୍ତ୍ର ଭୋଟର୍ ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ କଂଗ୍ରେସ ଦଳ ପକ୍ଷରୁ ପ୍ରତ୍ୟେକ ୱାର୍ଡର ବିଏଲ୍‌ଏ-୨ ଏବଂ ବୁଥ୍‌ସ୍ତରରେ ସରକାରଙ୍କ ଦ୍ୱାରା ନିଯୁକ୍ତ ବିଏଲ୍‌ଓଙ୍କୁ ସହଯୋଗ କରିବା ପାଇଁ ଯେଉଁ ୧୨ଟି ପ୍ରମାଣପତ୍ରର ଆବଶ୍ୟକତା ରହିଛି ତାକୁ ଉଲ୍ଲେଖ କରିଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ପୂର୍ବତନ ନଗର କଂଗ୍ରେସ୍ ସଭାପତି ଦିଲ୍ଲୀପ ଦାଶ, ପୂର୍ବତନ ଜିଲ୍ଲା ମହିଳା କଂଗ୍ରେସ୍ ସଭାନେତ୍ରୀ ପ୍ରତିମା କର, ବ୍ଲକ୍ କଂଗ୍ରେସ୍ ସଭାପତି ଗଦାଧର ଦାସ, ପୂର୍ବତନ ଯାଜପୁର ବିଧାନସଭା ପ୍ରାର୍ଥୀ ସୁଦୀପ କର ଓ ପୂର୍ବତନ ଜିଲ୍ଲା ଦଳିତ ସେଲ୍ ସଭାପତି ଦୁର୍ଯ୍ୟୋଧନ ବେହେରା ପ୍ରମୁଖ କଂଗ୍ରେସ୍ ପକ୍ଷରୁ ସ୍ୱତନ୍ତ୍ର ଭୋଟର୍ ତାଲିକା ସଂଶୋଧନ ସମୟରେ ଉପସ୍ଥିତ ରହି ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌରପାଳିକାର ୧୮ଟି ୱାର୍ଡର ସମସ୍ତ କଂଗ୍ରେସ କର୍ମୀ ଓ ନେତୃମଣ୍ଡଳୀମାନେ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ସର୍ବଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ସଂଗ୍ରାମ ଜେନା, କୁମାର ଆଶୁତୋଷ, ଅରଜିତ ନାୟକ, ଅବଦୁଲ ସଲିମ୍, ସସ୍ମିତା ପଣ୍ଡା, ଭାସ୍କର ମହାନ୍ତି, ଅକ୍ଷୟ ଶତପଥୀ, ନିକୁଞ୍ଜ ସାମଲ, ଗୋବିନ୍ଦ ସାହୁ, ବିଦ୍ୟାଧର ବାରିକ, ସ୍ୱପ୍ନା ମହାନ୍ତି, ଚନ୍ଦ୍ରମଣି ସାହୁ, ରୁପାଲି ବାରିକ, ନକୁଳ ଦେବସାହୁ, ପ୍ରମିଳା ସାହୁ, ସୁନିତା ବାରିକ, ଅମୂଲ୍ୟ ବିଶ୍ୱାଳ, ଚନ୍ଦ୍ରଶେଖର ନନ୍ଦ, ନଗେନ୍ଦ୍ର ପତି, ଅବଦୁଲ ରୌଫ, ପତିତପାବନ ରଣା ଓ ବିଜୟ ମହାପାତ୍ର ପ୍ରମୁଖ ଶତାଧିକ କର୍ମୀ ଯୋଗ ଦେଇଥିଲେ।

**ନିତି ଭାରତୀ**

ପୃଥିବୀ, ବାୟୁ, ଭୂମି ଏବଂ ଜଳକୁ ଆମେ ପୂର୍ବପୁରୁଷଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ଲାଭ କରିନାହେଁ, ବରଂ ଆମର ପିଲାମାନଙ୍କଠାରୁ ଆମେ କରଜ ଆଣିଛେ। ତେଣୁ ଆମମାନଙ୍କୁ ତାହା ସେମାନଙ୍କୁ ତାହା ପ୍ରଦାନ କରିବାକୁ ହେବ, ନିହାତି କମ୍‌ରେ ଆମେ ଯେମିତି ସେମାନଙ୍କଠାରୁ ତାକୁ କରଜ ଆଣିଥିଲେ। - **ମହାତ୍ମା ଗାନ୍ଧୀ**

ନିତିଦିନ NITIDIN
ସୋମବାର , ୧୫ ଜୁନ ୨୦୨୬

# ପ୍ରତୀକ ଓ କୋଳାହଳ



**ତପୋଧନ ପଣ୍ଡା**

ବେଳେବେଳେ ସିମ୍ବଲ ବା ପ୍ରତୀକ ଏକ ଘଟଣାର ପ୍ରଭାବକୁ ଅତ୍ୟଧିକ ଗୁରୁତ୍ୱ ପ୍ରଦାନ କରେ। ଲେଖିବାର ଉଦ୍ଦେଶ୍ୟ- କୌଣସି ଦେଶର ଶାସନ କ୍ଷମତାରେ ଥିବା ଦଳ ବିରୁଦ୍ଧରେ ଯଦି କୌଣସି ସ୍ଥାନରେ ବିଦ୍ରୋହ ଦେଖା ଦିଏ, ଯେତେ ଛୋଟ ହେଉ ନା କାହିଁକି, ତାହାକୁ ଦମନ କରିବାକୁ ଉଚ୍ଚ ସ୍ତରରୁ ନିମ୍ନ ସ୍ତର ପର୍ଯ୍ୟନ୍ତ ସବୁ ନେତା ଓ କର୍ମୀମାନେ ଲାଗି ପଡ଼ନ୍ତି। ଆଶଙ୍କା ହୁଏ, କାଳେ ହୁଏତ ଏହା ଦାବାନଳ ଭଳି ମାଡ଼ିଯିବ ସମଗ୍ର ଦେଶକୁ! ଶାସନକୁ ଟଳମଳ କରିଦେବ! ଯଦି ସେଭଳି କିଛି ଘଟଣା ଘଟି ପଡ଼ୋଶୀ ରାଷ୍ଟ୍ରଗୁଡ଼ିକରେ ଶାସନ ପରିବର୍ତ୍ତନ ହୋଇଥିବ, ତା'ହେଲେ ସେହି ଛୋଟ ବିଦ୍ରୋହ ଆଉ ଛୋଟ ହିସାବରେ ପରିଗଣିତ ହେବନାହିଁ। ଅତ୍ୟନ୍ତ ଗୁରୁତ୍ୱ ବହନ କରିବ। ଏପରି ଘଟି ଯାଇଛି ଆମ ଦେଶରେ। କିଛି ଯୁବ ବର୍ଗ ଏକ ନୂତନ ଦଳ ବା ଚ୍ୟାଲେଞ୍ଜ ହିସାବରେ ସୃଷ୍ଟି କରିଦେଲେ କକ୍‌ରୋଚ୍ ଜନତା ଦଳ- ସରକାର ବିରୁଦ୍ଧରେ। ସରକାର ବ୍ୟସ୍ତ ହୋଇ ପଡ଼ିଲେ। ତା'ର ୱେବ୍‌ସାଇଟ୍‌କୁ ବ୍ଲକ୍ କରିବାଠୁ ଆରମ୍ଭ କରି ସୋସିଆଲ ମିଡିଆ ହ୍ୟାଣ୍ଡେଲର ଇନ୍‌ଷ୍ଟାଗ୍ରାମ୍, ଏକ୍ସକୁ ରଦ୍ଦ କରିବାକୁ ଲାଗି ପଡ଼ିଲେ। କିନ୍ତୁ ସେଇ ଦଳର ବିଦ୍ରୋହୀମାନେ ଏହାକୁ ଖାତିର ନକରି ସରକାରଙ୍କୁ ସମାଲୋଚନା କରି ଚାଲିଲେ। ଘଟଣା ଏପରି ସ୍ତରକୁ ଚାଲିଗଲା ଯେ ଦିଲ୍ଲୀ ପୁଲିସ ସେମାନଙ୍କୁ ବାଧ୍ୟହୋଇ ଜନ୍ତରମନ୍ତରଠାରେ ପିକେଟିଂ କରିବାକୁ ଅନୁମତି ଦେଲା। ଏହାକୁ ପ୍ରତୀକ ଭାବେ ବା କୋଳାହଳ ଭାବେ ଗ୍ରହଣ କରାଯାଇପାରେ।

ଏହି ପିକେଟିଂ/ ଆନ୍ଦୋଳନର ମୁଖ୍ୟ ପ୍ରଭାବ ହେଲା ଯେ ଛାତ୍ର ଅଶାନ୍ତି ବହୁ ଦେଶରେ ଶାସନ ପରିବର୍ତ୍ତନ କରିବାକୁ ସକ୍ଷମ ହୋଇଛି ଅତୀତରେ। ଏହି ବିଦ୍ରୋହ ଘଟିବାର ମୁଖ୍ୟ କାରଣ ହେଲା, ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଓ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାର ଫଳ ପ୍ରକାଶନରେ ଅସନ୍ତୋଷ। ଏହି ଦୁଇ ଘଟଣା ସାଧାରଣ ଘଟଣା ହୋଇ ନପାରେ। ଅତୀତରେ ଯେ ପ୍ରଶ୍ନପତ୍ର ପ୍ରଘଟ ଆଦି ହୋଇନାହିଁ, ତା' ନୁହେଁ; ମାତ୍ର ଲଗାତର ଏପରି ଘଟଣା ଘଟୁଥିବା ଓ ସରକାର ବିଶେଷ ଗୁରୁତ୍ୱ ଦେଉ ନଥିବା ହିଁ ମୁଖ୍ୟ କାରଣ। ଭାରତବର୍ଷରେ କେନ୍ଦ୍ରରେ ଜନତା ସରକାର ଅତ୍ୟନ୍ତ ଲୋକପ୍ରିୟ ସରକାର। ଏପରି ଲୋକପ୍ରିୟତା କୌଣସି ସରକାର କୌଣସି ଦେଶରେ ଅର୍ଜନ କରି ନାହାନ୍ତି- ଗଣତାନ୍ତ୍ରିକ ଦେଶରେ। ଯେପରି ଧଳା ପୋଷାକରେ ସାମାନ୍ୟ ଦାଗ ହିଁ ଯଥେଷ୍ଟ ବିବେଚିତ ହୁଏ ତାକୁ ମଇଳା ବୋଲି କହିବା ପାଇଁ; ସେହିପରି ଘଟାଇ ଦେଇଛି ଏହି କକ୍‌ରୋଚ୍ ଜନତା ଦଳ। ନିଟ୍ ପରୀକ୍ଷା ଡାକ୍ତରୀ ପାଠ ଅଧ୍ୟୟନ କରିବାର ଦ୍ୱାର ଉନ୍ମୋଚନ କରିଦିଏ। ଆଉ ଦ୍ୱାଦଶ ଶ୍ରେଣୀର ମୂଲ୍ୟାୟନ ଗୋଟିଏ ବିଦ୍ୟାର୍ଥୀ ଜୀବନରେ ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ଅଜିମ୍ ପ୍ରେମ୍‌ଜୀ ୟୁନିଭର୍ସିଟିର 'ଷ୍ଟେଟ୍ ଅଫ୍ ୱାର୍କିଂ ଇଣ୍ଡିଆ-୨୦୨୬'ର ରିପୋର୍ଟ ଅନୁଯାୟୀ ଆମ ଦେଶର ୪୦ ପ୍ରତିଶତ ୧୫ରୁ ୨୫ ବର୍ଷ ବୟସ ମଧ୍ୟରେ ଥିବା ଯୁବ ବର୍ଗ ବେକାର। ଆଉ ୨୫ରୁ ୨୯ ଏଜ୍ ଗ୍ରୁପ୍‌ର ୨୦ ପ୍ରତିଶତ ବେକାର। ଆଉ ସେହିମାନଙ୍କ ମଧ୍ୟରୁ ଯେଉଁମାନେ କିଛି ନିଯୁକ୍ତି ପାଇଛନ୍ତି, ସେମାନଙ୍କ ନିଯୁକ୍ତି ଅତ୍ୟନ୍ତ କ୍ଷଣସ୍ଥାୟୀ, ଅର୍ଥାତ୍ ସ୍ଥାୟୀ ହିସାବରେ ଗଣ୍ୟ ନୁହେଁ। ଯେପରିକି ଚୁକ୍ତିଭିତ୍ତିକ, ସ୍ୱଳ୍ପମିଆଦୀ, ପ୍ରୋଜେକ୍ଟଭିତ୍ତିକ; କୌଣସି ନିର୍ଦ୍ଦିଷ୍ଟ କମ୍ପାନୀର ପୂର୍ଣ୍ଣକାଳୀନ ନିଯୁକ୍ତି ନୁହେଁ। ପ୍ରଥାଗତ ଚାକିରି ଭଳି ଦୀର୍ଘସ୍ଥାୟୀ ନୁହେଁ। ପୁଣି ଶାସନ କ୍ଷମତାରେ ଥିବା ମନ୍ତ୍ରୀ, ନେତୃବର୍ଗରୁ ଅନେକ ଏପରି ବୟସର ଯେ ସେମାନଙ୍କ ପାଖରେ ଯୁବ ବର୍ଗଙ୍କ ସମସ୍ୟାକୁ ବୁଝି, ସମାଧାନ କରିବା ଅତ୍ୟନ୍ତ ଦୁରୂହ ବ୍ୟାପାର। ଏହାର ମାନେ ଏୟା ନୁହେଁ ଯେ ଏପରି ନେତା ଆଦୌ ନାହାନ୍ତି। ଅଛନ୍ତି, ମାତ୍ର ସେମାନେ କମ୍ ସଂଖ୍ୟାର। ଏଇ ଗତ ରାଜ୍ୟ ନିର୍ବାଚନରେ ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁର ଯେଉଁମାନେ ନିର୍ବାଚିତ ହୋଇଛନ୍ତି, ସେମାନଙ୍କର ଲିଡରମାନେ ୫୦ ବର୍ଷ ବୟସ ଭଳି। ପୁଣି ଉତ୍ତରପ୍ରଦେଶ, ଦିଲ୍ଲୀ, ମହାରାଷ୍ଟ୍ର, ଗୋଆର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ସେଇ ବୟସର ଭଳି।

ଯେଉଁ ଦେଶଗୁଡ଼ିକ ଏକ ଗରିବ ଦେଶ ଭଳି ବା ନିମ୍ନ-ମଧ୍ୟମ ରୋଜଗାରର- ଏପରି ହୋଇଥିଲେ ଅବା ଏହି ଯୁବ ବର୍ଗଙ୍କ ଅସନ୍ତୋଷ ବୁଝା ପଡ଼ନ୍ତା କାହିଁକି ଏତେ ପରିମାଣରେ ନିଯୁକ୍ତିହୀନତା ଦେଶରେ ସୃଷ୍ଟି ହୋଇଛି। ନେପାଳ, ବାଂଲାଦେଶରେ ଯୁବ ବିକ୍ଷୋଭ ବା ଜେନ୍-ଜିଙ୍କ ବିଦ୍ରୋହ ଶାସନ ପରିବର୍ତ୍ତନ କରିବାକୁ ସକ୍ଷମ ହୋଇଛି। ସେଇ ଦେଶଦ୍ୱୟ ଲୋୟର, ମିଡଲ୍ ଇନ୍‌କମ୍ ଦେଶ, ୱାର୍ଲଡ୍ ବ୍ୟାଙ୍କର ରିପୋର୍ଟ ଅନୁଯାୟୀ। ଆଉ ସେମାନଙ୍କ ପାଇଁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ୍ ହିଁ ଏକମାତ୍ର ଆୟୁଧ ଏକ ବିକ୍ଷୋଭ/ ହିଂସାକୁ ପ୍ରସାର କରିଦେବା ପାଇଁ। ଆମ ଦେଶ ଏକ ବିଶାଳ ଦେଶ। କୌଣସି ସ୍ଥାନରେ ଏପରି ବିକ୍ଷୋଭ ହେଲେ ତାହା ସମଗ୍ର ଦେଶକୁ ପ୍ରସରି ଯିବ- ଏପରି ଆଦୌ ନୁହେଁ। ତେବେ ସରକାର ଏତେ ପ୍ରତିକ୍ରିୟାଶୀଳ ହୋଇ ପଡ଼ିଲେ କାହିଁକି ? ଏହି ପ୍ରତିକ୍ରିୟା ହିଁ ସୂଚାଇ ଦେଉଛି ଲଗାତର ଏପରି ପ୍ରଶ୍ନପତ୍ର ଲିକ୍ ବା




ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନକୁ ସରକାର ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି ଓ ତା'ର ସମାଧାନ ପାଇଁ ପ୍ରୟାସୀ ହୋଇ ଉଠିଛନ୍ତି। ଅର୍ଥାତ୍ ଏହି କକ୍‌ରୋଚ୍ ଜନତା ଦଳ ଏକ କୋଳାହଳ ନୁହେଁ। ଏକ ସଙ୍କେତ, ଏକ ପ୍ରତୀକ- ସରକାର ଅସାବଧାନତାକୁ ଦର୍ଶାଇବା ପାଇଁ। ତେଣୁ ଏହି ନିଟ୍ ପ୍ରଶ୍ନପତ୍ର ପ୍ରଘଟ ବା ସିବିଏସ୍‌ଇ ପରୀକ୍ଷାର ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ଅତ୍ୟନ୍ତ ଗୁରୁତ୍ୱର ସହିତ ଗ୍ରହଣ କରାଯିବା ଜରୁରୀ, କାରଣ ଏୟା ନୁହେଁ ଯେ ଆମର ସିଷ୍ଟମ୍ ଦୁର୍ନୀତିଗ୍ରସ୍ତ ବା ଅଯୋଗ୍ୟ। ଏଥିପାଇଁ ଯେ ଏହି ଦୁଇଟି ପରୀକ୍ଷାରେ ତ୍ରୁଟିକୁ ଯୁବ ବର୍ଗର ଲୋକେ ସାଧାରଣ ଭାବେ ଗ୍ରହଣ କରି ନାହାନ୍ତି। ଯୁବ ବର୍ଗଙ୍କ ଭାବନା ହେଲା, ସେମାନେ ଓ ସେମାନଙ୍କ କ୍ୟାରିଅର ମଧ୍ୟରେ ଏହି ଦୁଇ ପରୀକ୍ଷା ଏକ ଚେକ୍ ଗେଟ୍ ଭଳି କାର୍ଯ୍ୟ କରେ। ପିତାମାତା ନିଜର ସବୁତକ ସଞ୍ଚୟ ଖଟେଇ ଥାଆନ୍ତି ସେମାନଙ୍କର ପୁଅ ଝିଅମାନଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତିର କୋଚିଂ/ ଟିଉସନ ଖର୍ଚ୍ଚ ବହନ କରିବା ଉଦ୍ଦେଶ୍ୟରେ- ଏହି ପରୀକ୍ଷାରେ ହାୟର ର୍ୟାଙ୍କ୍ ପାଇବା ଲାଗି। ତେଣୁ ଏହି ପ୍ରଶ୍ନପତ୍ର ଲିକ୍ ସେମାନଙ୍କର ହତାଶାକୁ ବହୁଗୁଣିତ କରିଦିଏ। ଯେଉଁ ପରୀକ୍ଷାର୍ଥୀ ଭଲ ଭାବରେ ପ୍ରସ୍ତୁତି କରି ଉଚ୍ଚ ର୍ୟାଙ୍କ୍‌ରେ ସ୍ଥାନ ପାଇଁ ଆଶା ରଖିଥିବ, ତାହା ଯେ ପୁନର୍ବାର କରି ପାରିବ ଆଉ ଥରେ ପରୀକ୍ଷା ଦେଲେ, ତାହା ଭାବିବା ବି ଠିକ୍ ନୁହେଁ। ଭଲ ପିଲା ଯେ ସବୁବେଳେ ଭଲ କରି ଚାଲିବେ, ଏଭଳି କଥା ବି ନୁହେଁ। ଥରେ ମନ ଭିତରେ ହତାଶା ପଶିଲେ, ଆଶଙ୍କା ବୃଦ୍ଧି ପାଇଲେ, ତାହା ତା'ର ପ୍ରସ୍ତୁତିକୁ ଧିମେଇ ଦିଏ। ଆଉ ସହଜ ଭାବରେ ଗ୍ରହଣ କରି ପାରନ୍ତି ନାହିଁ ବିଦ୍ୟାର୍ଥୀ ଓ ତା'ର ପରିବାର ବର୍ଗ। ଦ୍ୱିତୀୟ ଥର ପରୀକ୍ଷାରେ ଯେ ଏପରି ପ୍ରଶ୍ନପତ୍ର ସଂପୂର୍ଣ୍ଣ/ ଆଂଶିକ ପ୍ରଘଟ ନହେବ, ତା'ର ଗ୍ୟାରେଣ୍ଟି କିଏ ଦେବ! ସରକାର ତ ଆଦୌ ନୁହନ୍ତି। ମାନସିକ ଯନ୍ତ୍ରଣା ସୃଷ୍ଟି ହେବ ପ୍ରସ୍ତୁତିକାରୀ ବିଦ୍ୟାର୍ଥୀଟିର ମନରେ।

ତେଣୁ 'କକ୍‌ରୋଚ୍' ଉପରେ କ୍ରୋଧ ସୃଷ୍ଟି ହେବାର କିଛି ମାନେ ନାହିଁ; ଆଉ ବିରୋଧୀ ଦଳ ଯେ ଏଥିରୁ ଫାଇଦା ଉଠାଇ ଶାସନ ପରିବର୍ତ୍ତନ ପାଇଁ ସକ୍ଷମ ହେବେ, ତାହା ବି ନୁହେଁ। ଶାସନ ପରିବର୍ତ୍ତନ କରାଯାଇଛି ଅନେକ ରାଷ୍ଟ୍ରରେ ଆରବ ସ୍ପ୍ରିଂ ମାଧ୍ୟମରେ। ଫଳ ହୋଇଛି କ'ଣ ? ପରିବର୍ତ୍ତିତ ସରକାରରେ ଅନେକ କଠୋରପନ୍ଥୀ ସୃଷ୍ଟି ହୋଇଛନ୍ତି, ଦୁର୍ନୀତିଗ୍ରସ୍ତ ହୋଇଛନ୍ତି, ଦେଶରେ ସ୍ଥିରତା ନାହିଁ। ଏହା ଲିବିୟାଠାରୁ ଆରମ୍ଭ ହୋଇଛି ତମାମ୍ ଆରବ ଆଲୋଡ଼ନରେ ସଂପୃକ୍ତ ଦେଶମାନଙ୍କରେ। ଆଉ ନେପାଳ ଓ ବାଂଲାଦେଶରେ ସରକାର ପରିବର୍ତ୍ତନ ହୋଇଛି ଏହି ଜେନ୍-ଜିଙ୍କ ବିଦ୍ରୋହରୁ। ମାତ୍ର ପରିବର୍ତ୍ତିତ ସରକାରଙ୍କ ପାଖରେ ଅଧିକ ନିଯୁକ୍ତି ସୃଷ୍ଟି କରିବା ପ୍ରଶ୍ନର କୌଣସି ଉତ୍ତର ନାହିଁ। ଆଉ ନାହିଁ ବି ମୁଦ୍ରାସ୍ଫୀତି ରୋକିବାର କି କୃତ୍ରିମ ବୁଦ୍ଧିମତ୍ତା ବା ଏଆଇର ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବାର। ଆଉ କିଛି ଦିନ ପରେ ଏଇ 'କକ୍‌ରୋଚ୍' ହୁଏତ ନଥାଇ ପାରେ, ମାତ୍ର ତାଙ୍କ ଦ୍ୱାରା ସୃଷ୍ଟି ଚ୍ୟାଲେଞ୍ଜ୍ ସବୁ ସମୟରେ ରହିବ ଏବଂ ଯୁବ ବର୍ଗଙ୍କ ପାଇଁ ସୃଷ୍ଟ ଏହି ପ୍ରଶ୍ନପତ୍ର ଲିକ୍ ହେଉ ବା ବେରୋଜଗାରୀ, ମୁଦ୍ରାସ୍ଫୀତି ଓ ଏଆଇ ଦ୍ୱାରା ସୃଷ୍ଟି ହେଉଥିବା ଅସଂଖ୍ୟ ସମସ୍ୟା ରହିବ ହିଁ ରହିବ। ଏଥିପାଇଁ ସରକାର ସବୁ ସମୟରେ ସତର୍କ ରହିବା ଆବଶ୍ୟକ। ପ୍ରଶ୍ନପତ୍ର ଲିକ୍, ସିବିଏସ୍‌ଇର ଉପଯୁକ୍ତ ସୁଧାରର ପଥ ନିର୍ଣ୍ଣୟ କରିବା ଜରୁରୀ।

**ଭିଆଇଏମ୍- ୭୪୧, ଶୈଳଶ୍ରୀ ବିହାର, ଭୁବନେଶ୍ୱର**
**ମୋ: ୯୪୩୭୩୦୭୪୮୬**

# ଆସିଛି ରଜ



**ପ୍ରେମାନନ୍ଦ ପାଣିଗ୍ରାହୀ**

ଗୋଟିଏ ବର୍ଷର ପ୍ରତୀକ୍ଷା ପରେ ଓଡ଼ିଶାର ବଡ଼ ପର୍ବ ରଜ ଆସିଛି। ମାଟି ଓ କୃଷି ସଂସ୍କୃତିର ଏହି ପର୍ବ ପାଇଁ ଓଡ଼ିଆ ଜାତି ଗୋଟିଏ ବର୍ଷ ଧରି ଅପେକ୍ଷା କରିଥାନ୍ତି। ଗାଁ'ଠାରୁ ସହର ପର୍ଯ୍ୟନ୍ତ ସମସ୍ତେ ସାମିଲ ହୁଅନ୍ତି ଏହି ନିଆରା ପର୍ବରେ। ସଂସ୍କୃତି, ପରମ୍ପରା, ପ୍ରକୃତିର ଉପାସନା, ସାମାଜିକ ଚଳଣି, ସମ୍ପର୍କ ଓ ଆଧ୍ୟାତ୍ମିକତାର ବାର୍ତ୍ତାବହ ସାଜିଥିବା ରଜ ପର୍ବ ଓଡ଼ିଆମାନଙ୍କ ପାଇଁ ସ୍ୱତନ୍ତ୍ର। ରଜ ପାନ ସହ ରଜ ଦୋଳି, ବାଗୁଡ଼ି ଖେଳ, ରଜଗୀତ ଖୁବ୍ ମଜା ଦିଏ। ପୋଡ଼ପିଠାର ବାସ୍ନା ସାଙ୍ଗକୁ ରଜ ଦୋଳିର ଗୀତ ମନରେ ଭରିଦିଏ ଏକ ନିଆରା ଅନୁଭୂତି। ମନୁଷ୍ୟର ନାନାବିଧ ଆବଶ୍ୟକତା ପୂରଣ କରୁଥିବା ପୃଥିବୀ ମାତା ପ୍ରତି ସମ୍ମାନବୋଧ ଓ କୃତଜ୍ଞତା ହିଁ ରଜ ପର୍ବର ମୂଳତତ୍ତ୍ୱ। ରଜ ପର୍ବର ଆଗମନରେ ହିଁ ପ୍ରତି ଓଡ଼ିଆଙ୍କ ମନରେ ସୃଷ୍ଟି ହୁଏ ନୂତନ ଶିହରଣ। କୁଆଁରୀ ଝିଅମାନଙ୍କର ଏହା ପ୍ରଧାନ ପର୍ବ ହୋଇଥିଲେ ହେଁ ଆବାଳ ବୃଦ୍ଧ ବନିତା ସଭିଙ୍କ ମନରେ ପୁଲକ ଆଣିଦିଏ ରଜ- ଯେଉଁ ପର୍ବରେ ଭରି ରହିଥାଏ ପ୍ରତ୍ୟେକ ଓଡ଼ିଆଙ୍କ ଆଶା, ଆକାଂକ୍ଷା ଓ ସ୍ୱପ୍ନକୁ ସାକାର କରିବାର ଉପାଦାନ ସମୂହ। ଜୀବନରେ ଟିକେ ହସ ଖୁସି ଭରି ଦେବା ପାଇଁ ପ୍ରକୃତି ସହ ମଣିଷକୁ ନିବିଡ଼ ହେବାର ଅବସର ଆଣିଦିଏ ଏହି ରଜ।

ଓଡ଼ିଆ ଜାତିର ସଂସ୍କୃତି ଓ ସମନ୍ୱୟର ପର୍ବ ରଜ। ଓଡ଼ିଶାର ପର୍ବପର୍ବାଣି, ଧର୍ମ, ସଂସ୍କୃତି ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସେଥି ମଧ୍ୟରୁ ରଜ ଏକ କୃଷିଭିତ୍ତିକ ପର୍ବ। ମୌସୁମୀର ଆଗମନ ପୂର୍ବରୁ ଚାଷୀ କ୍ଷେତରେ ନିଜକୁ ଏକାକାର କରିଦେବାର ଅବ୍ୟବହିତ ପୂର୍ବରୁ ପାଳନ କରେ ଏହି ପର୍ବ। ଏହି ପର୍ବ ପାଳନ ପଛରେ ରହିଥିବା କିମ୍ବଦନ୍ତୀ ଅନୁଯାୟୀ, ଜ୍ୟେଷ୍ଠ ମାସର ଶେଷ ଦିନ ମାଟି ମା' ରଜସ୍ୱଳା ହୁଏ। ଯେମିତି ରଜସ୍ୱଳା ହେଲେ ନାରୀକୁ ଅନ୍ତତଃପକ୍ଷେ ତିନି ଦିନ ବିଶ୍ରାମ ଦିଆଯାଏ, ଘରର କୌଣସି କାମଧନ୍ଦା କରିବାକୁ ଦିଆଯାଏ ନାହିଁ, ସେହିପରି ରଜରେ ରଜସ୍ୱଳା ହୋଇଥିବା ମାଟି ମା'କୁ ତିନି ଦିନ ବିଶ୍ରାମ ଦିଆଯାଏ। ପୃଥିବୀରେ ଭାରତ ଏମିତି ଗୋଟିଏ ଦେଶ, ଯେଉଁଠି ଜନ୍ମ ମାଟିକୁ ମା' କୁହନ୍ତି। ପୌରାଣିକ, ଦାର୍ଶନିକ ଓ ଲୌକିକ ଦୃଷ୍ଟିକୋଣରେ ଏହି ପର୍ବ ମାଟି ମା' ତଥା ସର୍ବଂସହା ଧରିତ୍ରୀ ପ୍ରତି ଏକ ଅନାବିଳ ସ୍ନେହ ସମ୍ମାନର ଦୃଷ୍ଟାନ୍ତ। ଲୋକେ ଏମିତି କିଛି କାର୍ଯ୍ୟ କରନ୍ତି ନାହିଁ, ଯେଉଁଥିରେ ମାତା ବସୁଧାର ଆଘାତ ପାଇବାର ଆଶଙ୍କା ଥାଏ। ଗାତ ଖୋଳିବା ତ ଦୂରର କଥା, ଭୂମି ଉପରେ ଗାରଟିଏ ଟାଣିବା ମଧ୍ୟ ନିଷିଦ୍ଧ ଥାଏ। ଆପାତତଃ ଏହି ତିନି ଦିନ ବୃକ୍ଷଲତା ଉପରେ ଆଘାତ କରିବାର ଦୁଃସାହସ କେହି କରନ୍ତି ନାହିଁ। ଏହି ସମୟରେ ମା' ବସୁମତୀ ରଜସ୍ୱଳା ହୋଇଥିବାରୁ ଚାଷୀ ତା'ର ସମସ୍ତ ପ୍ରକାର କାମ ସାରି ବିଶ୍ରାମ ନେଇଥାଏ। ମାଟି ମା'ର ପୂଜା କରେ। ଲୋକକଥା ଅନୁସାରେ, ପୃଥିବୀ ମାତା ଋତୁସ୍ନାତା ହୋଇଥିବାରୁ ଏହି ଚାରି ଦିନର ପର୍ବରେ କୌଣସି କୃଷି କାର୍ଯ୍ୟ କରାଯାଇ ନଥାଏ। ରଜ ହେଉଛି ସମସ୍ତଙ୍କ ପାଇଁ ବିଶ୍ରାମର ସମୟ। ଏହି ସମୟରେ ମହିଳାଙ୍କ ଭଳି ସମ୍ପୂର୍ଣ୍ଣ ବିଶ୍ରାମରେ ରହନ୍ତି ଧରିତ୍ରୀ ମାତା। କୌଣସି ପ୍ରକାର କର୍ଷଣ ବା ଖନନ ସମ୍ପୂର୍ଣ୍ଣ ନିଷିଦ୍ଧ ହୋଇଥାଏ। ପହିଲି ରଜରୁ ରଜ ପର୍ବ ଆରମ୍ଭ ହୋଇ ଦ୍ୱିତୀୟ ଦିନରେ ସଂକ୍ରାନ୍ତି, ତୃତୀୟ ଦିନ ଭୂଇଁ ଦହନ ଓ ଶେଷ ଦିନରେ ବସୁମତୀ ସ୍ନାନ କରାଯାଇଥାଏ। ପୃଥିବୀର ପ୍ରତୀକ ସଦୃଶ ବଟା ଶିଳକୁ ମହିଳାମାନେ ଏହି ଦିନରେ ହଳଦୀ ପାଣିରେ ସ୍ନାନ କରାଇ ସିନ୍ଦୁର, ଫୁଲ ଦେଇ ପୂଜା କରନ୍ତି। ଧରିତ୍ରୀଙ୍କୁ ମଧ୍ୟ ବିଭିନ୍ନ ପ୍ରକାର ଫୁଲ ଅର୍ପଣ କରାଯାଏ। ଝିଅ ବୋହୂମାନେ ଏହି




ରଜ ପର୍ବରେ ନୂଆ ପୋଷାକ ପିନ୍ଧି, ଗୋଡ଼ରେ ଅଳତା, ହାତରେ ମେହେନ୍ଦି ଲଗାଇ, ରଜ ପାନ ଖାଇ ଦୋଳିରେ ଖେଳିଥାନ୍ତି। ରଜ ଗୀତ ସାଙ୍ଗକୁ ନୃତ୍ୟ, ସଙ୍ଗୀତ, ହୁଳହୁଳି, କାନ୍ଦଣା, ତାସ୍, ପୁଚି, ଲୁଡୁ, ଖେଟି, ଚିତ୍ରାଙ୍କନ, ପାନଭଙ୍ଗା ଆଦି ପ୍ରତିଯୋଗିତାରେ ମଗ୍ନ ରହିଥାନ୍ତି। କେବଳ କୁଆଁରୀ କନ୍ୟା ବା ନୂଆ ବୋହୂମାନେ ନୁହନ୍ତି, ଗାଁମାନଙ୍କରେ ଛୋଟ ପିଲାଠାରୁ ଆରମ୍ଭ କରି ବୟସ୍କମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ତିନି ଦିନ ଜୀବନ ଭରି ଉପଭୋଗ କରନ୍ତି। ଆଦିବାସୀ ପରମ୍ପରାରେ ଦୋଳି ପାଖରେ ରଜୋବତୀ ପୂଜା କରାଯାଏ। ଝିଅ ବୋହୂମାନେ ରଙ୍ଗବେରଙ୍ଗ ପୋଷାକ ଓ ଶାଢ଼ି ପିନ୍ଧି ଦିନ ତମାମ୍ ଦୋଳି ଓ ଗୀତରେ ମସ୍‌ଗୁଲ ରୁହନ୍ତି। ରଜ ଶେଷ ଦିନ ରଜବତୀ ଠାକୁରାଣୀଙ୍କୁ ପଟୁଆରରେ ନେଇ ବିସର୍ଜନ କରାଯାଏ।

ଦାରୁଣ ନିଦାଘ ପରେ ଧରା ପୃଷ୍ଠକୁ ଓହ୍ଲାଇ ଆସିଥାଏ ବରଷା ରାଣୀ। ଅକ୍ଷୟ ତୃତୀୟାଠାରୁ ମାଟି ମା' ରୂପୀ ଗହୀର ବିଲରେ ପଡ଼ି ରହିଥିବା ଧାନ ବିହନ ସବୁ ଅନାଇଥାନ୍ତି ଆଦ୍ୟ ଆଷାଢ଼ର ପ୍ରଥମ ବାରିପାତକୁ। ଖରା ଧାସରୁ ମୁକୁଳି ଥିବା ପୃଥିବୀ ବର୍ଷା ଟୋପା ସହିତ ସବୁଜ ପରିଧାନରେ ସୁସଜ୍ଜିତ ହୋଇ ଉଠେ। ଆକାଶ ଓ ପୃଥିବୀର ମିଳନ ଏହି ମୁହୂର୍ତ୍ତକୁ ମଧୁମୟ କରିଦିଏ; ଧରା ହୋଇଥାଏ ଶୀତଳ। ଚାରିଆଡ଼େ ସତେଜତାର ବାସ୍ନା ଖେଳିଯାଏ, ଯାହା ମଣିଷର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ସବୁ ବର୍ଷ ପରି ରଜ ଆସିଛି। ବରଷା ରାଣୀର ଓଢ଼ଣୀ ତଳେ ଆସେ ରଜ। ସାଧାରଣତଃ ଜୁନ୍ ମଧ୍ୟଭାଗରେ ରଜ ପର୍ବ ପଡ଼ିଥାଏ। ରଜ ବେଳକୁ ପ୍ରାକ୍-ମୌସୁମୀ ଓଡ଼ିଶା ଛୁଇଁ ସାରିଥିବାରୁ ପାଗ କୋହଳା ଓ ଆରାମଦାୟକ ଥାଏ। ଓଡ଼ିଶାରେ ରଜ ସମୟରେ ପାଗ ମେଘାଚ୍ଛନ୍ନ ସହ କିଛି କିଛି ସ୍ଥାନରେ ବର୍ଷା ଅନୁଭୂତ ହୋଇଥାଏ। ଟିକେ ଖରା, ଟିକେ ଛାଇର ଫେଣ୍ଟାଫେଣ୍ଟି ପାଗ, ଯାହାକୁ ରଜ ପାଗ କୁହାଯାଏ। ଏହି ପାଗରେ ଥାଏ ଏକ ସ୍ୱତନ୍ତ୍ର ମାଦକତା। ମୌସୁମୀ ଓଡ଼ିଶାକୁ ଛୁଇଁବା ଦ୍ୱାରା ସାରା ରାଜ୍ୟରେ ଅନୁଭୂତ ହୁଏ ରଜ ପାଗ। କୋହଳା ପାଗ ସହ ସୁଲୁସୁଲିଆ ପବନ ଯେମିତି ରଜକୁ ସ୍ୱାଗତ କରେ। କାହିଁକି ନା ଖରା ଓ ଗରମରେ ହନ୍ତସନ୍ତ ହୋଇ ପଡ଼ିଥିବା ଲୋକେ ଆଶ୍ୱସ୍ତ ହୋଇଥାନ୍ତି ରଜ ପାଗରେ। ତେବେ ପାରମ୍ପରିକ ରଜରେ ଆଧୁନିକତାର ଛାପ ପଡ଼ିଛି। ରଜ ପରମ୍ପରାରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ରଜର ନିଆରା ଗୀତ- ରଜ ଗୀତ ଲୋକ ମୁଖରୁ ଲିଭି ଯାଉଛି। ଏହା ଆମ ପାରମ୍ପରିକ ଲୋକଗୀତ। ଏହାକୁ ବଞ୍ଚାଇ ରଖିବାକୁ ପ୍ରୟାସ ହେଉନାହିଁ। ହାଇଟେକ୍ ଉପାୟରେ ହେଉ ପଛେ ଏହାକୁ ଉଜ୍ଜୀବିତ କରି ରଖିବା ପାଇଁ ଚେଷ୍ଟା କରାଯିବା ଦରକାର।

**ଭୁବନ, ଢେଙ୍କାନାଳ**
**ମୋ: ୯୪୩୭୭୨୯୩୮୪**

# ରଜ: ମାଟି ଓ ମହିଳା ସମ୍ମାନର ଅନନ୍ୟ ପର୍ବ



**ପ୍ରମୋଦ କୁମାର ପଣ୍ଡା**

ପର୍ବର ପ୍ରଦେଶ ଓଡ଼ିଶା। ଏଠି ବାର ମାସରେ ତେର ପର୍ବ ପାଳିତ ହୁଏ। ରଜ ତନ୍ମଧ୍ୟରୁ ଅନ୍ୟତମ। ଜୁନ୍ ମାସ ମଧ୍ୟଭାଗରେ ଏହା ପଡ଼େ। ଏହାକୁ ରଜ ସଂକ୍ରାନ୍ତି କିମ୍ବା ମିଥୁନ ସଂକ୍ରାନ୍ତି କୁହାଯାଏ। କାରଣ ଜ୍ୟୋତିଷ ଶାସ୍ତ୍ର ମୁତାବକ ଏହି ସମୟରେ ସୂର୍ଯ୍ୟ ବୃଷଭ ରାଶିରୁ ମିଥୁନ ରାଶିକୁ ଗୋଚର ହୁଅନ୍ତି/ ପ୍ରବେଶ କରନ୍ତି। ଏହା ଏକ ତିନିଦିନିଆ କୃଷି ଏବଂ ସାଂସ୍କୃତିକ ଉତ୍ସବ। କେତେକ ସ୍ଥାନରେ ଏହି ପର୍ବ ପାଞ୍ଚ ଦିନ ଧରି ଚାଲେ। ପ୍ରଥମ ଦିନକୁ ସଜବାଜ, ଦ୍ୱିତୀୟ ଦିନକୁ ପହିଲି ରଜ, ତୃତୀୟ ଦିନକୁ ରଜ ସଂକ୍ରାନ୍ତି, ଚତୁର୍ଥ ଦିନକୁ ଭୂଦାହ କିମ୍ବା ବାସି ରଜ ଓ ପଞ୍ଚମ ତଥା ଅନ୍ତିମ ଦିନକୁ ବସୁମତୀ ସ୍ନାନ କୁହାଯାଇଥାଏ।

ଧାର୍ମିକ ମାନ୍ୟତା ଅନୁସାରେ ରଜ ସଂକ୍ରାନ୍ତିର ପୂର୍ବ ଦିନରୁ ପର ଦିନ ପର୍ଯ୍ୟନ୍ତ ପୃଥିବୀ ମାତା ମାସିକ ଧର୍ମରେ ଥାଆନ୍ତି। ତେଣୁ ତାଙ୍କୁ ସମ୍ପୂର୍ଣ୍ଣ ଆରାମ ଆବଶ୍ୟକ ପଡ଼େ। ଏହି ସମୟରେ ହଳ କରିବା ଅଥବା ଗାତ ଖୋଳିବା ସମ୍ପୂର୍ଣ୍ଣ ବାରଣ ଅଟେ। ବୈଜ୍ଞାନିକ, ପାରିସ୍ଥିତିକ ଓ ତାର୍କିକ ଦୃଷ୍ଟିକୋଣରୁ ବିଚାର କଲେ ପ୍ରକୃତି, ମୌସୁମୀ ଓ ମହିଳା ସ୍ୱାସ୍ଥ୍ୟ ସହିତ ରଜୋତ୍ସବର ସିଧାସଳଖ ସମ୍ପର୍କ ରହିଛି। ଜୁନ୍ ମାସ ମଧ୍ୟଭାଗରୁ ଆରମ୍ଭ ହେଉଥିବା ମୌସୁମୀଜନିତ ବର୍ଷାର ଆଦ୍ୟ ପରଶରେ ମାଟି ତଳେ ଥିବା ସୂକ୍ଷ୍ମ ଜୀବ ବୀଜ ଅଙ୍କୁରିତ ହେବାର ପ୍ରାକୃତିକ ଅବସର ଲାଭ କରନ୍ତି। ହଳ ନ କରିବା ଓ ଜମିକୁ ଖୋଲା ନଛାଡ଼ିବା ଦ୍ୱାରା ମୃତ୍ତିକା କ୍ଷୟ ହୁଏନାହିଁ। ମାଟିର ଉର୍ବରତା ବଢ଼େ। ପର୍ଯ୍ୟାବରଣ ସନ୍ତୁଳିତ ରହେ। ରଜସ୍ୱଳା ସମୟରେ ମହିଳାମାନେ ରକ୍ତସ୍ରାବ ଯୋଗୁଁ ଶାରୀରିକ ଦୁର୍ବଳତା ଅନୁଭବ କରନ୍ତି। ତାଙ୍କୁ ଥକ୍କା ଲାଗେ। ତାଙ୍କର ବିଶ୍ରାମ ଆବଶ୍ୟକ ପଡ଼େ। ପୃଥିବୀ ଓ ମହିଳାଙ୍କ ସମ୍ମାନରେ କେଉଁ କାଳରୁ ରଜ ପର୍ବ ପାଳିତ ହୋଇ ଆସୁଛି। ଏହା ପ୍ରାରମ୍ଭ ହେବାର ନିର୍ଦ୍ଦିଷ୍ଟ ଦିନ କିମ୍ବା ତାରିଖ ଅନୁପଲବ୍ଧ। ସାକ୍ଷ୍ୟ ନାହିଁ। ତଥାପି ଏହାର ଇତିହାସ ଖୁବ୍ ପ୍ରାଚୀନ। ଏହି ତିନି ଦିନ ମହିଳାଙ୍କୁ ଭାରି ଘରୋଇ କାମରୁ ରିହାତି ମିଳେ। ଛୁଟି ଦିଆଯାଏ। ସେମାନେ ନୂଆ ବସ୍ତ୍ର ପରିଧାନ କରନ୍ତି। ପାଦରେ ଅଳତା ଲଗାନ୍ତି। ବିଭିନ୍ନ ପ୍ରକାର ପିଠାପଣା, ମୁଖ୍ୟତଃ ପୋଡ଼ପିଠା, ଆରିସା, କାକରା, ମଣ୍ଡା, ମିଠା ଏବଂ ସୁସ୍ୱାଦୁ ବ୍ୟଞ୍ଜନ ସେବନ କରନ୍ତି। 'ବନସ୍ତେ ଡାକିଲା ଗଜ/ ବରଷକେ ଥରେ ଆସିଛି ରଜ/ ଆସିଛି ରଜ ଲୋ ଘେନି ନୂଆ ସଜବାଜ...'- ପାରମ୍ପରିକ ଗୀତ ବୋଲି ସାଙ୍ଗସାଥୀଙ୍କ ସହ ରଜ ଦୋଳି ଦୋଳନ୍ତି ଓ ଦୋଳାନ୍ତି। ପଡ଼ିଶା ଘରୁ ପିଠାପଣା ଖାଇବାକୁ ନିମନ୍ତ୍ରଣ ଆସେ। ଝିଅମାନେ ଦଳ ଦଳ ହୋଇ ମଜା ମଜଲିସ କରନ୍ତି। ପଡ଼ିଶା ଘରକୁ ଯାଆନ୍ତି। ରଜରେ ପାନ ଖୁବ୍ ପ୍ରସିଦ୍ଧ। ରଜପାନ ଭଙ୍ଗା ହୁଏ, ଖିଆ ହୁଏ, ବଣ୍ଟା ହୁଏ। କୁହାଯାଏ, ରଜରେ ପାଟି ନାଲି ନହେଲେ ରଜ ମଉଜ ମଉଳି ଯାଏ।

ଗ୍ରୀଷ୍ମ ଋତୁରେ ପ୍ରବଳ ଗରମ ହୁଏ। ବର୍ଷାଋତୁ ଆସିଲେ ପାଗ ସ୍ୱତଃ ଥଣ୍ଡା ହେବାକୁ ଲାଗେ। ଅତିଶୟ ଗରମରୁ ହଠାତ୍ ଥଣ୍ଡା ପରିବେଶ ହେତୁ ମଣିଷ ଶରୀର ନାନାଦି ସଂକ୍ରମଣ ପ୍ରତି ସମ୍ବେଦନଶୀଳ ହୋଇପଡ଼େ। ରଜ ଉତ୍ସବରେ ପ୍ରସ୍ତୁତ ପରିବେଶ ଅନୁକୂଳ ଖାଦ୍ୟପେୟ ଓ ପାରମ୍ପରିକ ପୌଷ୍ଟିକ ଆହାର ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ।

ଓଡ଼ିଶାର ସବୁ ସ୍ଥାନରେ ରଜ ପାଳିତ ହୋଇଥାଏ- ତାହା ପୂର୍ବରୁ ପଶ୍ଚିମ ହେଉ କିମ୍ବା ଉତ୍ତରରୁ ଦକ୍ଷିଣ। ରଜ ପର୍ବର ମୂଳ ଭାବ ସବୁଠି ସମାନ। ଏକଦମ୍ ଏକା। କିଛି ଅନ୍ତର ନଥାଏ। କେବଳ ପର୍ବ ପାଳନର ପଦ୍ଧତି ଓ ଶୈଳୀରେ ଭିନ୍ନତା ପରିଲକ୍ଷିତ ହୋଇଥାଏ। ନୂଆଖାଇ ଏକ କୃଷିଭିତ୍ତିକ ପର୍ବ। ପ୍ରଥମ ଫସଲ ଭଗବାନଙ୍କୁ ନୂଆ ଚାଉଳ ରୂପେ ଅର୍ପିତ ହୁଏ। ଏହି ପର୍ବ ପଶ୍ଚିମ ଓଡ଼ିଶାର ସବୁ ବର୍ଗର ଲୋକ ପାଳିଥାନ୍ତି/ ମାନିଥାନ୍ତି- ସିଏ ଧନୀ ହୁଅନ୍ତୁ କିମ୍ବା ଗରୀବ। ଜାତି, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ହିନ୍ଦୁ ଏହି ପାରମ୍ପରିକ ଉତ୍ସବ ଉତ୍ସାହର ସହ ମନାନ୍ତି। ତେଣୁ ଏହାକୁ ପଶ୍ଚିମ ଓଡ଼ିଶାର ଗଣପର୍ବ କୁହାଯାଏ। ଠିକ୍ ସେହିପରି ପୂର୍ବୀ ଓ ତଟବର୍ତ୍ତୀ ଓଡ଼ିଶାରେ ରଜର ବ୍ୟାପକତା, ଭବ୍ୟତା ରାଜ୍ୟର ଅନ୍ୟ ଅଞ୍ଚଳ ଅପେକ୍ଷା ଅଧିକ। ଗାଆଁରୁ ଆରମ୍ଭ କରି ସହର ଯାଏଁ ସବୁଠି ସବୁ ବର୍ଗର ଲୋକେ ରଜ ଉତ୍ସବରେ ଅଂଶଗ୍ରହଣ କରିଥାନ୍ତି। ତେଣୁ ରଜ ପର୍ବକୁ ଉପକୂଳ ଓ ପୂର୍ବ ଓଡ଼ିଶାର ଗଣପର୍ବ କୁହାଯାଇଥାଏ। ମିଥୁନ ସଂକ୍ରାନ୍ତି ଏହି ପର୍ବର ପ୍ରମୁଖ ଦିବସ। ହସ ଖେଳ, ମଉଜ ମଜଲିସ, ଖାଇବା ପିଇବା, ରଜ ଗୀତ ବୋଲିବା, ଦୋଳିରେ ଝୁଲିବା ଇତ୍ୟାଦିର ପର୍ବ ରଜ ବସୁମତୀ ସ୍ନାନ ସହ ସମାପନ ହୋଇଥାଏ। ତା'ର ଅନ୍ତିମ ଚରଣରେ ପହଞ୍ଚି ଥାଏ। ଶିଳପୁଆକୁ ଧରିତ୍ରୀ ମାତାଙ୍କ ପ୍ରତୀକ ରୂପେ ଗ୍ରହଣ କରି ହଳଦୀ ଆଦି ଲେପନପୂର୍ବକ ପବିତ୍ର ସ୍ନାନ କରାଯାଇଥାଏ। ମହିଳା, ମୁଖ୍ୟତଃ କୁଆଁରୀ କନ୍ୟାଙ୍କ ପର୍ବ ରଜ ନାରୀ ସମ୍ମାନର ସଙ୍କେତ ବହନ କରେ। ମହିଳା ରଜବତୀ ହେବା ସୃଜନର ଲକ୍ଷଣ। ଆଧୁନିକ ସମାଜ ଯେଉଁଠି ଏବେ ସୁଦ୍ଧା ଏହାକୁ ଅଶୌଚ ଆଖ୍ୟା ଦିଏ, ପୁରାତନ ମନୀଷୀଗଣ ନାରୀକୁ ପ୍ରଜନନର ସ୍ରୋତ ମାନନ୍ତି। ତେଣୁ ସେମାନେ ଧରିତ୍ରୀ ମାତା ଓ ନାରୀଙ୍କ ସମ୍ମାନାର୍ଥେ କେଉଁ କାଳରୁ ଏତାଦୃଶ ଭାବନାତ୍ମକ ପର୍ବର କଳ୍ପନା କରିଛନ୍ତି। ରଜ ସଂକ୍ରାନ୍ତିରେ ପବିତ୍ର ନଦୀରେ ସ୍ନାନ କରି ସୂର୍ଯ୍ୟ ଦେବତାଙ୍କୁ ପୂଜା କରିବା ଓ ଅଭାବୀ ଲୋକଙ୍କୁ ନିଃସ୍ୱାର୍ଥ ସାହାଯ୍ୟ ସହଯୋଗ କରିବାର ବିଶେଷ ମହତ୍ତ୍ୱ ରହିଛି।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର**
**ମୋ: ୭୭୭୮୨୮୩୧୯୦**

# ନାଗରିକଙ୍କ ଦୁର୍ଦ୍ଦଶା ଓ ସରକାରଙ୍କ କାର୍ଯ୍ୟ

ଭାରତ ପ୍ରାୟତଃ ଗୁରୁତ୍ୱାରୋପ କରି ଆସିଛି ଯେ ହର୍ମୁଜ୍ ପ୍ରଣାଳୀ ଭଳି ସାମୁଦ୍ରିକ ପଥଗୁଡ଼ିକ ସଦାସର୍ବଦା ଖୋଲା ରଖାଯିବା ଉଚିତ। ପଶ୍ଚିମ ଏସିଆର ଜାହାଜ ଚଳାଚଳ ପଥଗୁଡ଼ିକୁ ବିପଦାପନ୍ନ କରୁଥିବା ଯେତେବେଳେ ବି କୌଣସି ଘଟଣାଟିଏ ଘଟିଛି, ଯାହାକି ଐତିହାସିକ ଭାବରେ ବୈଶ୍ୱିକ ବାଣିଜ୍ୟ କାରବାର ପାଇଁ ଏକ ଅବାଧ ଚଳାଚଳର ପଥ ପ୍ରଦାନ କରି ଆସିଛି, ଭାରତ ତା'ର ପ୍ରତିବାଦ କରିଛି, କିନ୍ତୁ ସାମୁଦ୍ରିକ ଯାତ୍ରୀମାନଙ୍କ ପାଇଁ ସହାନୁଭୂତିର ସାମାନ୍ୟ ଶବ୍ଦାବଳୀମାନ ପ୍ରୟୋଗ କରିବା ବ୍ୟତୀତ ସେତେ ଦୃଢ଼ ଭାବରେ ପ୍ରତିବାଦ କରି ନୁହେଁ, ଯେଉଁମାନେ କି ସେମାନଙ୍କର କିଛି ବି ଭୂମିକା ନଥିବା ଏକ ଯୁଦ୍ଧରେ ଆନୁଷଙ୍ଗିକ ବିପଦର ଶିକାର ହୋଇଛନ୍ତି। ଇରାନ୍ ଏବଂ ଓମାନ୍ ଓ ହର୍ମୁଜ୍ ପ୍ରଣାଳୀ ଚାରିପଟେ ଥିବା ଜଳଭାଗ ଆଜିକା ସମୟରେ ଭାସମାନ ବନ୍ଦୀଶାଳାଗୁଡ଼ିକ ଭଳି ପାଲଟି ଯାଇଛି, ଯେଉଁଥିରେ ଦେଢ଼ ହଜାରରୁ ଅଧିକ ଜାହାଜ ସେମାନଙ୍କର ଯାତ୍ରା ପଥରେ ପ୍ରତିବନ୍ଧକର ଶିକାର ହୋଇ ଯାତ୍ରା କରିବାକୁ କାହାର ଆଦେଶ ପାଳନ କରିବେ ବା ଯେମିତି ଅପେକ୍ଷା କରିଛନ୍ତି, ସେମିତି ଅପେକ୍ଷା କରି ରହିବେ, ସେ ବାବଦରେ ଅନିଶ୍ଚିତତା ଭିତରେ ରହିଛନ୍ତ- ନାବିକମାନଙ୍କ ପାଇଁ ସ୍ୱଚ୍ଛନ୍ଦ ଜୀବନ ବିତାଇବା ତଥା ଜାହାଜ ମାଲିକ ଏବଂ ପରିଚାଳକମାନଙ୍କର କ୍ଷତି ନିର୍ବିଶେଷରେ। ଏହି ଦୋଦୁଲ୍ୟମାନ ସ୍ଥିତି ଭିତରେ ଜଳ ଭାଗରେ ଫସି ରହିଥିବା ବା କୁଏତ୍, ୟୁଏଇ, ସାଉଦି ଆରବ ଏବଂ କ୍ୱାତାର ଭଳି ଦେଶମାନଙ୍କରେ, ଯେଉଁମାନଙ୍କ ଉପରେ ଇରାନ୍ କ୍ଷେପଣାସ୍ତ୍ରମାନ ବର୍ଷା କରି ଚାଲିଛି, କାରଣ ସେମାନେ ନିଜ ଦେଶରେ ଆମେରିକୀୟ ସାମରିକ ଘାଟିଗୁଡ଼ିକ ସ୍ଥାପନ କରିବାକୁ ଅନୁମତି ଦେଇଛନ୍ତି, ସେସବୁ ସ୍ଥାନରେ ମରୁଥିବା ନିରପରାଧ ଲୋକମାନଙ୍କ ପାଇଁ ନା ତ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସ୍ୱରରେ ସ୍ୱର ମିଳାଇ ଫେବ୍ରୁଆରୀ ୨୮ରେ ଯୁଦ୍ଧ ଆରମ୍ଭ କରିଥିବା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ନା ଇରାନ୍, କେହି ହେଲେ ଚିନ୍ତିତ ଥିବା ଜଣା ପଡୁଛି। ଇରାନ୍ ଯୁଦ୍ଧରେ ୨୦ଟି ଦେଶର ଲୋକ ମୃତାହତ ହୋଇଛନ୍ତି।

ଅକ୍ଟୋବର ୭,୨୦୨୩ରେ ଇରାନ୍‌ର ପ୍ରକ୍ସି ହମାସ୍ ଇସ୍ରାଏଲ ଉପରେ ରକ୍ତାକ୍ତ ଆକ୍ରମଣ କରିବା ପରେ ଗାଜା ପଟି ଉପରେ ଇସ୍ରାଏଲ ଆକ୍ରମଣ କରି ଏହାକୁ ଧ୍ୱସ୍ତ ବିଧ୍ୱସ୍ତ କରିବା ପାଇଁ ଯେଉଁସବୁ ପଦକ୍ଷେପମାନ ନେଇଛି, ତା' ସହିତ ଆଦୌ କୌଣସି ସମ୍ପର୍କ ନଥିବା ଭାରତ ସମେତ ବିଶ୍ୱର ନିରପେକ୍ଷ ଦେଶମାନଙ୍କ ମଧ୍ୟରେ ଯେଉଁମାନେ ରହିଛନ୍ତି, ସେମାନେ ଯେଉଁ ଆନୁଷଙ୍ଗିକ କ୍ଷତିର ସମ୍ମୁଖୀନ ହୋଇଛନ୍ତି, ଭାରତ ମଧ୍ୟ ସେହିଭଳି କ୍ଷତି ରୂପକ ଯନ୍ତ୍ରଣା ଭୋଗ କରି ଆସୁଛି। ଚଳିତ ସପ୍ତାହରେ ଚାରି ଦିନ ଭିତରେ ବିଭିନ୍ନ ଦେଶର ପତାକା ତଳେ ଯାତାୟାତ କରୁଥିବା ତିନି ଗୋଟି ଜାହାଜ ଉପରେ ଆକ୍ରମଣ କରିଥିବା ଆମେରିକା ନିକଟରେ କରାଯାଇଥିବା କୂଟନୀତିକ ଦାବି ଏହା ଉପରେ ତିଳେ ହେଲେ ପ୍ରଭାବ ପକାଇ ପାରିନାହିଁ। ଉପସାଗରୀୟ ଦେଶମାନଙ୍କ ଉପରେ ଇରାନ୍‌ର ଆକ୍ରମଣ, ଯେଉଁଥିରେ କିଛି ସଂଖ୍ୟକ ଭାରତୀୟ ମଧ୍ୟ ମୃତ୍ୟୁବରଣ କରିଛନ୍ତି, ଭାରତ ତା'ର ନିନ୍ଦା କରିବାକୁ ସମ୍ପୂର୍ଣ୍ଣ ଭାବରେ ଅଣଦେଖା କରାଯାଇଛି। ତେଣୁ ବର୍ତ୍ତମାନ ଯାହା ସର୍ବୋତ୍କୃଷ୍ଟ କାର୍ଯ୍ୟ ଭାବରେ ଘଟି ପାରିବ, ତାହା ହେଉଛି-ଆମେରିକା ଏବଂ ଇରାନ୍‌ର ପ୍ରଧାନ ଶତ୍ରୁଭାବାପନ୍ନ କର୍ତ୍ତୃପକ୍ଷମାନେ ଗୋଟିଏ ଟେବୁଲ୍‌ରେ ବସି ଯେତେ ଶୀଘ୍ର ପାରେ ସେତେ ଶୀଘ୍ର ପଶ୍ଚିମ ଏସିଆରେ ଆରମ୍ଭ ହୋଇଥିବା ଏକ ସର୍ବାଧିକ ନିର୍ବୋଧ ଯୁଦ୍ଧର ପରିସମାପ୍ତି ଘଟାଇବା ପାଇଁ ଏକ ରାଜିନାମାରେ ସ୍ୱାକ୍ଷର କରିବା, କାରଣ ଏହି ଯୁଦ୍ଧ ଏକ ଅନ୍ୟଥା ଶାନ୍ତିପୂର୍ଣ୍ଣ ବିଶ୍ୱରେ ଗଭୀର କ୍ଷତ ସୃଷ୍ଟିର କାରଣ ହୋଇଛି। ଏହି ଯୁଦ୍ଧର ସଦ୍ୟତମ ଆକ୍ରମଣ କିଏ ଏବଂ କ'ଣ ପାଇଁ କଲା, ସେ ପ୍ରଶ୍ନ ନୁହେଁ। ସବୁ ପ୍ରକାର ବିପତ୍ତିରୁ ରକ୍ଷା ପାଇବା ନିମନ୍ତେ ଏକମାତ୍ର ରାସ୍ତା ହେଉଛି, ଏଥିରେ ସମ୍ପୃକ୍ତ ସମସ୍ତ ପକ୍ଷ, ସର୍ବୋପରି ଇସ୍ରାଏଲ, ଯିଏକି ଗାଜାକୁ ଧ୍ୱଂସ କରି ସାରିଲାଣି ଏବଂ ଦକ୍ଷିଣ ଲେବାନନ୍‌ରେ ଯୁଦ୍ଧ ଆରମ୍ଭ କରି ସାରିଛି ଏବଂ ବେଳେ ବେଳେ ବିରୁଟ୍‌କୁ ଲକ୍ଷ୍ୟଭୁକ୍ତ କରୁଛି, ତାହା ଏକ ସରଳ ଉପସଂହାରରେ ଉପନୀତ ହେବା ଆବଶ୍ୟକ ଯେ ଆଧୁନିକ କାଳର ଯୁଦ୍ଧରେ କେହି ହେଲେ ବିଜୟୀ ହୋଇ ନଥାନ୍ତି, ବରଂ ସମସ୍ତେ କ୍ଷତିର ଭାର ବହନ କରିଥାନ୍ତି।

ଶ୍ରୀଯୁକ୍ତ ଟ୍ରମ୍ପ୍ ଯେତେବେଳେ ଇରାନୀୟ ସାମରିକ ଲକ୍ଷ୍ୟସ୍ଥଳୀଗୁଡ଼ିକ ଉପରେ ଆକାଶ ମାର୍ଗରୁ ଦୁଇଦିନିଆ ପୁନର୍ନବୀକୃତ ଆକ୍ରମଣକୁ ପ୍ରତ୍ୟାହାର କରିନେଲେ, ସେତେବେଳେ ହୁଏତ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ବଡ଼ ସୂଚନା ପ୍ରଦାନ କରିଥିଲେ। ଯଦ୍ୟପି ତାଙ୍କ କଥା ଉପରେ ଯେ କୌଣସି ବ୍ୟକ୍ତି ସନ୍ଦେହ ପ୍ରକାଶ କରିବେ, କାରଣ ଏହା ବୋଧହୁଏ ୩୮ ଥର ପାଇଁ ସେ କହିଛନ୍ତି ଯେ ଇରାନ୍ ଏହାର ସମୃଦ୍ଧିକୃତ ୟୁରାନିୟମ୍‌କୁ ଏକ ତୃତୀୟ ପକ୍ଷକୁ ହସ୍ତାନ୍ତର କରିବା ସହିତ ଅତି ଆତୁର ଭାବରେ ଯୁଦ୍ଧ ବନ୍ଦ କରିବାକୁ ପ୍ରସ୍ତାବ ଦେଉଛି, ତେବେ ଆଶାବାଦ ଅବଶ୍ୟ କିଛି ଶାଶ୍ୱତ କାର୍ଯ୍ୟ କରିଥାଏ, ଯାହା ଏହି କ୍ଷେତ୍ରରେ ମଧ୍ୟ ପ୍ରମାଣିତ କରିଛି, ଯାହାକୁ ଲକ୍ଷ୍ୟ କରିହେବ ଷ୍ଟକ୍ ମାର୍କେଟ୍‌ଗୁଡ଼ିକ ପୁନଃଚଳଚଞ୍ଚଳ ହୋଇ ଉଠିବାରୁ ଏବଂ ଅଶୋଧିତ ତୈଳର ଦର ହ୍ରାସ ପାଇବାରୁ। ପ୍ରତିଶ୍ରୁତି ଦିଆ ଯାଇଥିବା ପ୍ରସ୍ତାବିତ ଶାନ୍ତି ଚୁକ୍ତି ଚିଠାରେ ହର୍ମୁଜ୍ ପ୍ରଣାଳୀକୁ ପୁନର୍ବାର ଖୋଲିବା ଏକ ପ୍ରମୁଖ ପ୍ରସ୍ତାବ ଭାବରେ ସ୍ଥାନ ପାଇଥିବା କୁହାଯାଉଛି। ଯେ କୌଣସି ସର୍ତ୍ତ ବିନା ବା ଟୋଲ୍ ଆଦାୟ କରିବାକୁ ଅନୁମତି ପ୍ରଦାନ କରାଯାଇ ଏହାକୁ ଖୋଲିବା ବିଶ୍ୱ ବାଣିଜ୍ୟ କାରବାର ପାଇଁ ଢେର୍ ଗୁରୁତ୍ୱପୂର୍ଣ୍ଣ, ଯେଉଁଥିରେ କି ସବୁ ରାଷ୍ଟ୍ର ସମ୍ପୃକ୍ତ। ଆକ୍ରମଣକାରୀମାନେ ଅବରୋଧ ଏବଂ ପ୍ରତିଅବରୋଧ ମାଧ୍ୟମରେ ଏହି ପ୍ରଣାଳୀର ଜଳଭାଗକୁ ଆୟୁଧ କରିବା ବଜାୟ ରଖିଥିବାରୁ ସେମାନେ ଏହାକୁ ଏକ ଲଘୁ ବ୍ୟାପାର ଭାବରେ ହୁଏତ ଦେଖି ପାରନ୍ତି। ଏବେ ଭାରତ ତା'ର ସେହିସବୁ ନାଗରିକମାନଙ୍କୁ ସହାୟତା ପ୍ରଦାନ କରିବାର ଆବଶ୍ୟକତା ରହିଛି, ଯେଉଁମାନେ ଅଧିକ ବିପଦରେ ପଡ଼ିଛନ୍ତି। ଏଥିପାଇଁ ଯେଉଁମାନେ ଇରାନ୍ ଯୁଦ୍ଧ ଯୋଗୁଁ ପ୍ରାଣ ହରାଇଛନ୍ତି ସେମାନଙ୍କର ସମ୍ପର୍କୀୟମାନଙ୍କୁ ଯଥାଯଥ କ୍ଷତି ପୂରଣ ପ୍ରଦାନ କରିବା ଭଳି ସହୃଦୟତା ପ୍ରଦର୍ଶନ କରାଯିବା ଉଚିତ। କେବଳ ଜାହାଜ ମାଲିକ ଏବଂ ସାମୁଦ୍ରିକ ସଂଗଠନଗୁଡ଼ିକୁ କ୍ଷତି ପୂରଣ ପ୍ରଦାନ କରିବା ପାଇଁ କହିଦେବା କେବଳ ଯଥେଷ୍ଟ ନୁହେଁ।

# ଦାନର ପରିଣାମ

ଆମେ ଯେଉଁ କର୍ମ କରୁ, ତା'ର ଫଳ ନିଶ୍ଚିତ ଫଳେ। ବେଳେବେଳେ ଆମେ ଭାବୁ ଦାନ, ସାହାଯ୍ୟ ଇତ୍ୟାଦି କରିବା ଦ୍ୱାରା ବହୁ ପୁଣ୍ୟ ମିଳେ। ସେଥିପାଇଁ ମଣିଷକୁ ଦାନ କରିବାର ସଂସ୍କାର ଶିଖାଇ ଦିଆଯାଇଛି। ବାଟରେ ଘାଟରେ ଭିକାରୀ, ଗରିବମାନଙ୍କୁ ଦେଖିଲେ କେହି କେହି ଦାନ କରନ୍ତି। କିନ୍ତୁ ସାହାଯ୍ୟ କରିବା, ଦାନ କରିବା ବେଳେବେଳେ ନିଷ୍ଫଳ ହୁଏ। ଏହାର ଏକ ଉଦାହରଣ ନିଆଯାଉ।

ରାଜକୁମାରଙ୍କ ଦେହରେ ଅନେକ ଚିହ୍ନ ହୋଇ ଯାଇଥିଲା। ଜଣେ ପଣ୍ଡିତ କହିଲେ- 'ସତ୍ ପାତ୍ରରେ ତିନି ଜାଗାରେ ଦାନ କର। ଦାନ ଯେତିକି ସତ୍ ହେବ, ଚିହ୍ନ ସେତେ ଶୀଘ୍ର ଲିଭିଯିବ।'

ରାଜା କିଛି ମୁଦ୍ରା ଦେଇ କଟୁଆଳକୁ କହିଲେ- 'ଏ ମୁଦ୍ରାରୁ ତିନିଦିନ ଯାଏଁ ସତ୍ ପାତ୍ରରେ ଦାନ କରିବୁ।' କଟୁଆଳ ସେହି ମୁଦ୍ରା ନେଇ ବାହାରିଲା। ଅନେକ ଦୂର ଗଲାପରେ ଦେଖିଲା ଛକରେ ଠାକୁରଙ୍କ ମୂର୍ତ୍ତି ହୋଇଛି। ସାଜସଜ୍ଜାରେ ଆଖି ଝଲସି ଯାଉଛି। ଲୋକମାନେ ଭୋଜିଭାତ କରୁଛନ୍ତି। ଗୀତ ବାଦ୍ୟର ତାଳେ ତାଳେ କେହି କେହି ନାଚୁଛନ୍ତି। ଆଉ କିଏ ମଦ ନିଶାରେ ଚୁର୍ ହେଇ ବସିଛି। ଦଳେ ପିଲା ବାଟୋଇମାନଙ୍କୁ ଟଙ୍କା ମାଗୁଥିଲେ। କଟୁଆଳ ଭାବିଲା, ଏଇଠି ଗୁଡ଼ାଏ ଟଙ୍କା ଖର୍ଚ୍ଚ ହୋଇଥିବ। ଠାକୁରଙ୍କ କାମ ତ ହଉଛି। ବହୁତ ଲୋକ ବି ଅଛନ୍ତି। ଏଠି କିଛି ଦାନ ଦେଲେ ରାଜାଙ୍କର ନାଁ ରହିବ। ପୁଣି ରାଜାଙ୍କ ପୁଅ ବି ଭଲ ହୋଇଯିବ। ଏହି ବିଚାର କରି କଟୁଆଳ ଅଶୀ ଭାଗ ଟଙ୍କା ସେ ଅନୁଷ୍ଠାନକୁ ଦେଲା। ସତକୁ ସତ ଲୋକମାନେ ରାଜାଙ୍କର ଜୟଗାନ କଲେ। କଟୁଆଳକୁ ପ୍ରଶଂସା କଲେ।

ପଦାରବିନ୍ଦ

ଦ୍ୱିତୀୟ ଦିନ କଟୁଆଳ ଚାରିଆଡ଼େ ବୁଲିଲା। ଦେଖିଲା ସୁସ୍ଥ ସବଳ ଯୁବକଟିଏ। ଭିକ ମାଗୁଛି। ଯୁବକକୁ ଭିକ ମାଗିବାର କାରଣ ପଚାରିଲା। ଯୁବକ କହିଲା- 'ମୂଲ ଲାଗିବା ଭାରି କଷ୍ଟ। ଆଠ ଘଣ୍ଟା ଖଟିଲେ ଯାହା ମିଳିବ, ମୁଁ ଭିକ୍ଷା କରି ତା'ଠୁ ବେଶି ପାଉଛି। ଲୋକମାନେ ଦାନ କରି ପୁଣ୍ୟ ବି ଅର୍ଜନ କରୁଛନ୍ତି।' କଟୁଆଳ ଯୁବକକୁ ଦଶ ଭାଗ ଧନ ଦେଲା। ପୁଣି ତା' ପରଦିନ ଯାତ୍ରା ଆରମ୍ଭ କଲା। ବାଟରେ ଲୋକଟିଏ ମୁମୂର୍ଷୁ ଅବସ୍ଥାରେ ପଡ଼ିଛି। ପତ୍ନୀ ପିଲା କାନ୍ଦୁଛନ୍ତି। ଚିକିତ୍ସା ପାଇଁ ଧନ ନାହିଁ। କଟୁଆଳ ତାଙ୍କୁ ଅବଶିଷ୍ଟ ଦଶ ଭାଗ ଧନ ଦେଇ ଫେରି ଆସିଲା। ରାଜାଙ୍କୁ ଦାନ କରିଥିବା ବିଷୟରେ କହିଲା। ଭାବିଥିଲା, ରାଜକୁମାରଙ୍କର ସମସ୍ତ ଚିହ୍ନ ଲିଭି ଯାଇଥିବ। ହେଲେ ରାଜକୁମାରଙ୍କ ଦେହରେ ମାତ୍ର ଗୋଟିଏ ଚିହ୍ନ ଭଲ ହୋଇଥିଲା। କାରଣ ଠାକୁରଙ୍କୁ ଯେଉଁ ଦାନ ଦେଇଥିଲା, ତହିଁରେ ଲୋକଙ୍କ ଜରୁରୀ ଆବଶ୍ୟକତା ନଥିଲା। ସେମାନେ ଅର୍ଥ ନେଇ ମଦ୍ୟପାନ କରୁଥିଲେ। ଆନନ୍ଦ କରୁଥିଲେ। ବିପଥଗାମୀ ହେଉଥିଲେ। ଯୁବକକୁ ଦାନ ଦେବା ଦ୍ୱାରା ବେଶି କର୍ମକୋଢ଼ି ହୋଇଗଲା। ବରଂ ତାକୁ ଭିକ୍ଷାବୃତ୍ତିରୁ ନିବୃତ୍ତ କରିବା ଥିଲା ଉପଯୁକ୍ତ ଦାନ। ତୃତୀୟତଃ, ଦୁଃଖୀ ମଣିଷକୁ ଯେଉଁ ଦାନ କଲା, ତା'ର ପ୍ରଭାବ ରାଜକୁମାରଙ୍କ ଉପରେ ପଡ଼ିଲା।

ପାଠକେ ! କାହାଣୀଟି ସମ୍ପୂର୍ଣ୍ଣ କାଳ୍ପନିକ। ତଥାପି ଏହାର ଅନ୍ତଃସ୍ୱର ଏୟା ଯେ ଦାନ ଦେବାର କ୍ଷେତ୍ର ଦେଖିବା ଉଚିତ୍। କେହି କେହି ପଦ, ପ୍ରତିଷ୍ଠାକୁ ଆଖିରେ ରଖି ଦାନ କରନ୍ତି। ତାହା ପ୍ରତିଷ୍ଠା ଦେଇପାରେ, ପୁଣ୍ୟ ଦିଏନା। ପୁଣ୍ୟ ପାଇଁ ଦାନ କଲେ ନିଃସ୍ୱାର୍ଥ ଓ ବିଚାରଶୀଳ ହେଇ ଦାନ କରିବା ଉଚିତ୍।

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



## ବୈଦିକ ବ୍ରାହ୍ମଣ ସମାଜ ପକ୍ଷରୁ ବିଷ୍ଣୁ ସହସ୍ରନାମ ଓ ହନୁମାନ ଚାଳିଶା ପାଠ



**ଓଡ଼ଗାଁ,୧୪।୬/ଏନ୍ଏନ୍ଏସ୍:** ହିନ୍ଦୁ ସନାତନ ଧର୍ମର ବିଶ୍ୱାସ ଅନୁଯାୟୀ ପ୍ରତି ୩ବର୍ଷରେ ଥରେ ଅଧିମାସ ବା ମଳମାସ ପଡ଼େ, ଯାହାକି ପୁରୁଷୋତ୍ତମ ମାସ ନାମରେ ଖ୍ୟାତ। ଏହି ପୁରୁଷୋତ୍ତମ ମାସରେ ଯେଉଁବ୍ୟକ୍ତି ବିଷ୍ଣୁ ଆରାଧନା ବିଷ୍ଣୁ ସହସ୍ରନାମ ପାଠ କରିଥାଏ ସେ ସାଧାରଣ ମାସଗୁଡ଼ିକରେ ଯେଉଁ ପୁଣ୍ୟଫଳ ପାଇଥାଏ ତାହାଠାରୁ ଅଧିକ ଫଳ ପାଇଥାଏ। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଅଦ୍ୟ ପୁରୁଷୋତ୍ତମ ମାସର କୃଷ୍ଣପକ୍ଷ ଏକାଦଶୀ ତିଥିରେ କୁରାଳ ବିଜେ ପୁରୁଷୋତ୍ତମ ଶ୍ରୀଶ୍ରୀ ଦଧିବାମନ ଜୀଉଙ୍କର ମନ୍ଦିର ପ୍ରାଙ୍ଗଣରେ କର୍ମକାଣ୍ଡ ବିଶାରଦ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀଙ୍କ ଆବାହକତ୍ୱରେ କୁରାଳ ବୈଦିକ ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ଗୁରୁବାର ଏକ ବିଷ୍ଣୁ ଆରାଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜୀଉଙ୍କର ସମୀପରେ, ସାମୁହିକ ବିଷ୍ଣୁ ସହସ୍ରନାମ, ପୁରୁଷୋତ୍ତମଯୋଗ, ଜଗନ୍ନାଥାଷ୍ଟକମ୍, ହନୁମାନ ଚାଳିଶାପାଠ ଉପରାନ୍ତ ଭଜନ କୀର୍ତ୍ତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଭାପତି ଶ୍ରୀ ସୁଶାନ୍ତ କୁମାର ମିଶ୍ର ଓ ସମ୍ପାଦକ ଶ୍ରୀ ଜଗନ୍ନାଥ ମିଶ୍ର ପରିଚାଳନା କରିଥିଲେ। ଏଥିରେ ବୈଦିକ ବ୍ରାହ୍ମଣ ସମାଜର କର୍ମକର୍ତ୍ତା ସର୍ବଶ୍ରୀ ପଣ୍ଡିତ ନିରଞ୍ଜନ ତ୍ରିପାଠୀ, ପଣ୍ଡିତ ସୁରେଶ କୁମାର ଶତପଥି, ସତ୍ୟନାରାୟଣ ଶତପଥୀ, ବିଷ୍ଣୁ ଚରଣ ତ୍ରିପାଠୀ, ନୃସିଂହ ଚରଣ ଶତପଥୀ, ଶରତ କୁମାର ମହାପାତ୍ର, ପବିତ୍ର ମୋହନ ମିଶ୍ର, ନୀଳକଣ୍ଠ ମିଶ୍ର, ଜଗମୋହନ ମିଶ୍ର, ପ୍ରଦୀପ୍ତ କୁମାର ଶତପଥୀ, ବୀରେନ୍ଦ୍ର ଶତପଥୀ, ଅଲେଖ ମିଶ୍ର, ଚିନ୍ମୟ ମିଶ୍ର, ତପନ ତ୍ରିପାଠୀ ତଥା ମନ୍ଦିର ଟ୍ରଷ୍ଟି ସୁରେଶ ପ୍ରଧାନ, ନବୀନ ସାହୁ, ସାମ୍ବାଦିକ ଗଣେଶ୍ୱର ସାହୁ, କୁରାଳ ଚାରଣ ଶାଖା ସଭାପତି ରାମେଶ୍ୱର ପଣ୍ଡା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ସାମ୍ବାଦିକଙ୍କ ପିତୃ ବିୟୋଗରେ ଶୋକ



**ବାଲିପାଟଣା,୧୪।୬/ଏନ୍ଏନ୍ଏସ୍:** ବରିଷ୍ଠ ସାମ୍ବାଦିକ ଅରୁଣ ଶତପଥୀଙ୍କ ପିତା ଅଲେଖ ଶତପଥୀ(୮୪)ଙ୍କର ପରଲୋକ ଘଟିଛି। ତାଙ୍କ ବିୟୋଗରେ ପରିବାର, ବନ୍ଧୁବର୍ଗ ଓ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ସ୍ୱର୍ଗତ ଶତପଥୀ ଗତ କିଛି ମାସ ଧରି ବାର୍ଦ୍ଧକ୍ୟଜନିତ ଅସୁସ୍ଥତାରେ ପୀଡ଼ିତ ଥିଲେ। ଗତ ରାତିରେ ବାଗଲପୁର ଗ୍ରାମସ୍ଥିତ ନିଜ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ଅନ୍ତିମ ସମୟରେ ପୁତ୍ର, ପୁତ୍ରବଧୂ, ତିନି କନ୍ୟା, ଜ୍ୱାଇଁ ଓ ନାତି-ନାତୁଣୀମାନେ ଉପସ୍ଥିତ ରହିଥିଲେ। ସ୍ୱର୍ଗତ ଅଲେଖ ଶତପଥୀ ନିଜର ସରଳ, ନମ୍ର ଓ ମିଷ୍ଟଭାଷୀ ସ୍ୱଭାବ ପାଇଁ ଅଞ୍ଚଳରେ ଜଣେ ସମ୍ମାନିତ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କର ଦେହାନ୍ତ ଖବର ପ୍ରଚାରିତ ହେବା ପରେ ବହୁ ସଂଖ୍ୟକ ଶୁଭେଚ୍ଛୁ, ସାମାଜିକ କର୍ମୀ ଓ ଅଞ୍ଚଳବାସୀ ତାଙ୍କ ବାସଭବନକୁ ଆସି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦୀପଦାନ



**ନୟାଗଡ଼,୧୪।୬/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତବର୍ଷରେ ସର୍ବାଧିକ ୧୨ବର୍ଷ ଅର୍ଥାତ୍ ୪ହଜାର ୩୯୯ ଦିନ ଧରି ପ୍ରଧାନମନ୍ତ୍ରୀ ଭାବେ ନିଜର ଦାୟିତ୍ୱକୁ ତୁଲାଇବାରେ ସକ୍ଷମ ହେବା ସହ ଲୋକକଲ୍ୟାଣ ଯୋଜନାଗୁଡିକରେ ସମଗ୍ର ଦେଶରେ ୧ ନମ୍ବର ପ୍ରଧାନମନ୍ତ୍ରୀ ଭାବେ ବିବେଚିତ ହୋଇଥିବାରୁ ଭାରତର କୋଣ ଅନୁକୋଣରେ ଦେବାଳୟ ଗୁଡିକରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯାଉଛି। ସେହି କ୍ରମରେ ଆଜି ମା' ଦକ୍ଷିଣକାଳୀଙ୍କ ପୀଠରେ ନୟାଗଡ଼ ପୌରାଞ୍ଚଳ ମଣ୍ଡଳ ପ୍ରତିନିଧି ରଂଜନ ରଶ୍ମିଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟିର ନେତାମାନେ ମିଳିତ ଭାବେ ପ୍ରଧାନମନ୍ତ୍ରୀଙ୍କୁ ଉଦ୍ଦେଶ୍ୟରେ ସାମୁହିକ ପ୍ରଦୀପ ପ୍ରଜ୍ୱଳନ କରି ଦୀର୍ଘାୟୁ କାମନା କରିବା ସହିତ ମା' ଦକ୍ଷିଣକାଳୀଙ୍କ ମନ୍ଦିର ପରିସରରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ନିରନ୍ତର ଭାବେ ସର୍ବାଧିକ ସମୟ ସେବା ପ୍ରଦାନ କରିବାର ଗୌରବମୟ ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ପ୍ରାୟ ୧ଶହରୁ ଊର୍ଦ୍ଧ୍ୱ ସମୂହ ଦୀପଦାନ କରିଥିଲେ। ଏହି ପବିତ୍ର ଅବସରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ସୁସ୍ୱାସ୍ଥ୍ୟ, ଦୀର୍ଘାୟୁ ଏବଂ ନିରନ୍ତର ଜନସେବା ପାଇଁ ପ୍ରାର୍ଥନା କରାଯିବା ସହ ଦେଶର ପ୍ରଗତି, ସୁଶାସନ, ସମୃଦ୍ଧି ଓ ଦେଶବାସୀଙ୍କ ସୁଖ-ଶାନ୍ତି ନିମନ୍ତେ ନୟାଗଡ଼ର ଆରାଧ୍ୟା ଦେବୀ ମା' ଦକ୍ଷିଣକାଳୀଙ୍କ ନିକଟରେ ମଙ୍ଗଳ କାମନା ପାଇଁ ପ୍ରାର୍ଥନା ଭାରତୀୟ ଜନତା ପାର୍ଟିର କର୍ମକର୍ତ୍ତା, ସମର୍ଥକ ଏବଂ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଓ ସାଧାରଣ ଜନତା ଉପସ୍ଥିତ ରହି ସମୂହ ଦୀପଦାନରେ ସାମିଲ ହୋଇଥିଲେ।

### କୋଣାର୍କ ଯାତ୍ରୀନିବାସରେ ୩ ଦିନିଆ ରଜ ଉତ୍ସବ ଆରମ୍ଭ

## ଦୋଳି ଖେଳିଲେ, ପିଠାପଣାର ମଜା ଉଠାଇଲେ ପର୍ଯ୍ୟଟକ



**କୋଣାର୍କ,୧୪।୬/ଏନ୍ଏନ୍ଏସ୍:** ଓଡ଼ିଶାର ମୁଖ୍ୟ ପର୍ବ ବିଶେଷ ଭାବେ ଓଡ଼ିଆଙ୍କ ବାର ମାସରେ ତେର ପର୍ବ ମଧ୍ୟରୁ ଗଣପର୍ବ ଭାବେ ପରିଚିତ ରଜପର୍ବ। ପ୍ରତିବର୍ଷ ଜୁନ ମାସରେ ଓଡ଼ିଆମାନେ ବିଶେଷକରି କୁଆଁରୀ ଝିଅମାନେ ରଜ ପର୍ବକୁ ଅତି ଧୁମଧାମରେ ୩ଦିନ ଧରି ପାଳନ କରିଥାନ୍ତି। ଏହି ରଜ ପର୍ବକୁ ନେଇ ଆଜିଠାରୁ ୩ଦିନ ଧରି କୋଣାର୍କରେ ବିଭିନ୍ନ ସଂଗଠନ ପକ୍ଷରୁ ରଜ ପାଳନ କରାଯାଉଥିଲା ବେଳେ ବିଶେଷ ଭାବେ କୋଣାର୍କ ପର୍ଯ୍ୟଟନ ନିଗମ ପରିଚାଳକ ବାପି ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ କୋଣାର୍କ ଯାତ୍ରୀନିବାସରେ ପ୍ରଥମ ଦିନ ପହିଲି ରଜ ଅବସରରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଦ୍ୱାରା ଯାତ୍ରୀନିବାସ ପରିସରରେ ସୁସଜ୍ଜିତ ରଜ ଦୋଳିର ବ୍ୟବସ୍ଥା କରାଯିବା ସହିତ ସ୍ୱତନ୍ତ୍ର ପିଠା ଷ୍ଟଲ୍ ଖୋଲାଯାଇଛି। ୩ ଦିନ ପାଇଁ ଏହି ରଜ ଉତ୍ସବ କୁ ପାରମ୍ପରିକ ରୀତିରେ ରେ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରାଯାଉଛି। ଆଧୁନିକ ଯୁଗରେ ଓଡ଼ିଶାର ପାରମ୍ପରିକ ପିଠାଗୁଡ଼ିକୁ ଉଜ୍ଜିବିତ କରି ରଖିବା ପାଇଁ କୋଣାର୍କ ପର୍ଯ୍ୟଟନ ବିଭାଗର ଓଟିଡିସି ପକ୍ଷରୁ ଯାତ୍ରୀନିବାସର ରିସେପ୍ସନ୍ ଲବି ନିକଟରେ ଖୋଲାଯାଇଥିଲା ଏକ ପିଠା ଷ୍ଟଲ। ଏହି ଷ୍ଟଲରେ ବିଭିନ୍ନ ପିଠା ତିଆରି କରାଯାଇ ପର୍ଯ୍ୟଟକମାନଙ୍କୁ ପ୍ରଥମ ଦିନରେ ମାଗଣା ଖାଇବାକୁ ଦେବା ସହିତ ଦୋଳି ଖେଳର ସମସ୍ତ ବ୍ୟବସ୍ଥା କରାଯାଇଛି। ସଂଖ୍ୟାଧିକ ପର୍ଯ୍ୟଟକ ଏଠି ଦୋଳି ଖେଳର ମଜା ଉଠାଇବା ସହିତ ପୋଡପିଠା ଓ ଅନନ୍ୟ ପାରମ୍ପରିକ ଓଡ଼ିଆ ପିଠା ଖାଇ ଖୁବ ଆନନ୍ଦିତ ହୋଇ ଏହି ରଜ ଉତ୍ସବକୁ ଉପଭୋଗ କରୁଥିବା ଦେଖାଯାଇଥିଲା। ଆଜିର ଏହି ରଜ ଉତ୍ସବକୁ କୋଣାର୍କ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ୟୁମ୍ନ ଜେନା, ଥାନା ଅଧିକାରୀ ପ୍ରଶାନ୍ତ ପଢିହାରୀ ପ୍ରମୁଖ ଫିତା କାଟି ଉଦ୍ଘାଟନ କରିଥିଲେ।

## ପାଳିତ ହେଲାନି ରଜ ମହୋତ୍ସବ: ମହିଳା ଓ ଯୁବତୀଙ୍କ ତୀବ୍ର ଅସନ୍ତୋଷ

**ଓଡ଼ଗାଁ,୧୪।୬/ଏନ୍ଏନ୍ଏସ୍:** ଆଜକୁ ୩ବର୍ଷ ତଳେ ବଡ଼ ଧୁମଧାମରେ ଓଡ଼ଗାଁ ରାମସାଗର କଲ୍ୟାଣମଣ୍ଡପ ଠାରେ ରଜ ଉତ୍ସବ ନିରାଡ଼ମ୍ବର ଭାବେ ପାଳନ ହୋଇଥିଲା। ଏକ ହଜାରରୁ ଊର୍ଦ୍ଧ୍ୱ ମହିଳା ଏଥିରେ ସାମିଲହୋଇ ଭରପୂର ମଜା ଉଠାଇବା ସହ ରଜପାନଖାଇ ଦୋଳି ଖେଳିବାର ସୁଯୋଗ ପାଇଥିଲେ। ଓଡ଼ିଆମାନଙ୍କର ଏହି ଗଣପର୍ବକୁ ନେଇ ଓଡ଼ିଶା ଗର୍ବିତ ବୋଲି ନେତାମାନେ ନିଜ ବକ୍ତବ୍ୟରେ କହିଥିଲେ।କିନ୍ତୁ ଏହି ପରମ୍ପରା ବନ୍ଦ ହୋଇଥିବାରୁ ଯୁବତୀ ଓ ମହିଳାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଓଡ଼ିଆମାନେ ରଜପର୍ବ ପ୍ରତିବର୍ଷ ପାଳନକରି ଆସୁଛନ୍ତି। ପାଦରେ ଅଳତା ଲଗାଇ, ମଥାରେ ଚିତାକୁଟି, ଦୋଳିଖେଳି ସାଙ୍ଗସାଥୀ ମେଳରେ ପୋଡ଼ପିଠା ଓ ଭଳିକି ଭଳି ପିଠାଖାଇ ଭରପୁର ମଜା ଉଠାଇଥାନ୍ତି। କିନ୍ତୁ ହଠାତ୍ ରଜପର୍ବ ବନ୍ଦହେବାକୁ ମହିଳା ଓ ଯୁବତୀମାନେ ନାପସନ୍ଦ କରିଛନ୍ତି। ନିଜ ସ୍ୱାର୍ଥ ହାସଲପାଇଁ ରଜପର୍ବ କରାଯାଇ ଲୋକଙ୍କୁ ଭଣ୍ଡାଇଥିବା କହିଛନ୍ତି।

୩ବର୍ଷତଳେ ରଜ ଉତ୍ସବରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଓଡ଼ଗାଁ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟା, ନୟାଗଡ଼ ଏନ୍ଏସି, ଅଧ୍ୟକ୍ଷା ଓ ବ୍ଲକ୍ ଅଧ୍ୟକ୍ଷ ଆଦି ଉପସ୍ଥିତ ଥିଲେ। ଏହାସହିତ ଓଡ଼ଗାଁ ବ୍ଲକ୍ ପ୍ରଶାସନର ସମସ୍ତ ମହିଳା ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। କିନ୍ତୁ ଏହି ପରମ୍ପରାକୁ ବନ୍ଦ କରିଦିଆଯାଇଛି। ଓଡ଼ଗାଁ ଅଞ୍ଚଳର ଶହ ଶହ ଯୁବତୀ ରଜଦୋଳି ଖେଳିବା, ପାନ ଖାଇବା ଓ ପରସ୍ପର ମଧ୍ୟରେ ଖୁସି ମନାଇବା ଆଶା ଏକ ପ୍ରକାର ଧୂଳିସାତ୍ ହୋଇଯାଇଛି। ତେବେ ସରକାର ବଦଳିବା ପରେ ଏଥିପ୍ରତି ନେତା ଓ ଲୋକ ପ୍ରତିନିଧିଙ୍କ ଅଣଦେଖା ବେଶ ବାରି ହୋଇପଡୁଥିବା ଚର୍ଚ୍ଚାହେଉଛି। ଭୋଟ ହାତେଇବାକୁ ଏହା ରାଜନୈତିକ ଦଳର ଏକଚାଲ ଥିଲାବୋଲି କିଛି ମହିଳା ପ୍ରତିନିଧି ପରୋକ୍ଷରେ କହିଛନ୍ତି। ପ୍ରତିବର୍ଷ ରଜ ଉତ୍ସବକୁ ମହାସମାରୋହରେ ପାଳନ କରିବାକୁ ଲୋକ ପ୍ରତିନିଧିମାନେ ଭାଷଣବାଜି ଦେଇଥିଲେ ମଧ୍ୟ ତାହା ଏବେ ଲୋକହସାରେ ପରିଣତ ହୋଇଥିବା ଦେଖିବାକୁ ମିଳିଛି।

## ବିଜୁ ଜନତାଦଳ ପକ୍ଷରୁ ନାରୀ ଅଧିକାର ଅଭିଯାନ



**ପିପିଲି,୧୪।୬/ଏନ୍ଏନ୍ଏସ୍:** ପିପିଲି-ଡେଲାଙ୍ଗ ନିର୍ବାଚନ ମଣ୍ଡଳୀ ପକ୍ଷରୁ ନାରୀ ଅଧିକାର ଅଭିଯାନ ସଭା ବିଜୁ ଜନତାଦଳ କାର୍ଯ୍ୟାଳୟ ପିପିଲି ଠାରେ ଅନୁଷ୍ଠିତ ହୋଇଯାଇଛି। ପିପିଲି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ନେତୃତ୍ୱରେ ଅନୁଷ୍ଠିତ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମକୁ ମହିଳା ବିଜେଡି ସଭାନେତ୍ରୀ ଜୋସ୍ନାରାଣି ପୃଷ୍ଟି ସଭା ପରିଚଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ରାଜ୍ୟ ବିଜୁ ଜନତାଦଳ ମହିଳା ସଭାପତି ସ୍ନେହାଙ୍ଗିନି ଛୁରିଆ, ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଲତା ଦେଓ, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧାପିକା ଡଃ ପ୍ରତିଭା ମହାରଥୀ ପ୍ରମୁଖ ଯୋଗଦେଇ ବିଜେପି ସରକାର ଉପରେ ବର୍ଷିଥିଲେ। ମୋହନ ସରକାର ମହିଳାଙ୍କମାନଙ୍କ ପ୍ରତି ବୈମାତୃକ ମନୋଭାବ ରଖୁଛି ବୋଲି ଅଭିଯୋଗ ଆଣି ନାରାବାଜି ଓ ସ୍ଲୋଗାନ ଦେଇଥିଲେ। ପୂର୍ବରୁ ସଂସଦରେ ୩୩ ପ୍ରତିଶତ ମହିଳା ଆରକ୍ଷଣ ବିଲ୍ ପାସ ହୋଇଥିବା ବେଳେ କେନ୍ଦ୍ର ସରକାର ତାକୁ ଲାଗୁ ନ କରି ପୁଣି ଥରେ ବିଲ୍ ଆଣି ଭେଳିକି କରୁଥିବା ଅଭିଯୋଗ କରିଥିଲେ। ନାରୀ ମାନଙ୍କୁ ଆଗକୁ ଆସିବା ପାଇଁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ତାଙ୍କ ସୁପୁତ୍ର ନବୀନ ପଟ୍ଟ ନାୟକଙ୍କ ଉଦ୍ୟମ ସର୍ବାଗ୍ରେ ରହିବ। ଏହି ବାର୍ତ୍ତା ପ୍ରତି ଘରେ ଘରେ ପହଞ୍ଚାଇବା ପାଇଁ ବିଜେଡି ପକ୍ଷରୁ ଏଭଳି ନାରୀ ଅଧିକାର ଯାତ୍ରା କରାଯାଉଛି ଏବଂ ଡବଲ ଇଞ୍ଜିନ ସରକାରଙ୍କ ଡବଲ ଧୋକା ଦେଇଛି ବୋଲି ଘରେ ଘରେ ବାର୍ତ୍ତା ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖାଯାଇଛି। ୨୦୨୩ ମସିହାରେ ପାର୍ଲାମେଣ୍ଟରେ ଗୃହୀତ ହୋଇ ଆଇନରେ ପରିଣତ ହୋଇଥିବା ମହିଳା ସଂରକ୍ଷଣ ବିଲ୍‌କୁ ତୁରନ୍ତ ଲାଗୁ କରାଯାଇ ୩୩ପ୍ରତିଶତ ଲୋକସଭାରେ ଓ ବିଧାନସଭାରେ ମହିଳା ସଂରକ୍ଷଣ ଲାଗୁ କରାଯାଉ। ଓଡିଶା ବିଜେପି ସରକାର ଆସିବା ଠାରୁ ଦୁଇବର୍ଷ ଭିତରେ କ୍ରମାଗତ ଭାବରେ ବଢି ଚାଲିଥିବା ମାଟି, ବାଲି, ମୋରମ, ମାଙ୍କଡାପଥର ଚୋରାଚାଲଣ ଦିନକୁ ଦିନ ବୃଦ୍ଧି ପାଉଛି। ଗତ ୩ମାସ ହେବ ଭତ୍ତା ନଦେବା ଠାରୁ ଆରମ୍ଭ କରି ଉନ୍ନତିମୂଳକ କାର୍ଯ୍ୟ ରାଜ୍ୟରେ ପୁରା ଠପ ହୋଇଯାଇଛି। ରାଜ୍ୟରେ ଆଇନି ଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି। ମହିଳା ହିଂସା ନାରୀ ନିର୍ଯାତନା ଉପରେ ରୋକ ଲଗାଇବାକୁ ଦୃଢ ଓ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବା ନେଇ ଦେଶର ରାଷ୍ଟ୍ରପତି ଦୌର୍ପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ମହିଳା ବିଜୁ ଜନତା ଦଳ ପକ୍ଷରୁ ପିପିଲି ତହସିଲଦାରଙ୍କୁ ଏକ ସ୍ମାରକପତ୍ର ଦିଆଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ନାରୀ ଅଧିକାର ଅଭିଯାନ ସଂଯୋଜିକା କସ୍ତୁରୀ ମହାପାତ୍ର, ସାଧାରଣ ସମ୍ପାଦିକା ମିନତୀ ବେହେରା, ଗୀତାଞ୍ଜଳି ବସ୍ତିଆ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ କସ୍ତୁରୀ ସ୍ୱାଇଁ, ସ୍ନେହାଞ୍ଜଳି ମହାନ୍ତି, ତିଳତମା ଚୌଧୁରୀ, ଇଲ୍ଲା ସ୍ୱାଇଁ, ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ମିନ ନନ୍ଦ, ପିପିଲି ଏନଏସିର ଉପାଧ୍ୟକ୍ଷ ଭାଗ୍ୟବତୀ ମହାରଣା, ମମତା ମଲ୍ଲିକଙ୍କ ସମେତ ପିପିଲି-ଡେଲାଙ୍ଗ ଓ ପିପିଲି ଏନଏସି ପକ୍ଷରୁ ହଜାର ହଜାର ମହିଳା ଯୋଗଦେଇଥିଲେ।

## ବରୁଣେଇ ପୀଠ ରଜ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଖୋର୍ଦ୍ଧା,୧୪।୬/ଏନ୍ଏନ୍ଏସ୍:** ଆଜି ସ୍ଥାନୀୟ ମା' ବରୁଣେଇ ପୀଠଠାରେ ରଜ ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଆଜି ପହିଲି ରଜରେ ଏଠାରେ ରଜ ଧୁମଧାମରେ ପାଳନ ହୋଇଥିବାବେଳେ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଥିବାର ଦେଖିବାକୁ ମିଳିଥିଲା। ପ୍ରକାଶଥାଉ କି ମା' ବରୁଣେଇ କରୁଣେଇ ଦୁଇ ଭଉଣୀ। ଏଠାରେ ପ୍ରତ୍ୟେହ ମା' ବରୁଣେଇ ଓ କରୁଣେଇ ପୂଜା ପାଇଥାନ୍ତି। ଏମାନଙ୍କଠାରେ ପ୍ରତିଦିନ ପିଠା ଓ କ୍ଷୀରି ଭୋଗ ଲାଗିଥାଏ। ବରୁଣେଇ କରୁଣେଇ ଦୁଇ ଭଉଣୀଙ୍କର ପିଠା କ୍ଷୀରୀ ପ୍ରସିଦ୍ଧ ଭୋଗ ଓ ତାଙ୍କର ପ୍ରଧାନ ଖାଦ୍ୟ। ଆଜି ହଜାର ହଜାର ଶ୍ରଦ୍ଧାଳୁ ଏଠାକୁ ଆସି ମା'ଙ୍କୁ ଦର୍ଶନ କରିବା ସହିତ ଭୋଗଲାଗି କରିଥାଆନ୍ତି। ବରୁଣେଇ ପାଦଦେଶରେ ବିଭିନ୍ନ ଗଛ ଡାଳରେ ବିଭିନ୍ ଅନୁଷ୍ଠାନ ପକ୍ଷରୁ ଲଗାଯାଇଥିବା ଦୋଳିରେ ରଜ ପିଲାମାନେ ଦୋଳିରେ ବସି ରଜ ଗୀତ ବୋଲି ଉପଭୋଗ କରିଥିଲେ। ବିଭିନ୍ନ ପୁଚି ଖେଳ, ଦଉଡିଡିଆଁ, ମଧ୍ୟ ଖେଳିଥିଲେ। ବିଶେଷ କରି ଏଠାରେ ଅସ୍ଥାୟୀ ଭାବେ ବସିଥିବା ଚାର୍ଟ, ଗୁପୁଚୁପ, ଆଳୁଦମ, ଦହିବରା ଦୋକାନରେ ପ୍ରବଳ ଭିଡ ଦେଖିବାକୁ ମିଳିଥାଏ। ରଜ ଉପବାସ କରିଥିବା ଝିଅ ବୋହୂମାନେ ଏହାକୁ ଖାଇ ବରୁଣେଇ ପାହାଡ ଉପରେ ଥିବା ସୀତାକୁଣ୍ଡ, ପାଣ୍ଡବହରା ପ୍ରମୁଖ ସ୍ଥାନକୁ ଯାଇ ବରୁଣେଇ ଶୀର୍ଷରେ ପହଞ୍ଚି ମନୋରମ ଦୃଶ୍ୟ ଉପଭୋଗ କରିଥିଲେ। ଝିଅ, ବୋହୂମାନେ ନୂଆ ବସ୍ତ୍ର ପିନ୍ଧି ଏଠାକୁ ଆସି ଏଠାରେ ଥିବା ପାର୍କ, ଜଙ୍ଗଲ, ବୁଲି ମଜା ଉଠାଇଥିଲେ। ତେବେ ଦିଶାନ୍ତ ଅନୁଷ୍ଠାନ ପକ୍ଷରୁ ୧୫ ରୁ ୧୭ ପର୍ଯ୍ୟନ୍ତ ରଜ ମହୋତ୍ସବ ଏଠାରେ ପାଳିତ ହେବ। ବରୁଣେଇ ରଜ ମହୋଉତ୍ସବ ମା'ଙ୍କ ବଡ ପର୍ବ ତଥା ବଡ ଯାତ୍ରା ହୋଇଥାଏ। ଏହାକୁ ଉପଭୋଗ କରିବା ପାଇଁ ଜିଲା ତଥା ଜିଲା ବାହାରୁ ହଜାର ହଜାର ଶ୍ରଦ୍ଧାଳୁମାନେ ଏଠାକୁ ଆସିଥାନ୍ତି। ସେହିପରି ଆଜି ଖୋର୍ଦ୍ଧାର ବିଭିନ୍ନ ସ୍ଥାନରେ ଯଥା- ମୁକୁନ୍ଦପ୍ରସାଦ, ଜେମାଦେଇ, ପଲା, ଭାଲିଆବାଡି, ଗୁରୁଜଙ୍ଗ ଓ ନିକଟସ୍ଥ ବିଭିନ୍ନ ଗ୍ରାମରେ ମଧ୍ୟ ରଜପର୍ବ ପାଳିତ ହୋଇଥିବା ଦେଖିବାକୁ ମିଳିଛି।

## ମା' ଝଡ଼େଶ୍ୱରୀଙ୍କ ପୀଠରେ ବିଶ୍ୱ ଶାନ୍ତି ଘୃତଯଜ୍ଞ ଓ ରଜ ଯାତ୍ରା ଆରମ୍ଭ

**ଶରଣକୁଳ,୧୪।୬/ଏନ୍ଏନ୍ଏସ୍:** ନୟାଗଡ ଜିଲ୍ଲାର ପ୍ରସିଦ୍ଧ ଦେ୍ୱୀପୀଠ ଶରଣକୁଳ ମା'ଝଡ଼େଶ୍ୱରୀ ପବିତ୍ର ପୀଠରେ ୩ ଦିନ ଲାଗି ରଜଯାତ୍ରା ଓ ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ଆରମ୍ଭ ହୋଇଛି। ସକାଳେ ଯଜ୍ଞ ପୀଠରେ ଅଙ୍କୁରାରୋପଣ ପରେ ଶ୍ରଦ୍ଧାଳୁମାନେ ନିକଟସ୍ଥ କୁସୁମୀ ନଦୀରୁ ଶହେ ଆଠ କଳସ ଜଳ ଧରି ଏକ ପଟୁଆରରେ ଗ୍ରାମ ପରିକ୍ରମା କରି ଯଜ୍ଞ ପୀଠରେ ପହଞ୍ଚିଥିଲେ। ସେଠାରେ ମା'ଙ୍କୁ ଶୋଡ଼ଷ ଉପଚାରରେ ପୂଜାର୍ଚ୍ଚନା ପରେ ନିମନ୍ତ୍ରିତ ପୁରୋହିତମାନେ ଯଜ୍ଞ ସ୍ଥଳରେ ପୂଜାର୍ଚ୍ଚନା କରି ଯଜ୍ଞ କୁଣ୍ଡରେ ଅଗ୍ନି ସ୍ଥାପନକ୍ଷ କରିଥିଲେ। ପରେ ସମସ୍ତ ଦେବାଦେବୀଙ୍କୁ



ଆବାହନ କରାଯାଇ ଘୃତାହୁତି ପ୍ରଦାନ କରାଯାଇଥିଲା। ଏଠାରେ ୨ ଦିନଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିବ। ଏଠାରେ ରଜର ମଜା ନେବାପାଇଁଏକ ଶିଶୁ ଉଦ୍ୟାନ ଭିତରେ ଦୋଳି ଲାଗିଛି। ଏଥିସହିତ କେତେକ ପୂଜାସାମଗ୍ରୀ ଦୋକାନ, ଖାଦ୍ୟପେୟ ସହିତ ମନୋହରି ଦୋକାନ ଖୋଲା ରହିଛି। ଶାନ୍ତିଶୃଙ୍ଖଳା ପାଇଁ ସ୍ଥାନୀୟ ପୁଲିସ ନିୟୋଜିତ ହୋଇଛନ୍ତି। ନରେନ୍ଦ୍ରପୁର ଗ୍ରାମବାସୀ ମାନେ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି। ମଙ୍ଗଳବାର ଶାନ୍ତି ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ।

### ଓଡ଼ଗାଁ କ୍ରିକେଟ୍ ଲିଗ୍ ଟୁର୍ଣ୍ଣାମେଣ୍ଟ

## ଏସ୍ଆର୍ଏସ୍‌ସି, ବ୍ରଦର୍ ଏକାଦଶ, ଜ୍ୟୋତି ଏମ୍ପୋରିୟର୍ ବିଜୟୀ



**ଓଡ଼ଗାଁ,୧୪।୬/ଏନ୍ଏନ୍ଏସ୍:** ଓଡ଼ଗାଁ ମିନିଷ୍ଟାଡ଼ିୟମ୍ ଖେଳପଡ଼ିଆରେ ରଘୁନାଥ ଆଥଲେଟିକ୍ ଆସୋସିଏସନ ପକ୍ଷରୁ ଚାଲିଥିବା ୧୭ତମ ଓଡ଼ଗାଁ କ୍ରିକେଟ୍ ଲିଗ୍ ଟର୍ଣ୍ଣାମେଣ୍ଟର ରବିବାର ୮ମ ଦିନର ୨ୟ କ୍ୱାର୍ଟର ସେମି ଫାଇନାଲ ମ୍ୟାଚ୍ ଏସଆରଏସସି ସହିତ ବିଷ୍ଣୁ ଏକାଦଶ ମଧ୍ୟରେ ହୋଇଥିଲା। ବିଷ୍ଣୁ ଏକାଦଶ ଟସ୍ ଜିଣି ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ୍ ବିନିମୟରେ ୫୧ ରନ୍ ସଂଗ୍ରହ କରିଥିଲା। ଖେଳର ଦ୍ୱିତୀୟାର୍ଦ୍ଧରେ ଏସଆରଏସସି ଦଳ ୪ ଓଭର ୨ଟି ବଲର ସମ୍ମୁଖୀନ ହୋଇ ଆବଶ୍ୟକ ରନ୍ ସଂଗ୍ରହକରି ମ୍ୟାଚକୁ ଜିତି ନେଇଥିଲା। ବିଜେତା ଦଳର ଶୁଭମ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିବାବେଳେ ଏସଆରଏସସି ଦଳ ସେମି ଫାଇନାଲକୁ ପ୍ରବେଶ କରିଛି। ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବ୍ରଦର ଏକାଦଶ ସହିତ ଆଇକନ ଷ୍ଟାର ମଧ୍ୟରେ ହୋଇଥିଲା।

ଆଇକନ୍ ଷ୍ଟାର ଟସଜିତି ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୪୯ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ବ୍ରଦର ଏକାଦଶ ୩ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ମ୍ୟାଚକୁ ଏକତରଫା ଭାବେ ଜିତି ନେଇଥିଲା। ବିଜେତା ଦଳର ଅଜୟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବାବେଳେ ଦଳ ସେମି ଫାଇନାଲରେ ପ୍ରବେଶ କରିଛି। ଆଜିର ୪ର୍ଥ କ୍ୱାର୍ଟର ଫାଇନାଲ୍ ଜ୍ୟୋତି ଏମ୍ପୋରିୟର ଏକାଦଶ ସହିତ କେ. ଇଲେଭେନ ମଧ୍ୟରେ ଖେଳ ହୋଇଥିଲା। ଜ୍ୟୋତି ଏମ୍ପୋରିୟର ଏକାଦଶ ଟସ ଜିତି ବୋଲିଂ କରିବାକୁ ନିଷ୍ପତି ନେଇଥିଲା। କେ. ଇଲେଭେନ ୧୦ ଓଭର ଖେଳି ୭ ଉଇକେଟ ବିନିମୟରେ ୬୩ ରନ୍ ସଂଗ୍ରହ କରିଥିଲା। ଜବାବରେ ଜ୍ୟୋତି ଏମ୍ପୋରିୟର ଏକାଦଶ ଗୋଟିଏ ଉଇକେଟ ହରାଇ ଅବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜେତା ଦଳର ତିତଲି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିବାବେଳେ ୪ର୍ଥ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳକୁ ଚନ୍ଦନ, ଅଭି, ଗୁଡୁ, ଆରିୟନ, ରୋହନ, କିଷନ, ରାମେଶ୍ୱର, ଗୁଲୁ, ବିଷ୍ଣୁ ପରିଚାଳନା କରିଥିଲେ। ଆସନ୍ତାକାଲି ଦୁଇଟି ସେମିଫାଇନାଲ ମଧ୍ୟରୁ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ଏକ୍ସଟ୍ରିମ୍ ବ୍ଲାଷ୍ଟର ସହିତ ଏସଆରଏସସି ମଧ୍ୟରେ ହେବ ଏବଂ ୨ୟ ସେମି ଫାଇନାଲ୍ ମ୍ୟାଚ୍ ବ୍ରଦର ଏକାଦଶ ସହିତ ଜ୍ୟୋତି ଏମ୍ପୋରିୟର ଏକାଦଶ ମଧ୍ୟରେ ଅନୁଷ୍ଠିତ ହେବବୋଲି ଆସୋସିଏସନ ସମ୍ପାଦକ ତଥା ଖେଳମଣିଷ ଦିବାକର ନାୟକ ସୂଚନା ଦେଇଛନ୍ତି।

## ବ୍ରହ୍ମଗିରିର ଧର୍ମକୀର୍ତ୍ତି ଗ୍ରାମରେ ଅଗ୍ନିକାଣ୍ଡ



**ପୁରୀ,୧୪।୬/ଏନ୍ଏନ୍ଏସ୍:** ବ୍ରହ୍ମଗିରି ବ୍ଲକ ରାଏବିଧାର ପଞ୍ଚାୟତ ଅନ୍ତର୍ଗତ ଧର୍ମକିର୍ତ୍ତୀ ଗ୍ରାମରେ ସଟ୍‌ସର୍କିଟ ଯୋଗୁଁ ଆଜି ଦିନ ୧୦ଟା ସମୟରେ ଭୟାବହ ଅଗ୍ନିକାଣ୍ଡ ଘଟି ୪ଟି ପରିବାରର ପ୍ରାୟ ୭ ବଖରା ଘର ଜଳି ପାଉଁଶ ହୋଇଯାଇଛି। ପ୍ରାୟ ୪୦ ଲକ୍ଷ ଟଙ୍କାର ସମ୍ପତି ଏବଂ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି। ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ଅଗ୍ନିଶମ ସେବା କର୍ମଚାରୀ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ସହ ସମନ୍ୱୟ ରଖି, ନିଆଁକୁ ନିୟନ୍ତ୍ରଣ ଏବଂ ଲିଭାଇବା ପାଇଁ ପ୍ରଭାବଶାଳୀ ପ୍ରୟାସ କରାଯାଇଥିଲା, ଯାହା ଫଳରେ ନିଆଁ କୁ ଆହୁରି ବ୍ୟାପିବାରୁ ରୋକାଯାଇ କ୍ଷୟକ୍ଷତିକୁ କମ କରାଯାଇପାରିଥିଲା। ସମସ୍ତ ଆହତ ବ୍ୟକ୍ତିଙ୍କୁ ତୁରନ୍ତ ସ୍ଥାନାନ୍ତର କରାଯାଇ ଆବଶ୍ୟକୀୟ ଚିକିତ୍ସା ଏବଂ ଯତ୍ନ ପାଇଁ ନିକଟତମ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସମନ୍ୱିତ ପ୍ରତିକ୍ରିୟା ସୁନିଶ୍ଚିତ କରିବା ପାଇଁ ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣା ସ୍ଥଳରେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ତଦାରଖ କରିଥିଲେ। ଏକ ତୁରନ୍ତ ମାନବିକତା ପଦକ୍ଷେପ ସ୍ୱରୂପ, ପ୍ରଭାବିତ ପରିବାରକୁ ଶୁଖିଲା ରାସନ୍ ଏବଂ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏସ୍‌ପି ପୁରୀ ପରିସ୍ଥିତି ଉପରେ ନିରନ୍ତର ନଜର ରଖିଛନ୍ତି ଏବଂ ପୀଡିତ ମାନଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇବା ପାଇଁ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରଖିଛନ୍ତି। ପରିସ୍ଥିତି ନିୟନ୍ତ୍ରଣାଧୀନ ଅଛି, ଏବଂ ରିଲିଫ୍, ପୁନର୍ବାସ ଏବଂ କ୍ଷୟକ୍ଷତିର ଆକଳନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି। ପୋଲିସ ଜନସାଧାରଣଙ୍କୁ ଶାନ୍ତ ରହିବା ଏବଂ କର୍ତ୍ତୃପକ୍ଷଙ୍କ ସହ ସହଯୋଗ କରିବାକୁ ନିବେଦନ କରିଛନ୍ତି। ଅନ୍ୟପଟେ ଆଜି ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ଅଗ୍ନି ବିପନ୍ନ ପରିବାର ଲକ୍ଷ୍ମୀଧର ରାଉତ, ବିଣାପାଣି ମାହାନ୍ତି, ରଙ୍କନିଧି ସାହୁ ଏବଂ ସାରଙ୍ଗଧର ସାହୁଙ୍କୁ ଭେଟି ସେମାନଙ୍କ ଦୁଃଖଦ ସ୍ଥିତି ସମ୍ପର୍କରେ ଅବଗତ ହୋଇ ଆଶ୍ୱାସନା ଦେବା ସହିତ ସମବେଦନା ଜଣାଇଛନ୍ତି। ଏଥିସହ ପରିବାରକୁ କିଛି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦାନ କରିବା ସହ ସମସ୍ତ ପ୍ରକାର ସହଯୋଗ ଓ ସମର୍ଥନର ଦେବା ପାଇଁ କହିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ପରିବାରଟି ଶୀଘ୍ର ସ୍ୱାଭାବିକ ଜୀବନକୁ ଫେରି ଆସୁ ବୋଲି ପ୍ରାର୍ଥନା କରିଛନ୍ତି ଶ୍ରୀ ଦାସବର୍ମା। ଏହି ସମୟରେ ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଅଜୟ ବେହେରା, ଉପାଧ୍ୟକ୍ଷଙ୍କ ପ୍ରତିନିଧି ବିଜୟ କୁମାର ଦଳାଇ, ରାଏବିଧାର ପଞ୍ଚାୟତ ସରପଞ୍ଚ ମାନସ ରଞ୍ଜନ ରାୟ, ସମିତି ସଭ୍ୟା ମିଟୁ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ନିତିଦିନ NITIDIN



# ରାସ୍ତା ପ୍ରଶସ୍ତିକରଣ ଆଳରେ ମନମୁଖୀ ଉଚ୍ଛେଦ

**ଟିଟିଲାଗଡ଼,୧୪।୬/ଏନ୍‌ଏନ୍‌ଏସ୍:** ସହରରେ ଚାଲିଥିବା ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଏବେ ସହରବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ୫୦ ବର୍ଷରୁ ଅଧିକ ପୁରୁଣା ପକ୍କା ଘର ଗୁଡ଼ିକୁ ଭାଙ୍ଗିବା ପାଇଁ ପ୍ରଶାସନ ପକ୍ଷରୁ ନୋଟିସ୍ ଦିଆଯିବା ପରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ବିଶେଷକରି ଉଚ୍ଛେଦ କାର୍ଯ୍ୟରେ ସଚ୍ଚୋଟତା ଓ ସ୍ୱଚ୍ଛତା କେତେ ସେନେଇ ପ୍ରଶ୍ନ ଉଠିଛି। ଉଚ୍ଛେଦ କାର୍ଯ୍ୟରେ କୌଣସି ସମାନତା ଦେଖିବାକୁ ମିଳୁନାହିଁ। କେଉଁଠାରେ ୨ ଫୁଟ୍ ତ କେଉଁଠାରେ ୪, ୬ କିମ୍ବା ୧୨ ଫୁଟ୍ ପର୍ଯ୍ୟନ୍ତ ଜମିକୁ ଉଚ୍ଛେଦ କରାଯାଉଛି। କିନ୍ତୁ ଏହି ଭିନ୍ନ ଭିନ୍ନ ମାପ ପଛର କାରଣ କ’ଣ ତାହା ତଦନ୍ତ ସାପେକ୍ଷ। ଉଚ୍ଛେଦ ପରେ ଉକ୍ତ ଜମି କୌଣସି ବ୍ୟବହାରକୁ ନିଆଯାଉ ନାହିଁ ବରଂ ତାହା ସହରର ସୌନ୍ଦର୍ଯ୍ୟକୁ ନଷ୍ଟ କରିବା ସହ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ଜନସ୍ୱାସ୍ଥ୍ୟ ପାଇଁ ବିପଦ ସାଜିଛି।




ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪ (ସମାନତାର ଅଧିକାର) ଏବଂ ୩୦୦-ଏ (ସମ୍ପତ୍ତି ଅଧିକାର) ଅନୁଯାୟୀ ଆଇନସମ୍ମତ ପ୍ରକ୍ରିୟା ବିନା କାହାରିକୁ ତାଙ୍କ ସମ୍ପତ୍ତିରୁ ବଞ୍ଚିତ କରାଯାଇପାରିବ ନାହିଁ। ସୁପ୍ରିମ୍‌କୋର୍ଟ ଓଲଗା ଟେଲିସ୍ ବନାମ ବମ୍ବେ ମ୍ୟୁନିସିପାଲ୍ କର୍ପୋରେସନ୍ ମାମଲାର ରାୟ ପ୍ରକାଶ କରି କୌଣସି ଉଚ୍ଛେଦ ପୂର୍ବରୁ ସ୍ୱଚ୍ଛତା ଓ ନ୍ୟାୟସଙ୍ଗତତା ରକ୍ଷା କରାଯିବା ଆବଶ୍ୟକ ବୋଲି କହିଛନ୍ତି। ତେଣୁ ତୁରନ୍ତ ରାସ୍ତା ପ୍ରଶସ୍ତୀକରଣ ପାଇଁ ଅନୁମୋଦିତ ଡିପିଆର୍, ଆଲାଇନ୍‌ମେଣ୍ଟ ପ୍ଲାନ୍, ଡିମାର୍କେସନ୍ ରିପୋର୍ଟ ଓ ‘ରାଇଟ୍ ଅଫ୍ ୱେ’ ଆର୍‌ଓଡବ୍ଲ୍ୟୁ ସାର୍ବଜନୀନ କରାଯାଉ ବୋଲି ପ୍ରଭାବିତ ବାସିନ୍ଦା ଦାବି କରିଛନ୍ତି। ସେହି ସମୟ ପର୍ଯ୍ୟନ୍ତ ଉଚ୍ଛେଦ କାର୍ଯ୍ୟ ବନ୍ଦ ରଖିବାକୁ ନିବେଦନ କରିଛନ୍ତି। ଅନ୍ୟପଟେ ଜନପ୍ରତିନିଧି ଓ ପ୍ରଶାସନ ସହ ସହରବାସୀଙ୍କୁ ନେଇ ଏକ ସାଧାରଣ ବୈଠକ ଆୟୋଜନ କରିବାକୁ ଦାବି ଜଣାଇଛନ୍ତି। ତେଣୁ ଏଦିଗରେ ପ୍ରଶାସନ ତ୍ୱରିତ ପଦକ୍ଷେପ ଗ୍ରହଣ ନକଲେ ଆଇନର ଆଶ୍ରୟ ନେବାକୁ ବାଧ ହେବୁ ବୋଲି ପ୍ରଭାବିତ ଲୋକେ ଚେତାବନୀ ଦେଇଛନ୍ତି।

## ବଜ୍ରାଘାତରେ ୪ ନାବାଳକ ଗୁରୁତର



**ଲାଞ୍ଜିଗଡ଼,୧୪।୬/ଏନ୍‌ଏନ୍‌ଏସ୍:** ଲାଞ୍ଜିଗଡ଼ ବ୍ଲକ୍ ତ୍ରିଲୋଚନପୁର ପଞ୍ଚାୟତ ଅନ୍ତର୍ଗତ କୁନାକାଡୁ ଗ୍ରାମର ୪ ଜଣ ନାବାଳକ ବଜ୍ରାଘାତରେ ଆହତ ହୋଇଛନ୍ତି। ସେମାନେ ହେଲେ କୁନାକାଡୁ ଗ୍ରାମର ଡ୍ରିଂଜୁ ମାଝୀ (୧୦), ମାଣ୍ଡି ମାଝୀ (୮), ସେତୁ ମାଝୀ (୯) ଓ ମନୁ ମାଝୀ (୮)। ଉପରୋକ୍ତ ଚାରି ଜଣ ମଧ୍ୟାହ୍ନ ୧୨ଟା ୩୦ରେ ଗାଁ ନିକଟରେ ଥିବା ଆମ୍ବ ବଗିଚାକୁ ଆମ୍ବ ଗୋଟେଇବାକୁ ଯାଇଥିଲେ। ଏହି ସମୟରେ ପ୍ରବଳ ଝଡ଼ତୋଫାନ ସହିତ ବଜ୍ରାଘାତ ହୋଇଥିଲା। ଏହି ନାବାଳକମାନେ ଆମ୍ବ ଗୋଟେଇବାବେଳେ ବଜ୍ରାଘାତ ହେବାରୁ ଅଚେତ୍ ହୋଇପଡ଼ିଥିଲେ। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରୁ ସେମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଡକାଇ ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କୁ ଇଞ୍ଜେକ୍ସନ୍ ଓ ସାଲାଇନ୍ ଦିଆଯାଇଥିଲା। ଖବରପାଇ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପିଲାଙ୍କୁ ଦେଖିବା ସହ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ଡାକ୍ତରଙ୍କ ସହିତ ପରାମର୍ଶ କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ପିଲାମାନେ ଚିକିତ୍ସିତ ହେଉଥିବା ନେଇ ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି।

## ଘର ଭିତରେ ପଶିଲା ଟିପ୍ପର୍

**ନବରଙ୍ଗପୁର,୧୪।୬/ଏନ୍‌ଏନ୍‌ଏସ୍:** ନବରଙ୍ଗପୁର ଜିଲ୍ଲା କୋଡ଼ିଙ୍ଗା ଥାନା ଅନ୍ତର୍ଗତ ପୂଜାରୀଗୁଡ଼ା ଗାଁରେ ଏକ ବାଲି ବୋଝେଇ ଟିପ୍ପର୍ ସିଧାସଳଖ ରାସ୍ତାକଡ଼ରେ ଥିବା ଏକ ଘର ଭିତରକୁ ପଶିଯାଇ ଓଲଟି ପଡ଼ିଥିବା ଜଣାପଡ଼ିଛି। ଭାଗ୍ୟବଶତଃ ଘର ଭିତରେ ଥିବା ପରିବାରର ୬ ଜଣ ସଦସ୍ୟ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି। କିନ୍ତୁ ଦୁର୍ଘଟଣାରେ ସମ୍ପୂର୍ଣ୍ଣ ଘର ଧ୍ୱଂସସ୍ତୂପରେ ପରିଣତ ହୋଇଯାଇଛି। ଅନ୍ୟପଟେ ଟିପ୍ପର୍ ହେଲପର୍‌ଙ୍କ ଗୋଡ଼ ଭାଙ୍ଗିଯାଇଥିବାବେଳେ ଡ୍ରାଇଭର୍‌ଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଆହତଙ୍କୁ ଉଦ୍ଧାର କରି ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ଘଟଣାସ୍ଥଳରେ କୋଡ଼ିଙ୍ଗା ପୁଲିସ୍ ଓ ପାପଡ଼ାହାଣ୍ଡି ଏସ୍‌ଡିପିଓ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟିପ୍ପର୍‌କୁ ଜବତ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ...

ସମ୍ପତ୍ତିକୁ ମୁକ୍ତ କରିବ। ଏହା ସହିତ ଆମେରିକା ନିଜର ସହଯୋଗୀ ଦେଶଗୁଡ଼ିକ ସହ ମିଶି ଇରାନର ପୁନଃବିକାଶ ଏବଂ ପ୍ରଗତି ପାଇଁ ଯୋଜନା ମଧ୍ୟ ପ୍ରସ୍ତୁତ କରିବ। ତେବେ ଉଭୟ ଦେଶର ଏହି ଚୁକ୍ତିନାମା ସ୍ୱାକ୍ଷରିତ ହେବା ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ଆଶ୍ୱସ୍ତି ଆଣିଛି। ପ୍ରକାଶ, ଶନିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଥିଲେ ଯେ, ରବିବାର ଦୁଇ ଦେଶ ମଧ୍ୟରେ ଶାନ୍ତି ଚୁକ୍ତି ହେବ ଏବଂ ଏହାପରେ ହର୍ମୁଜ୍ ପ୍ରଣାଳୀ ସମସ୍ତ ଜାହାଜ ପାଇଁ ଖୋଲି ଦିଆଯିବ। ଅନ୍ୟପକ୍ଷେ ଇରାନ ବୈଦେଶିକ ମନ୍ତ୍ରାଳୟ କହିଥିଲା ଯେ ରବିବାର ଦିନ ଚୁକ୍ତିନାମା ସ୍ୱାକ୍ଷରିତ ହେବ ନାହିଁ। ଆଲୋଚନା ଜାରି ରହିଛି, କିନ୍ତୁ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ତାରିଖ ସ୍ଥିର ହୋଇନାହିଁ। ଏସବୁ ଅନିଶ୍ଚିତତା ମଧ୍ୟରେ ଉଭୟ ଦେଶ ମଧ୍ୟରେ ରବିବାର ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ଜଣାପଡିଛି। ତେବେ ରିପୋର୍ଟ ଅନୁଯାୟୀ, ଆଜି ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର କେବଳ ଏକ ଅନ୍ତରୀଣ ଏମ୍‌ଓୟୁ। ଏହାପରେ ୬୦ ଦିନ ପର୍ଯ୍ୟନ୍ତ ପରମାଣୁ କାର୍ଯ୍ୟକ୍ରମ, କଟକଣାରୁ କୋହଳ ଏବଂ ହର୍ମୁଜ୍ ପ୍ରଣାଳୀର ପରିଚାଳନା ଭଳି ପ୍ରସଙ୍ଗ ଉପରେ ବୈଷୟିକ ଆଲୋଚନା ଚାଲିବ। ଏହାରି ମଧ୍ୟରେ ସିଏନ୍‌ଏନ୍ ପକ୍ଷରୁ ଆଉ ଏକ ରିପୋର୍ଟ ମଧ୍ୟ ସାମ୍ନାକୁ ଆସିଛି ଯେ, ଇରାନ ନିଜର ଇସ୍ଫହାନ ପରମାଣୁ କେନ୍ଦ୍ରରେ ରଖାଯାଇଥିବା ଅତ୍ୟଧିକ ସମୃଦ୍ଧ ୟୁରାନିୟମ୍‌ଗୁଡ଼ିକୁ ଲୁଚାଇବା ପାଇଁ ଏଠାକୁ ପର୍ଯ୍ୟନ୍ତ ପହଞ୍ଚୁଥିବା ଅନେକ ସୁଡ଼ଙ୍ଗକୁ ବନ୍ଦ କରିଦେଇଛି ଏବଂ ସେହି ରାସ୍ତାଗୁଡ଼ିକରେ ବିସ୍ଫୋରକ ମାଇନ୍ସ ବିଛାଇ ଦେଇଛି।

## କୂଅକୁ ଖସିଲା ପିକ୍‌ଅପ୍ ...

ସାମିଲ ଅଛନ୍ତି। ଦୁର୍ଘଟଣାରେ ଆହତ ହୋଇଥିବା ୭ ଜଣଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲ ପଠାଯାଇଛି। ପୁଲିସ୍ ଏବଂ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ସାରିଛନ୍ତି। ଗାଡ଼ିକୁ କୂଅ ଭିତରୁ ବାହାର କରିବା ପାଇଁ କାର୍ଯ୍ୟ ଜାରି ରହିଛି ଏବଂ ଦୁର୍ଘଟଣାର ପ୍ରକୃତ କାରଣର ଅନୁସନ୍ଧାନ କରାଯାଉଛି।

## ଐତିହ୍ୟ ସମ୍ପନ୍ନ ସମ୍ପତ୍ତିର ...

୧୯୫୦ ପୂର୍ବରୁ ନିର୍ମିତ ବୋଲି ରାଜସ୍ୱ ରେକର୍ଡ, ଐତିହାସିକ ଦଲିଲ, ଜିଲ୍ଲା ପ୍ରଶାସନ କିମ୍ବା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣର ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିବ। ଏହାସହ ଅଗ୍ନି ସୁରକ୍ଷା ଅନୁପାଳନ ସହ ବିଦ୍ୟୁତ, ପାଣି ଓ ସ୍ୱଚ୍ଛତା ସୁବିଧା ଉପଲବ୍ଧ ଥିବା ଆବଶ୍ୟକ। ଭବନଗୁଡ଼ିକର ମରାମତି, ନବୀକରଣ ଓ ଉନ୍ନତିକରଣ ପାଇଁ ସରକାରଙ୍କ ପକ୍ଷରୁ ‘କ୍ୟାପିଟାଲ୍ ଇନଭେଷ୍ଟମେଣ୍ଟ ସବ୍ ସିଡି’ ପ୍ରଦାନ କରାଯିବ। ପର୍ଯ୍ୟଟନ ବିଭାଗ ଅନୁମୋଦିତ ସଂରକ୍ଷଣ ବିଶେଷଜ୍ଞଙ୍କ ଦ୍ୱାରା ପ୍ରକଳ୍ପର ପୂର୍ବ ମୂଲ୍ୟାଙ୍କନ କରାଯିବା ସହ ଜିଓ-ଟ୍ୟାଗ୍ ଫଟୋ ଓ ଭିଡିଓଗ୍ରାଫି ଆଧାରରେ ସବସିଡି ମଞ୍ଜୁର ହେବ। ଏହି ସମସ୍ତ କାର୍ଯ୍ୟ ମୂଳ ସ୍ଥାପତ୍ୟ ଶୈଳୀ ଓ ଚରିତ୍ରକୁ ଅକ୍ଷୁଣ୍ଣ ରଖି କରିବାକୁ ପଡ଼ିବ।

## ଇନୋଭେସନ ଭାରତର ...

ପରିପ୍ରେକ୍ଷୀରେ, ସେ ଅନ୍ତର୍ଜାତୀୟ ସୌର ମେଣ୍ଟ ଭଳି ଭାରତ-ଫ୍ରାନ୍ସ ମିଳିତ ପଦକ୍ଷେପ, ଏବଂ କୃତ୍ରିମ ବୁଦ୍ଧିମତ୍ତା ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସ୍ଥିରତା ଏବଂ ସୁରକ୍ଷା ପ୍ରୋତ୍ସାହନ କ୍ଷେତ୍ରରେ ଆଲୋକପାତ କରିଥିଲେ। ପାଳନ ହେଉଥିବା ଭାରତ-ଫ୍ରାନ୍ସ ନବସୃଜନ ବର୍ଷ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିଶ୍ୱ କଲ୍ୟାଣ ପାଇଁ କାମ କରିବା ପାଇଁ ଉଭୟ ଦେଶର ମିଳିତ ସଂକଳ୍ପରେ ‘ଭାରତ ଇନୋଭେଟ୍ସ’ ଆଉ ଏକ ମାଇଲଖୁଣ୍ଟ। ଭାରତରେ ଷ୍ଟାର୍ଟ-ଅପ୍ ବିପ୍ଳବକୁ ଉଲ୍ଲେଖ କରି ସେ ଗ୍ରାମୀଣ ବିକାଶ ପାଇଁ ଏଆଇ ଏବଂ ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟାର ପରିବର୍ତ୍ତନଶୀଳ ସମ୍ଭାବନା, ସ୍ଥାୟୀ ଜୀବନଯାପନ ପାଇଁ ଉନ୍ନତ ଉତ୍ପାଦନ, ଏବଂ ସ୍ୱଚ୍ଛ ବିକାଶ ପାଇଁ ସବୁଜ ହାଇଡ୍ରୋଜେନ୍, ବ୍ୟାଟେରୀ ପ୍ରଯୁକ୍ତିବିଦ୍ୟା ଏବଂ ବୈଦ୍ୟୁତିକ ଗତିଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଡିଜିଟାଲ୍ ଯୁଗରେ ଚାଲିଥିବା ପ୍ରଯୁକ୍ତିବିଦ୍ୟା ବିପ୍ଳବ ମାନବଜାତି ପାଇଁ ନୂତନ ସୁଯୋଗ ପ୍ରଦାନ କରୁଛି। ଏହି ପରିପ୍ରେକ୍ଷୀରେ, ସେ ‘ଭାରତ ଇନୋଭେଟ୍ସ’ରେ ଏକତ୍ରିତ ହୋଇଥିବା ଉଦ୍ଭାବକ, ନିବେଶକ ଏବଂ ଉଦ୍ୟୋଗୀମାନଙ୍କୁ ଏପରି ପ୍ରଯୁକ୍ତିବିଦ୍ୟା ବିକଶିତ କରିବାକୁ ଆହ୍ୱାନ କରିଥିଲେ ଯାହା ନିର୍ଭରଯୋଗ୍ୟ, ସମାବେଶୀ ଏବଂ ମାନବ-କେନ୍ଦ୍ରିକ ହୋଇଥିବ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଷ୍ଟାର୍ଟ-ଅପ୍‌ଗୁଡ଼ିକୁ କେବଳ ସେମାନଙ୍କର ବଜାର ମୂଲ୍ୟାଙ୍କନ ଦ୍ୱାରା ନୁହେଁ, ବରଂ ମାନବଜାତି ଉପରେ ସେମାନଙ୍କର ପ୍ରଭାବ ଦ୍ୱାରା ମଧ୍ୟ ମୂଲ୍ୟାଙ୍କନ କରାଯିବା ଉଚିତ। ଏହା ହିଁ ‘ଭାରତ ଇନୋଭେଟ୍ସ’ର ମୂଳ ବାର୍ତ୍ତା ବୋଲି ଉଲ୍ଲେଖ କରି ସେ ଉପସ୍ଥିତ ଲୋକମାନଙ୍କୁ ବିଶ୍ୱ ନବସୃଜନର ପରବର୍ତ୍ତୀ ଅଧ୍ୟାୟକୁ ମିଳିତଭାବେ ସୃଷ୍ଟି କରିବାରେ ଭାରତ ସହିତ ହାତ ମିଳାଇବାକୁ ଆମନ୍ତ୍ରଣ କରିଥିଲେ। ପ୍ରଧାନମନ୍ତ୍ରୀ କ୍ୱାଣ୍ଟମ୍ କମ୍ପ୍ୟୁଟିଂ, ସେମିକଣ୍ଡକ୍ଟର, ଜୈବ ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା, ମହାକାଶ, ସ୍ୱାସ୍ଥ୍ୟସେବା, ଚିକିତ୍ସା-ପ୍ରଯୁକ୍ତିବିଦ୍ୟା, ଉନ୍ନତ ସାମଗ୍ରୀ ଏବଂ ସ୍ୱଚ୍ଛ ଶକ୍ତି ଭଳି ଅତ୍ୟାଧୁନିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଷ୍ଟାର୍ଟ-ଅପ୍ ଏବଂ ନବସୃଜନକାରୀଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ଏହା ପରେ ଉଭୟ ନେତା ପ୍ରଦର୍ଶନୀ ପରିଦର୍ଶନ କରିଥିଲେ ଏବଂ ବିଭିନ୍ନ ଅଗ୍ରଣୀ କ୍ଷେତ୍ରର ଷ୍ଟାର୍ଟ-ଅପ୍ ଏବଂ ନବସୃଜନକାରୀଙ୍କ ସହିତ ଆଲୋଚନା କରିଥିଲେ। ‘ଭାରତ ଇନୋଭେଟ୍ସ’ ଭାରତକୁ ଏକ ବିଶ୍ୱସ୍ତରୀୟ ନବସୃଜନ କେନ୍ଦ୍ରରେ ପରିଣତ କରିବା ପାଇଁ ଭାରତ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି, ଯାହା ବିକଶିତ ଭାରତର ପରିକଳ୍ପନା ସହ ସମାନ ଏବଂ ବିଶ୍ୱ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅବଦାନ ଦେବାରେ ଭାରତ-ଫ୍ରାନ୍ସ ସହଯୋଗର ଗୁରୁତ୍ୱକୁ ଦର୍ଶାଉଛି।

## ଅଧୁରା ରହିଲା କ୍ଷମତାକେନ୍ଦ୍ର ବଲାଙ୍ଗୀରର ବିକାଶ

**ବଲାଙ୍ଗୀର,୧୪।୬/ଏନ୍‌ଏନ୍‌ଏସ୍:** ଦୀର୍ଘ ୨୪ ବର୍ଷର ବିଜେଡି ସରକାର ପତନ ପରେ ରାଜ୍ୟରେ ବିଜେପି ସରକାର ଶାସନଭାର ଗ୍ରହଣ କରିଥିଲେ। ବିଭିନ୍ନ କାରଣରୁ ବିଜେଡି ସରକାର ବିରୋଧରେ ଥିବା ଜନଅସନ୍ତୋଷ ୨୦୨୪ ସାଧାରଣ ନିର୍ବାଚନରେ ପ୍ରତିଫଳିତ ହୋଇଥିଲା। ବିକାଶର ବହୁଦୂରରେ ରହିଯାଇଥିବା ବଲାଙ୍ଗୀର ଜିଲ୍ଲାର ସାଧାରଣ ଲୋକେ ବିଜେପିକୁ ବିପୁଳ ଭୋଟ୍‌ରେ ବିଜୟୀ କରାଇଥିଲେ। ବଲାଙ୍ଗୀର ସାଂସଦ ସମେତ ଟିଟିଲାଗଡ଼, ପାଟଣାଗଡ଼, ଲୋଇସିଂହା ଓ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇଥିଲେ। ବଲାଙ୍ଗୀର ନିର୍ବାଚନମଣ୍ଡଳୀରେ ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂହଦେଓ ବିଜୟୀ ହୋଇ ବିଜେଡିର ସମ୍ମାନ ରକ୍ଷା କରିବାରେ ସଫଳ ହୋଇଥିଲେ। କଣ୍ଟାବାଞ୍ଜିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିଟିଲାଗଡ଼ରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁଙ୍କ ପରାଜୟ ବିଜେଡି ପ୍ରତି ଲୋକଙ୍କ ମନରେ ଥିବା ଅସନ୍ତୋଷ ପ୍ରତିଫଳନ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହୋଇଥିଲା। ଇତିମଧ୍ୟରେ ରାଜ୍ୟରେ ବିଜେପି ସରକାରଙ୍କ ୨ ବର୍ଷ ପୂରଣ ହୋଇଯାଇଛି। ଅନ୍ୟପଟେ ଗତ ୨ ବର୍ଷ ମଧ୍ୟରେ ଅବହେଳିତ ବଲାଙ୍ଗୀରବାସୀଙ୍କ ସ୍ୱପ୍ନ କେବେ ବାସ୍ତବରେ ପରିଣତ ହେବ ସେନେଇ ଅନେକ ପ୍ରଶ୍ନ ଉଠିଛି। ଏଠାକାର ଚାଷୀ ଚାଷ କାର୍ଯ୍ୟ ପାଇଁ ବର୍ଷା ଜଳ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରୁଛନ୍ତି। ହେଲେ ପ୍ରତିବର୍ଷ ମରୁଡ଼ି ପରିସ୍ଥିତିର ସମ୍ମୁଖୀନ ହୋଇ ହଜାର ହଜାର ଗରିବ ପରିବାର ପେଟପାଟଣା ପାଇଁ ଭିଟାମାଟି ଛାଡ଼ିବାକୁ ବାଧ ହେଉଛନ୍ତି। ଜଳସେଚନ ବ୍ୟବସ୍ଥାର ଉନ୍ନତି ପାଇଁ ସରକାର ଗତ ୨ ବର୍ଷ ଭିତରେ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରୁଛି। ବଲାଙ୍ଗୀରର ଜୀବନରେଖା କୁହାଯାଉଥିବା ଲୋୟର୍ ସୁକତେଲ ଜଳସେଚନ ପାଣି ଅପେକ୍ଷାରେ ଚାଷୀ ରହିଛନ୍ତି। ଲୋୟର୍ ସୁକତେଲ ପାଣି କେବେ ଚାଷୀଙ୍କ ଜମିରେ ମାଡ଼ିବ ସେନେଇ ଚାଷୀ ଏବେ ଆଶା ଓ ଆକାଂକ୍ଷାରେ ରହିଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ତରବରିଆ ଭାବେ ଲୋୟର୍ ସୁକତେଲ ପ୍ରକଳ୍ପର ସ୍ୱପ୍ନ ଓ ବାସ୍ତବତା ଭିତରେ ଦୂରତା ଦିନକୁଦିନ ବଢ଼ିବାରେ ଲାଗିଛି।

ବିସ୍ଥାପିତ କଲୋନୀକୁ ସର୍ବନିମ୍ନ ମୌଳିକ ସୁବିଧା ଅପହଞ୍ଚ। ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଜିଲ୍ଲାରେ ଦାଦନ କଳଙ୍କ ଲିଭିନାହିଁ। ରାଜ୍ୟ ତଥା ରାଜ୍ୟ ବାହାରେ ହଜାର ହଜାର ବେକାର ଯୁବକ ଯୁବତୀ ଶୋଷଣର ଶିକାର ହେଉଛନ୍ତି। ଅନେକ ସମୟରେ ଶବ ହୋଇ ଗାଁକୁ ଫେରିବା ସାଧାରଣ କଥା। ଅସହ୍ୟ ଦାଦନ ଦୁଃଖର ଅନ୍ତ କେବେ ହେବ ବୋଲି ପ୍ରଶ୍ନ ଉଠିଛି। ସରକାର ଯୋଜନା ପରେ ଯୋଜନା କରୁଛନ୍ତି। ବାସ୍ତବରେ ଦାଦନ ଚାଲାଣ ରୋକିବା ପାଇଁ କେତେ ସକ୍ଷମ ହେଉଛନ୍ତି ସେନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ବଲାଙ୍ଗୀରର ଦେଓଗାଁ ଚିନିକଳ ପୁନଃ ପ୍ରତିଷ୍ଠା ହେବ ନା ନୂତନ ଭାବେ ଚିନିକଳ ପ୍ରତିଷ୍ଠା ହେବ ସେନେଇ ବଲାଙ୍ଗୀରବାସୀ ସନ୍ଦେହଘେରରେ ରହିଛନ୍ତି। ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ବ୍ୟବସ୍ଥା ବିପର୍ଯ୍ୟସ୍ତ। ଆବଶ୍ୟକ ଡାକ୍ତର ଅଭାବ ଯୋଗୁ ଲୋକେ ନକଲି ଡାକ୍ତର ଭରସାରେ ଚିକିତ୍ସିତ ହେବା ଭଳି ଅଭାବନୀୟ ଚିତ୍ର ପରିଲକ୍ଷିତ ହେଉଛି। ଅସରନ୍ତି ସମସ୍ୟା ଓ ଅବ୍ୟବସ୍ଥା ଭିତରେ ଅଣନିଶ୍ୱାସୀ ବଲାଙ୍ଗୀରବାସୀ। ରାଜ୍ୟ ସରକାରରେ ବଲାଙ୍ଗୀର ଜିଲ୍ଲାରୁ ବରିଷ୍ଠ ନେତା କନକବର୍ଦ୍ଧନ ସିଂହଦେଓ ଉପମୁଖ୍ୟମନ୍ତ୍ରୀ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ଥିବାବେଳେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ। ରାଜ୍ୟ ମନ୍ତ୍ରୀମଣ୍ଡଳରେ ଜିଲ୍ଲାର ୨ଜଣ ହେବିୱେଟ୍ ନେତା ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଥିବାରୁ ଜିଲ୍ଲାବାସୀଙ୍କ ମଧ୍ୟରେ ବିକାଶର ସ୍ୱପ୍ନ ଦେଖିବା ସାଧାରଣ ବିଷୟ। ବଲାଙ୍ଗୀର ଜିଲ୍ଲାରେ ୨ ବର୍ଷ ଭିତରେ କୃଷି ମହାବିଦ୍ୟାଳୟ ଓ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା କରିବା ପାଇଁ ସରକାର ଘୋଷଣା କରିଛନ୍ତି। କିନ୍ତୁ ସ୍ୱପ୍ନ ଓ ବାସ୍ତବତା ମଧ୍ୟରେ ରହିଛି ଅନେକ ଦୂରତା।

## ଶିଶୁ ସ୍ୱାସ୍ଥ୍ୟମେଳା ଓ ରଜ ଉତ୍ସବ



**ବୌଦ୍ଧ,୧୪।୬/ଏନ୍‌ଏନ୍‌ଏସ୍:** ବୌଦ୍ଧ ଜିଲ୍ଲା ବୌଦ୍ଧ ବ୍ଲକ୍ ଅନ୍ତର୍ଗତ ଗୁଣ୍ଡୁଳିଆ ପଞ୍ଚାୟତ ସାଲେଇପଡ଼ା ଗ୍ରାମରେ ଓ୍ୱାସିଡିଏ ଓ ଦେଶାଇ ଫାଉଣ୍ଡେସନ୍‌ର ମିଳିତ ସହଯୋଗରେ ଏକ ଶିଶୁ ସ୍ୱାସ୍ଥ୍ୟମେଳା ଏବଂ ରଜ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିଶୁଙ୍କ ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ ଗ୍ରହଣ, ବ୍ୟକ୍ତିଗତ ସ୍ୱଚ୍ଛତା, ମାନସିକ ସ୍ୱାସ୍ଥ୍ୟ ଓ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ରଜ ପର୍ବ ଉପଲକ୍ଷେ ଶିଶୁଙ୍କ ପାଇଁ ରଜ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର ପ୍ରତିଯୋଗିତା, ଖେଳକୁଦ, ଗୀତ, ନୃତ୍ୟ ଓ ବିଭିନ୍ନ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶିଶୁମାନେ ବହୁ ଉତ୍ସାହର ସହିତ ଏହି ସମସ୍ତ କାର୍ଯ୍ୟକ୍ରମରେ ଭାଗ ନେଇଥିବାବେଳେ ରଜର ସାଂସ୍କୃତିକ ମହତ୍ତ୍ୱ ଓ ପରମ୍ପରା ସମ୍ପର୍କରେ ଅବଗତ ହୋଇଥିଲେ। ସମସ୍ତ ଅଂଶଗ୍ରହଣକାରୀ ଶିଶୁ, ଅଭିଭାବକ ଓ ସହଯୋଗୀଙ୍କୁ ଧନ୍ୟବାଦ ଜଣାଯାଇଥିଲା। ଏହି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ଶିଶୁଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ସହ ରଜ ପର୍ବର ପରମ୍ପରାକୁ ଉତ୍ସାହିତ କରିବାରେ ସହାୟକ ହୋଇଛି।

## ମାଗଣା ଚକ୍ଷୁ ଓ ସ୍ୱାସ୍ଥ୍ୟ ଶିବିର



**ପାଟଣାଗଡ଼,୧୪।୬/ଏନ୍‌ଏନ୍‌ଏସ୍:** ଖପ୍ରାଖୋଲ ବ୍ଲକ୍ ଅନ୍ତର୍ଗତ ଭାନପୁର ପଞ୍ଚାୟତ କାର୍ଯ୍ୟାଳୟରେ ଦେଶାଇ ଫାଉଣ୍ଡେସନ୍, ତ୍ରିଲୋଚନ ନେତ୍ରାଳୟ, ବଲାଙ୍ଗୀର ଓ ଓ୍ୱାଇସିଡିଏ ଅନୁଷ୍ଠାନର ମିଳିତ ଉଦ୍ୟମରେ ଏକ ମାଗଣା ଚକ୍ଷୁ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଓ୍ୱାଇସିଡିଏ ବ୍ଲକ୍ ସଂଯୋଜକ ଉମେଶ କୁମାର ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ ସରପଞ୍ଚ ରୀନା ଜାଲ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ତ୍ରିଲୋଚନ ନେତ୍ରାଳୟର ଡା. ବ୍ୟାସଦେବ ବେହେରା, ଡା. ଗୀତାଞ୍ଜଳି ବାଗ ଓ ଡା. ଲିପ୍ସୁ ପ୍ରଧାନ ଓ ଡା. ଉତ୍ତମ ତାଣ୍ଡି ଯୋଗଦେଇ ରୋଗୀଙ୍କ ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେହିପରି ଭାନପୁର ପଞ୍ଚାୟତର ସ୍ୱାସ୍ଥ୍ୟକର୍ମୀ ଗଣପତି ବେହେରା, ସିଏଚ୍‌ଓ ବବିତା ପ୍ରଧାନ, ଏଏନ୍‌ଏମ୍ ପଦ୍ମିନୀ ଭୁଏ, ଆଶାକର୍ମୀ ସାବିତ୍ରୀ ପୁଟେଲ, ମାଧବ ଖର୍ସେଲ, ଦେଶାଇ ଫାଉଣ୍ଡେସନ୍‌ର ହିରୋଜ୍ ଶିବା ପୁଟେଲ, ମନୋଜ ଶବର, ସନ୍ତୋଷ ସାହୁ ଓ ଭୋଜରାଜ ପ୍ରଧାନ ସହଯୋଗ କରିଥିଲେ। ଏହି ଶିବିରରେ ମୋଟ୍ ୧୮୬ ଜଣ ରୋଗୀଙ୍କ ଚିକିତ୍ସା ଓ ପରୀକ୍ଷା କରାଯାଇଥିବାବେଳେ ୩୦ ଜଣଙ୍କୁ ପାୱାର୍ ଚଷମା ପ୍ରଦାନ କରାଯାଇଥିଲା। ଏହାସହ ୧୭ ଜଣ ଚକ୍ଷୁ ରୋଗୀଙ୍କୁ ମାଗଣା ଅପରେସନ୍ ପାଇଁ ବଲାଙ୍ଗୀରର ତ୍ରିଲୋଚନ ନେତ୍ରାଳୟକୁ ବସ୍ ଯୋଗେ ପଠାଯାଇଥିଲା।

## ନିୟମଗିରି ସୁରକ୍ଷା ସମିତି ନେତାଙ୍କ ସମ୍ପତ୍ତି ଜବତ ଆଦେଶ

# ଅନ୍ୟାୟ ଓ ଅଯଥାର୍ଥ ଦର୍ଶାଇଲେ ସାମାଜିକ ସଂଗଠନ

**ରାୟଗଡ଼ା,୧୪।୬/ଏନ୍‌ଏନ୍‌ଏସ୍:** ଗତ ମାର୍ଚ୍ଚ ୧୫ ତାରିଖରେ ଲାଞ୍ଜିଗଡ଼ ମୁନସିଫ୍ କୋର୍ଟର ମାଜିଷ୍ଟ୍ରେଟ୍ ଏକ ଆଦେଶ ଜାରି କରି ନିୟମଗିରି ସୁରକ୍ଷା ସମିତିର ନେତା ଲଦ ସିକକାଙ୍କୁ ପଳାତକ ଘୋଷଣା କରିବା ସହ ତାଙ୍କ ସମ୍ପତ୍ତି ଜବତ କରିବା ପାଇଁ କଲ୍ୟାଣସିଂହପୁର ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶକୁ ବିରୋଧ କରି ସଚେତନ ନାଗରିକମାନେ କଠୋର ପ୍ରତିକ୍ରିୟା ଦେଇଛନ୍ତି। ନାଗରିକଙ୍କ କହିବାନୁସାରେ, ଲଦ ସିକକାଙ୍କ ବିରୋଧରେ ଥିବା ଅଧିକାଂଶ ଅଭିଯୋଗ ଜାମିନଯୋଗ୍ୟ ଓ ସର୍ବାଧିକ ୩ ବର୍ଷ ସଜାଯୋଗ୍ୟ। ଏହି ପରିସ୍ଥିତିରେ ସମ୍ପତ୍ତି ଜବତ ଆଦେଶ ଆଇନ ଉଲ୍ଲଙ୍ଘନ ଓ ଅପରାଧିକ ନ୍ୟାୟ ବ୍ୟବସ୍ଥାର ମୌଳିକ ନୀତି ବିରୋଧୀ ବୋଲି ସେମାନେ ମତପ୍ରକାଶ କରିଛନ୍ତି। ଡଙ୍ଗରିଆ କନ୍ଧ ଜନଜାତିର ନେତା ଲଦ ସିକକା



ନିୟମଗିରି ପର୍ବତ ସୁରକ୍ଷା ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ନିୟମିତ ଭାବେ ସାମାଜିକ କାର୍ଯ୍ୟକ୍ରମ ଓ ସରକାରୀ କାର୍ଯ୍ୟାଳୟ ଯାଉଥିବା ସତ୍ତ୍ୱେ ତାଙ୍କୁ କିପରି ପଳାତକ ଘୋଷଣା କରାଗଲା ସେନେଇ ସେମାନେ ପ୍ରଶ୍ନ କରିଛନ୍ତି। ଏହାସହ ମାମଲା ସମ୍ପର୍କିତ ସୂଚନା ଓ କୋର୍ଟ ପରୱାନା ସେ ପାଇନଥିବା ମଧ୍ୟ ଉଲ୍ଲେଖ ହୋଇଛି। ପୁଲିସ୍ ପକ୍ଷରୁ ପ୍ରକ୍ରିୟାରେ ତ୍ରୁଟି ହୋଇଥାଇପାରେ ଓ ଏହି ଆଦେଶ କାର୍ଯ୍ୟକାରୀ ହେଲେ ଲଦଙ୍କ ଜୀବିକା ଗୁରୁତର ପ୍ରଭାବିତ ହେବ ବୋଲି ସଚେତନ ନାଗରିକମାନେ ଆଶଙ୍କା କରୁଛନ୍ତି। ସେମାନେ ଏହାକୁ ଜନଜାତି ବିରୋଧୀ ବ୍ୟବସ୍ଥାଗତ ଅନ୍ୟାୟର ଅଂଶ ବୋଲି ଅଭିହିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ଓଡ଼ିଶାରେ ଅମାନବିକ ଜାମିନ ସର୍ତ୍ତ ନେଇ ଦିଆଯାଇଥିବା ଟିପ୍ପଣୀକୁ ମଧ୍ୟ ସେମାନେ ଉଲ୍ଲେଖ କରିଛନ୍ତି। ସେଥିପାଇଁ ଓଡ଼ିଶା ହାଇକୋର୍ଟଙ୍କ ମୁଖ୍ୟ ବିଚାରପତିଙ୍କ ହସ୍ତକ୍ଷେପ ଏବଂ ଉକ୍ତ ଆଦେଶ ପ୍ରତ୍ୟାହାର ପାଇଁ ଦାବି ଜଣାଇଛନ୍ତି। ଏହି ବିବୃତ୍ତିରେ ପ୍ରଫୁଲ୍ଲ ସାମନ୍ତରା, ଅରୁନ୍ଧତୀ ରାୟ, ପ୍ରଶାନ୍ତ ଭୂଷଣଙ୍କ ସହ ବହୁ ଓକିଲ, ଲେଖକ, ସାମାଜିକ କର୍ମୀ ଓ ମାନବାଧିକାର କର୍ମୀମାନେ ସ୍ୱାକ୍ଷର କରିଛନ୍ତି।

## ଶିକ୍ଷା ଓ ଶିକ୍ଷକ କର୍ମଶାଳା

**ଜୟପୁର,୧୪।୬/ଏନ୍‌ଏନ୍‌ଏସ୍:** ସାରସ୍ୱତ ବାଲ୍ ମନ୍ଦିରରେ ବିଦ୍ୟାଳୟର ବାର୍ଷିକ ‘ଶିକ୍ଷା ଓ ଶିକ୍ଷକ କର୍ମଶାଳା’ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା, ଶିକ୍ଷୟିତ୍ରୀଗଣ ଓ ପରିଚାଳନା କମିଟିର ସହଯୋଗରେ ଏହି ୧୦ ଦିନିଆ କର୍ମଶାଳା ହୋଇଥିଲା।



ପ୍ରଥମଦିନ ମନସ୍ତତ୍ତ୍ୱବିତ ଏନ୍ ସୁଧାକର, ଦ୍ୱିତୀୟଦିନରେ, ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ ଓ ନିରଞ୍ଜନ ପାଣିଗ୍ରାହୀ ଲିଖନ ଓ ପଠନ ମନେ ରଖିବା ବିଷୟରେ ଶିକ୍ଷୟିତ୍ରୀଙ୍କୁ କୌଶଳ ପ୍ରଦାନ କରିଥିଲେ। ତୃତୀୟଦିନରେ କଳା ପ୍ରଶିକ୍ଷକ ନୃସିଂହ ଷଡ଼ଙ୍ଗୀ ଏବଂ ପଦ୍ମଚରଣ ଚୌଧୁରୀ ବିଭିନ୍ନ ଚିତ୍ର, କାଗଜରେ ମୂର୍ତ୍ତି, ହସ୍ତ କାରିଗରୀ ଓ କଳା କୌଶଳ ବିଷୟରେ ତାଲିମ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ, ଅଧ୍ୟକ୍ଷା ରିତାଲି ସାହୁ, ପୂର୍ବତନ ବରିଷ୍ଠ ଉଦ୍‌ଘୋଷକ ତଥା ନାଟ୍ୟକାର ଉଦୟ ଶଙ୍କର ଯାନୀ ଓ ବିଦ୍ୟାଳୟ ସଭାପତି ଅନୁପ କୁମାର ସାମନ୍ତରାୟ ପରିଚାଳନା କରିଥିଲେ। ଏଥିରେ ନିଶାରାଣୀ ସାହୁ, ମୈତ୍ରୀ ପ୍ରହରାଜ, ଲୋପାମୁଦ୍ରା ପଟ୍ଟନାୟକ, ରତିକଳା ପାଣ୍ଡବ, ବୈଜୟନ୍ତୀ ସ୍ୱାଇଁ, ସ୍ମିତା ରଥ ଓ ଟିକିନା ତ୍ରିପାଠୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କିଛି ପିତାମାତା ଏବଂ ଅଭିଭାବକ ଯୋଗଦେଇ ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିଥିଲେ। ସଭାପତି ଅନୁପ କୁମାର ସାମନ୍ତରାୟଙ୍କ ଦେଖାରେଖାରେ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ରିତାଲି ସାହୁ ଏବଂ ଅନ୍ୟ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଯକ୍ଷ୍ମା ରୋଗୀ, ପରିବାର ସଦସ୍ୟଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଇବ ଏମ୍‌ସିଏଲ୍

**ରାୟଗଡ଼ା,୧୪।୬/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲାରେ ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନରେ ଯକ୍ଷ୍ମା ରୋଗୀଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଇବା ପାଇଁ ଜିଲ୍ଲା ପ୍ରଶାସନ ସହ ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଜିଲ୍ଲାରେ ଚିହ୍ନଟ ସମସ୍ତ ଯକ୍ଷ୍ମା ରୋଗୀ ଏବଂ ପରିବାରର ୩ ଜଣ ସଦସ୍ୟଙ୍କ ପାଇଁ ଏମ୍‌ସିଏଲ୍ ପୁଷ୍ଟିକର ଖାଦ୍ୟ ବ୍ୟବସ୍ଥା କରିବାକୁ ସହାୟତାର ହାତ ବଢ଼ାଇଛି। ସେଥିପାଇଁ ଏମ୍‌ସିଏଲ୍ ଜିଲ୍ଲାରେ ଚିହ୍ନଟ ହୋଇଥିବା ସମସ୍ତ ରୋଗୀ ଏବଂ ୩ ସମ୍ପର୍କୀୟଙ୍କ ପାଇଁ ଖାଦ୍ୟ ବାବଦରେ ହେଉଥବା ଆର୍ଥିକ ଖର୍ଚ୍ଚ ବହନ କରିବ ବୋଲି ଜଣାପଡ଼ିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଏବଂ ଏମ୍‌ସିଏଲ୍ ପକ୍ଷରୁ ଅଧିକାରୀ ରୋହିତ ସିଂ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ନଗେନ୍ଦ୍ରନାଥ ମହାପାତ୍ର, ଏଡିପିଏଚ୍‌ଓ ମମତା ସାହୁ ଓ ଜିଲ୍ଲା ଯକ୍ଷ୍ମା ସଂଯୋଜକ ନବୀନ କିଶୋର ମାହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଏମ୍‌ଓୟୁ ଗୋଟିଏ ବର୍ଷ ପାଇଁ ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି। ଏମ୍‌ସିଏଲ୍ ସଂସ୍ଥାର ସିଏସ୍‌ଆର୍ କାର୍ଯ୍ୟ ମାଧ୍ୟମରେ



ରାୟଗଡ଼ା ଜିଲ୍ଲାର ଯକ୍ଷ୍ମାମୁକ୍ତ ପାଇଁ ନୀକ୍ଷୟ ମିତ୍ର ରୂପେ କାର୍ଯ୍ୟ କରିବ। ରୋଗୀ ଚିହ୍ନଟ ଓ ଶୀଘ୍ର ଚିକିତ୍ସା, ସୁଷମ ଖାଦ୍ୟ, ଅତିରିକ୍ତ ପୁଷ୍ଟିକର ଖାଦ୍ୟ ଓ ଜନଭାଗିଦାରୀ ହୋଇ କାର୍ଯ୍ୟ କଲେ ଜିଲ୍ଲାରୁ ଯକ୍ଷ୍ମା ରୋଗକୁ ନିର୍ମୂଳ କରିପାରିବା ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି।

## ରଜ ପର୍ବ ସାଙ୍ଗକୁ ରବିବାର ଛୁଟି

# ଆମିଷ ବଜାରରେ ଗ୍ରାହକଙ୍କ ପ୍ରବଳ ଭିଡ଼



**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ଓଡ଼ିଶାର ପାରମ୍ପରିକ ଗଣପର୍ବ ରଜ ପାଇଁ ଏବେ ସାରା ରାଜ୍ୟ ଉତ୍ସବମୁଖର। ଚଳିତ ବର୍ଷ ପହିଲି ରଜ ପବିତ୍ର ରବିବାରରୁ ଆରମ୍ଭ ହୋଇଥିବାରୁ ସାଧାରଣ ଲୋକଙ୍କ ଆନନ୍ଦ ଦ୍ୱିଗୁଣିତ ହୋଇଯାଇଛି। ପର୍ବର ପ୍ରଥମ ଦିନରେ ହିଁ ବିଭିନ୍ନ ଅଞ୍ଚଳର ଆମିଷ ମାର୍କେଟଗୁଡ଼ିକରେ ଗ୍ରାହକମାନଙ୍କର ଅପ୍ରତ୍ୟାଶିତ ଭିଡ଼ ପରିଲକ୍ଷିତ ହୋଇଛି। ରବିବାର ଛୁଟି ଦିନରେ ରଜ ପଡ଼ିଥିବାରୁ ସକାଳୁ ସକାଳୁ ମାଂସ ଓ ମାଛ ଦୋକାନଗୁଡ଼ିକରେ ଜନସମୁଦ୍ରର ସ୍ଥିତି ଉପୁଜିଛି। ଆମିଷ କିଣିବା ପାଇଁ ଲୋକଙ୍କର ଏଭଳି ପ୍ରବଳ ଗହଳି ସାଧାରଣତଃ କାର୍ତ୍ତିକ ପୂର୍ଣ୍ଣିମା ପରଦିନ ଆସୁଥିବା ଛାଡ଼ଖାଇର ଭ୍ରମ ସୃଷ୍ଟି କରୁଛି। ବିଶେଷ କରି ରାଜଧାନୀ ଭୁବନେଶ୍ୱରର ସବୁଠାରୁ ବଡ଼ ୪-ନମ୍ବର ଆମିଷ ବଜାରରେ ଗ୍ରାହକଙ୍କ ଖଚାଖଚ ଗହଳି ଜମିଛି। ଖାସି ମାଂସ, କୁକୁଡ଼ା ମାଂସ ସମେତ ବିଭିନ୍ନ ପ୍ରକାରର ମାଛ, ଚିଙ୍ଗୁଡ଼ି ଓ କଙ୍କଡ଼ା କିଣିବା ପାଇଁ ଶତାଧିକ ଲୋକ ଧାଡ଼ିରେ ଠିଆ ହୋଇଥିବା ଦେଖିବାକୁ ମିଳିଛି। ପହିଲି ରଜର ଉତ୍ସବକୁ ଆମିଷ ବ୍ୟଞ୍ଜନ ସହ ଉପଭୋଗ କରିବା ପାଇଁ ଲୋକେ ବଜାରରୁ ଉତ୍ସାହର ସହ ପସନ୍ଦର ସାମଗ୍ରୀ ଘରକୁ କିଣି ନେଉଛନ୍ତି। ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠାରେ ବ୍ୟବସାୟୀଙ୍କ ବେପାର ବେଶ୍ ଚମକିଛି। ରଜ ଅବସରରେ ପ୍ରତ୍ୟେକ ପରିବାରରେ ସୁଆଦିଆ ଆମିଷ ତରକାରିର ବାସ୍ନା ମହକୁଥିବା ବେଳେ ପର୍ବର ମାହୋଲ ସମ୍ପୂର୍ଣ୍ଣ ରୂପେ ଜମି ଉଠିଛି।

## ପରିଣିତା ରଜ ପର୍ବ

# ଓଡ଼ିଆ ସଂସ୍କୃତି, ପର୍ବ ଓ ପରମ୍ପରା ଚିର ସବୁଜ: ଅପରାଜିତା



**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ଦେଶର ବିଭିନ୍ନ ଅଞ୍ଚଳ ଓ ଭାଷାଭାଷୀ ଲୋକଙ୍କ ପାଇଁ ରଜ ସାଜିଛି ଏକ ପ୍ରମୁଖ ଗଣପର୍ବ। ଯାହାର ଏକ ଜ୍ୱଳନ୍ତ ଉଦାହରଣ ଭାବେ ଦେଖାଯାଇଛି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ପ୍ରୟାସ ଓ 'ପରିଣିତା' ସଂଗଠନ ଦ୍ୱାରା ଆୟୋଜିତ 'ପରିଣିତା ରଜ ପର୍ବ–୨୦୨୬ ରେ। ୟୁନିଟ୍-୮ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଭବ୍ୟ ଭାବେ ଅନୁଷ୍ଠିତ ଏହି ରଜ ପର୍ବ ଓଡ଼ିଶାର ଲୋକକଳା, ସଂସ୍କୃତି ଓ ରଜ ପରମ୍ପରାକୁ ଜୀବନ୍ତ ରଖିବା ଏବଂ ନୂତନ ପିଢ଼ିଙ୍କ ମଧ୍ୟରେ ଏହାର ମହତ୍ତ୍ୱକୁ ପହଞ୍ଚାଇବା ଉଦ୍ଦେଶ୍ୟରେ ପରିକଳ୍ପନା କରାଯାଇଥିଲା ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଏଥିରେ ସାମିଲ ହୋଇଥିଲେ ବହୁ ଭାଷାଭାଷୀର ତିନି ହଜାରରୁ ଅଧିକ ମହିଳା। କାର୍ଯ୍ୟକ୍ରମରେ ପୋଡ଼ ପିଠା, ମଣ୍ଡା ପିଠା, ଆରିସା ପିଠା, ଛେନାପୋଡ଼, ଛେନା ଗଜା, ଦହିବରା-ଆଳୁଦମ, ପାନ, ପାପଡ଼ି ଚାଟ୍, ପୁରି-ଡାଲମା ଆଦି ପାରମ୍ପରିକ ଖାଦ୍ୟର ଆକର୍ଷଣୀୟ ଷ୍ଟଲ୍ ଲଗାଯାଇଥିଲା। ଏହାସହ ବିଭିନ୍ନ ପ୍ରକାରର ହସ୍ତଶିଳ୍ପ, ପୋଷାକ ଓ ଅନ୍ୟାନ୍ୟ ସାମଗ୍ରୀର ପ୍ରଦର୍ଶନୀ ଓ ବିକ୍ରୟ ଷ୍ଟଲ୍ ମଧ୍ୟ ଆୟୋଜିତ ହୋଇଥିଲା। ତିନି ହଜାରରୁ ଅଧିକ ମହିଳା ଏହି ରଜ ଉତ୍ସବରେ ଯୋଗଦେଇ ଏହାକୁ ସଫଳ କରିଥିଲେ। ଉତ୍ସବରେ ରଜ ଗୀତ ପ୍ରତିଯୋଗିତା, ପିଠା ପ୍ରତିଯୋଗିତା, ଝୋଟି ପ୍ରତିଯୋଗିତା, ନୃତ୍ୟ ପ୍ରତିଯୋଗିତା, ଶଙ୍ଖ ପ୍ରତିଯୋଗିତା, ହୁଳହୁଳି ପ୍ରତିଯୋଗିତା, ରଜ ଦୋଳି ପ୍ରତିଯୋଗିତା, ଓଡ଼ିଶୀ ନୃତ୍ୟ ପରିବେଷଣ ଓ ରାମ୍ପ ଶୋ ଆଦି ଆୟୋଜିତ ହୋଇଥିଲା। ଯେଉଁଥିରେ ସିନିୟର୍ ଓ ଜୁନିଅର୍ ବିଭାଗରେ ରଜ କୁଇନ୍ ବିବେଚିତ ହୋଇଥିଲେ। ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ସମ୍ମାନିତ କରିଥିଲେ। ଏହି ଅବସରରେ ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଥିଲେ ଯେ ରଜ କେବଳ ଏକ ପର୍ବ ନୁହେଁ, ଏହା ଓଡ଼ିଆ ଅସ୍ମିତା, ସଂସ୍କୃତି ଓ ପରମ୍ପରାର ପ୍ରତୀକ। ଆମ ଝିଅ ଓ ବୋହୂମାନେ ଏହି ଐତିହ୍ୟକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବା ଆବଶ୍ୟକ।







ପାନ୍ଥନିବାସରେ ଚାଲିଛି ରଜ ମଉଜ

# ଆଜି ଭୁବନେଶ୍ୱର ଓ ଝାରସୁଗୁଡ଼ା ବିମାନବନ୍ଦରରେ 'ଯାତ୍ରୀ ସୁବିଧା ଦିବସ'

## ଯାତ୍ରୀଙ୍କୁ ମିଳିବ ରଜ ମହୋତ୍ସବର ସାଂସ୍କୃତିକ ଝଲକ୍




**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ଓଡ଼ିଶାର ବିମାନ ଚଳାଚଳ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ି ଆସନ୍ତା ୧୫ ତାରିଖ ତଥା ସୋମବାର ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ଏବଂ ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ପକ୍ଷରୁ ମିଳିତ ଭାବେ 'ଯାତ୍ରୀ ସୁବିଧା ଦିବସ-୨୦୨୬' ପାଳନ କରାଯିବାକୁ ଯାଉଛି। ବିମାନ ଯାତ୍ରୀମାନଙ୍କ ଅନୁଭୂତିକୁ ଅଧିକ ସୁବିଧାଜନକ, ଆରାମଦାୟକ ଏବଂ ସ୍ମରଣୀୟ କରିବା ଲକ୍ଷ୍ୟରେ ଉଭୟ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ଅବସରରେ ଭୁବନେଶ୍ୱର ବିମାନବନ୍ଦରରେ ପବିତ୍ର ରଜ ପର୍ବର ସାଂସ୍କୃତିକ ଝଲକ ଦେଖିବାକୁ ମିଳିବା ସହ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧାର ବ୍ୟବସ୍ଥା କରାଯାଇଛି। ଏଥିସହିତ ଖୁବଶୀଘ୍ର ପ୍ରାୟ ୧ ହଜାର କୋଟି ଟଙ୍କା ବ୍ୟୟରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ଛାପ ବହନ କରୁଥିବା ତୃତୀୟ ଟର୍ମିନାଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ସୂଚନା ଦେଇଛନ୍ତି।

ଗତ ୧୨ ବର୍ଷ ମଧ୍ୟରେ ଭୁବନେଶ୍ୱର ବିମାନବନ୍ଦରର ଅଭୂତପୂର୍ବ ବିକାଶ ଘଟିଛି। ୨୦୧୪-୧୫ ବର୍ଷରେ ମାତ୍ର ୧୦,୭୬୫ ବିମାନ ଚଳାଚଳ ଏବଂ ୧.୪ ନିୟୁତ ଯାତ୍ରୀ ପରିବହନ ହେଉଥିବା ବେଳେ ୨୦୨୫-୨୬ ବର୍ଷରେ ଏହା ବହୁଗୁଣ ବୃଦ୍ଧି ପାଇ ୩୮,୪୧୬ ବିମାନ ଚଳାଚଳ ଏବଂ ୫.୧ ନିୟୁତ ଯାତ୍ରୀରେ ପହଞ୍ଚିଛି। ବିମାନ ସେବା କ୍ଷେତ୍ର ମଧ୍ୟ ୮ଟି ସ୍ଥାନରୁ ବୃଦ୍ଧି ପାଇ ଏବେ ଦେଶର ୩୦ଟି ପ୍ରମୁଖ ସ୍ଥାନକୁ ସଂଯୋଗ କରୁଛି। ସରକାରଙ୍କ ଉଡ଼ାଣ ଯୋଜନା ଜରିଆରେ ଓଡ଼ିଶାର ଉପାନ୍ତ ଅଞ୍ଚଳ ଯେପରିକି ଉତ୍କେଳା, ଜୟପୁର ଓ ଝାରସୁଗୁଡ଼ାକୁ ମଧ୍ୟ ବିମାନ ସେବା ସମ୍ପ୍ରସାରିତ ହୋଇଛି। ବର୍ତ୍ତମାନ ଏଠାରୁ ଘଣ୍ଟାରେ ୨୫ଟି ବିମାନ ଉଡ଼ାଣ କରୁଛି। ଆଗାମୀ ଦିନରେ କୁହୁଡ଼ି ସମୟରେ ବିମାନ ଅବତରଣ ପାଇଁ 'କ୍ୟାଟ୍-୨' ସେବା ମଧ୍ୟ ଆରମ୍ଭ ହେବ। ଏହାବ୍ୟତୀତ ରନୱେ ପୁନଃ-କାରପେଟିଂ, ନୂତନ ଏଟିସି ଟାୱାର, ସମାନ୍ତରାଳ ଟ୍ୟାକ୍ସି ଟ୍ରାକ୍, ପଣ୍ୟ ପରିବହନ (କାର୍ଗୋ) ଏବଂ ଲଜିଷ୍ଟିକ୍ସର ବିକାଶ କରାଯାଇଛି, ଯାହା ସ୍ଥାନୀୟ ଚାଷୀ, ମତ୍ସ୍ୟଜୀବୀ ଓ ବ୍ୟବସାୟୀଙ୍କୁ ଘରୋଇ ତଥା ଆନ୍ତର୍ଜାତୀୟ ବଜାର ସହ ଯୋଡ଼ିବାରେ ସହାୟକ ହୋଇଛି। ଅପରପକ୍ଷରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ଆସନ୍ତା ଜୁନ ୧୫ ସକାଳ ୧୦ଟା ୩୦ ମିନିଟରୁ 'ଯାତ୍ରୀ ସୁବିଧା ଦିବସ' କାର୍ଯ୍ୟକ୍ରମ ଆରମ୍ଭ ହେବ। ବିମାନବନ୍ଦର ନିର୍ଦ୍ଦେଶକ ଉପେନ୍ଦ୍ରନାଥ ଧୁଣ୍ଡିଆଙ୍କ ସୂଚନା ଅନୁଯାୟୀ, ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯାତ୍ରୀ ଓ ଅନ୍ୟ ହିତାଧିକାରୀଙ୍କ ସହ ସୁଦୃଢ଼ ସମ୍ପର୍କ ସ୍ଥାପନ କରିବା ଏବଂ ସେବାର ଉନ୍ନତି ପାଇଁ ସେମାନଙ୍କଠାରୁ ମତାମତ ସଂଗ୍ରହ କରିବା। ଏହି ଅବସରରେ ଯାତ୍ରୀମାନଙ୍କ ପାଇଁ ବିମାନବନ୍ଦର ପରିସରରେ ଉପଲବ୍ଧ ଥିବା ମାଗଣା ୱାଇ-ଫାଇ ସେବା, 'ଅବସର' ସୁବିଧା, ଖାଦ୍ୟ ଓ ପାନୀୟ କାଉଣ୍ଟର, ଶିଶୁଙ୍କ ପାଇଁ କିଡ୍ସ ଜୋନ୍, ମୋବାଇଲ ଓ ଲ୍ୟାପଟପ୍ ଚାର୍ଜିଂ ଷ୍ଟେସନ୍, ଉନ୍ନତ ପ୍ୟାସେଞ୍ଜର ପ୍ରୋସେସିଂ ସିଷ୍ଟମ୍, ଇଲେକ୍ଟ୍ରିକ୍ ଭେହିକଲ୍ ଚାର୍ଜିଂ ଷ୍ଟେସନ୍ ଏବଂ ପ୍ରି-ପେଡ୍ ଟ୍ୟାକ୍ସି ଓ ସହର ବସ୍ ସେବା ଭଳି ଅନେକ ନୂତନ ପଦକ୍ଷେପ ଓ ଯାତ୍ରୀ-ବନ୍ଧବ ସୁବିଧାଗୁଡ଼ିକୁ ପ୍ରଦର୍ଶିତ କରାଯିବ। ଏହାସହ ସବୁଜ ଶକ୍ତିର ପ୍ରୋତ୍ସାହନ ପାଇଁ ସୋଲାର ପ୍ୟାନେଲ୍ ସହିତ ଛାୟାଯୁକ୍ତ ପାର୍କିଂ ଏବଂ ପାଠପଢ଼ା ପାଇଁ 'ଫ୍ଲାଇବ୍ରେରୀ' ସୁବିଧା ମଧ୍ୟ ଉପଲବ୍ଧ କରାଯାଇଛି। ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ, ନିର୍ବିଘ୍ନ ଓ ଆନନ୍ଦଦାୟକ ଯାତ୍ରା ଅନୁଭୂତି ପ୍ରଦାନ କରିବା ପାଇଁ ବିମାନବନ୍ଦର କର୍ତ୍ତୃପକ୍ଷ ସଦା ପ୍ରତିବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି।

## ପ୍ରବାସ ମାଟିରେ ସଂସ୍କୃତି ଓ ସଦ୍‌ଭାବନାର ଅପୂର୍ବ ସେତୁ

# ସାଉଦି ଆରବରେ ଜମିଲା 'ରଜ' ଓ 'ଇଦ୍'ର ମହୋତ୍ସବ



**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ସ୍ୱଦେଶଠାରୁ ହଜାର ହଜାର କିଲୋମିଟର ଦୂର ସୁଦୂର ମରୁଭୂମିର ସହରରେ ରହି ମଧ୍ୟ ନିଜ ମାଟିର ମହକ ଓ ସଂସ୍କୃତିକୁ ଉଜ୍ଜୀବିତ ରଖିଛନ୍ତି ପ୍ରବାସୀ ଓଡ଼ିଆ। ଏହି ପରିପ୍ରେକ୍ଷୀରେ ସାଉଦି ଆରବର ଦାମାମ ସହରରେ ଓଡ଼ିଶାର ପାରମ୍ପରିକ ଗଣପର୍ବ 'ରଜ' ଏବଂ ମୁସଲିମ ସମ୍ପ୍ରଦାୟର ପବିତ୍ର 'ଇଦ୍-ଉଲ୍-ଆଧା'ର ଏକ ଅଭୂତପୂର୍ବ ସମନ୍ୱୟ ଦେଖିବାକୁ ମିଳିଛି। ସ୍ଥାନୀୟ କଳିଙ୍ଗନ ସଂଘ ଆନୁକୂଲ୍ୟରେ ଆୟୋଜିତ ଏକ ସ୍ୱତନ୍ତ୍ର ମିଳନ ଉତ୍ସବରେ ପ୍ରବାସୀ ଓଡ଼ିଆମାନେ ଏକତ୍ରିତ ହୋଇ ଦୁଇ ଭିନ୍ନ ସଂସ୍କୃତିର ଏହି ମହାନ ପର୍ବକୁ ଅତି ଉତ୍ସାହର ସହ ପାଳନ କରିଛନ୍ତି। ଦାମାମର ଏକ ସୁସଜ୍ଜିତ ପ୍ରେକ୍ଷାଳୟରେ ଆୟୋଜିତ ଏହି ଭାଇଚାରାର ଉତ୍ସବ କିଛି ସମୟ ପାଇଁ ସେଠାରେ ଏକ କ୍ଷୁଦ୍ର ଓଡ଼ିଶାର ଭ୍ରମ ସୃଷ୍ଟି କରିଥିଲା, ଯେଉଁଠାରେ ରଜର ଆନନ୍ଦ ଏବଂ ଇଦ୍‌ର ସମ୍ପ୍ରୀତିର ବାର୍ତ୍ତା ଏକାଠି ପ୍ରତିଧ୍ୱନିତ ହୋଇଥିଲା। ବସୁଧୈବ କୁଟୁମ୍ବକମ୍ ଭାବନାକୁ ପାଥେୟ କରି ଆୟୋଜିତ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା ପ୍ରବାସରେ ରହି ମଧ୍ୟ ନିଜ ପରମ୍ପରାକୁ ବଞ୍ଚାଇବା ସହ ସମସ୍ତ ଧର୍ମ ପ୍ରତି ସମ୍ମାନ ପ୍ରଦର୍ଶନ କରିବା।

ଏହି ସାରସ୍ୱତ ତଥା ସାଂସ୍କୃତିକ ମହାମିଳନରେ ଓଡ଼ିଆ ଘରର ପରମ୍ପରା ଅନୁଯାୟୀ ରଙ୍ଗବେରଙ୍ଗର ପୋଷାକରେ ସଜ୍ଜିତ ହୋଇ ଓଡ଼ିଆ ମହିଳା ଓ ଝିଅମାନେ ରଜ ଦୋଳି ଖେଳିବା ସହ ପାରମ୍ପରିକ ରଜ ଗୀତ ଗାନ କରି ପରିବେଶକୁ ବେଶ୍ ଆମୋଦଦାୟକ କରିଥିଲେ। ଖାଦ୍ୟପେୟ କ୍ଷେତ୍ରରେ ମଧ୍ୟ ଓଡ଼ିଆ ଏବଂ ଆରବୀୟ ସ୍ୱାଦର ଏକ ମନୋହର ମିଶ୍ରଣ ଦେଖିବାକୁ ମିଳିଥିଲା। ଓଡ଼ିଶାର ପୋଡ଼ପିଠା, ମଣ୍ଡା, ଆରିସା, ଖଜା ଓ ଚକୁଳି ସାଙ୍ଗକୁ ଇଦ୍ ପର୍ବର ସ୍ୱାଦିଷ୍ଟ ବିରିୟାନୀ ସମସ୍ତଙ୍କୁ ଆପ୍ୟାୟିତ କରିଥିଲା। ଶେଷରେ ସମସ୍ତଙ୍କୁ ରଜ ପାନ ପ୍ରଦାନ କରାଯାଇ ଶୁଭେଚ୍ଛା ଜଣାଯାଇଥିଲା। ସେହିପରି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରବାସୀ ଓଡ଼ିଆ ପିଲାମାନେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିବା ବେଳେ ଇଦ୍‌କୁ ସମ୍ମାନ ଜଣାଇ ସୁଫି ସଙ୍ଗୀତ ଓ ଉର୍ଦ୍ଦୁ କବିତା ଆବୃତ୍ତି କରାଯାଇଥିଲା। ଏହି ନିଆରା କାର୍ଯ୍ୟକ୍ରମରେ ଦାମାମ, ଅଲ୍-ଖୋବର ଓ ଜୁବେଲ୍ ଅଞ୍ଚଳର ଶହ ଶହ ଓଡ଼ିଆଙ୍କ ସମେତ କିଛି ସ୍ଥାନୀୟ ସୌଦି ନାଗରିକ ଓ ଅଣ-ଓଡ଼ିଆ ବନ୍ଧୁ ମଧ୍ୟ ସାମିଲ ହୋଇଥିଲେ। ପ୍ରବାସରେ ବଢ଼ୁଥିବା ନୂଆ ପିଢ଼ିକୁ ନିଜର ମୂଳ ସଂସ୍କୃତି ଓ ଭାଷା ସହ ଯୋଡ଼ି ରଖିବା ପାଇଁ ଆଗକୁ ଏଭଳି ପ୍ରୟାସ ଜାରି ରହିବ ବୋଲି କଳିଙ୍ଗନ ସଂଘ ପକ୍ଷରୁ ପ୍ରକାଶ କରାଯାଇଛି।

## ପ୍ରଶାସନିକ ନେତୃତ୍ୱ ନିର୍ମାଣ ପାଇଁ ପତଞ୍ଜଳିର ଅଭିନବ ପ୍ରୟାସ

# ଶୁଭାରମ୍ଭ ହେଲା 'ପତଞ୍ଜଳି ସିଭିଲ୍ ସେବା ଏକାଡେମୀ'



**ହରିଦ୍ୱାର,୧୪।୬/ଏନ୍ଏନ୍ଏସ୍:** ଭାରତୀୟ ସଂସ୍କୃତି, ଆଧୁନିକ ବିଜ୍ଞାନ ଏବଂ ସେବା ମନୋଭାବରେ ଅନୁପ୍ରାଣିତ ପ୍ରଶାସନିକ ଅଧିକାରୀ ପ୍ରସ୍ତୁତ କରିବା ଲକ୍ଷ୍ୟରେ ପତଞ୍ଜଳି ପକ୍ଷରୁ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯାଇଛି। ଦେଶକୁ ଆଦର୍ଶ ପ୍ରଶାସକ ଭେଟିଦେବା ପାଇଁ 'ପତଞ୍ଜଳି ସିଭିଲ୍ ସେବା ଏକାଡେମୀ'ର ଶୁଭାରମ୍ଭ କରାଯାଇଛି। ପ୍ରାଚୀନ ଭାରତୀୟ ଜ୍ଞାନ ଓ ଆଧୁନିକ ପ୍ରଶାସନିକ ଆବଶ୍ୟକତାର ସମନ୍ୱୟରେ ଗଢ଼ାହେବାକୁ ଥିବା ଏହି ଅଭିନବ ପ୍ରୟାସ ଭାରତର ପ୍ରଶାସନିକ ବ୍ୟବସ୍ଥାକୁ ଏକ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ଆଶା କରାଯାଉଛି। କେବଳ ସଫଳ ଅଧିକାରୀ ନୁହେଁ, ବରଂ ଦେଶସେବାକୁ ସର୍ବୋଚ୍ଚ କର୍ତ୍ତବ୍ୟ ମଣୁଥିବା ଏକ କୋଟି ରାଷ୍ଟ୍ରନିଷ୍ଠ ସମର୍ପିତ ନାଗରିକ ନିର୍ମାଣ କରିବା ଏହି ଏକାଡେମୀର ମୂଳ ଲକ୍ଷ୍ୟ।

ଏହି ଅବସରରେ ଯୋଗଋଷି ସ୍ୱାମୀ ରାମଦେବ ଜୀ ଏହାକୁ ଶିକ୍ଷା କ୍ଷେତ୍ରରେ ଏକ ଐତିହାସିକ ଅବଦାନ ଭାବେ ଅଭିହିତ କରି କହିଛନ୍ତି ଯେ ଭାରତ ସମ୍ବିଧାନ ଦ୍ୱାରା ପରିଚାଳିତ ହେଉଥିଲେ ହେଁ ଆଇନର ସଫଳ ରୂପାୟନ ଅଧିକାରୀମାନଙ୍କ ଚରିତ୍ର ଉପରେ ନିର୍ଭର କରେ। ଶିକ୍ଷା ହିଁ ବ୍ୟକ୍ତିର ମନ, ଚରିତ୍ର ଓ ନେତୃତ୍ୱ ଗଠନ କରେ। ଏକାଡେମୀରେ ଆଧ୍ୟାତ୍ମିକ ଜ୍ଞାନ, ପ୍ରଶାସନିକ ଉତ୍କର୍ଷ ଓ ଶିକ୍ଷାଗତ ଶୃଙ୍ଖଳାର ଏକ ସ୍ୱତନ୍ତ୍ର 'ତ୍ରି-ଶିକ୍ଷା' ମଡେଲ୍ ଆପଣାଯାଇଛି, ଯାହା ବେଦର ତ୍ରିବେଣୀ ସଦୃଶ କାର୍ଯ୍ୟ କରିବ। ଏହାର ପାଠ୍ୟକ୍ରମ ରାଷ୍ଟ୍ରୀୟ ଶିକ୍ଷା ନୀତି ଏବଂ ଭାରତୀୟ ଜ୍ଞାନ ପରମ୍ପରା ଅନୁଯାୟୀ 'ବିରାସତ ଓ ବିଜ୍ଞାନ' ତଥା 'ବୋଧି ଓ ଶୋଧ' ସିଦ୍ଧାନ୍ତ ଉପରେ ଆଧାରିତ ହେବ। ଯୋଗ ଓ ପ୍ରାଣାୟାମ ମାଧ୍ୟମରେ ବିଦ୍ୟାର୍ଥୀଙ୍କ ଆତ୍ମବଳ ବୃଦ୍ଧି କରାଯାଇ ସେମାନଙ୍କୁ ପ୍ରଶାସନିକ ଦାୟିତ୍ୱ ପାଇଁ ପ୍ରସ୍ତୁତ କରାଯିବ। ଅପରପକ୍ଷରେ, ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ଶିକ୍ଷାବିତ୍ ଡାକ୍ତର ଏନ୍. ପି. ସିଂ କହିଛନ୍ତି ଯେ ବର୍ତ୍ତମାନର ପ୍ରଶାସନ ଉପନିବେଶବାଦୀ ଚିନ୍ତାଧାରାରୁ ମୁକ୍ତ ହେବା ଆବଶ୍ୟକ। ଶାସକ ନୁହେଁ, ବରଂ ଜନସେବକ ବା ଟ୍ରଷ୍ଟି ଭାବେ କାର୍ଯ୍ୟ କରିବା ଉଚିତ। ଏହି ଏକାଡେମୀ ଶୁକ୍ରନୀତି ଓ ସମ୍ବିଧାନର ମୂଳ ଭାବନାକୁ ଆଧାର କରି ଅଧିକାରୀଙ୍କ ମଧ୍ୟରେ ଲୋକକଲ୍ୟାଣର ଭାବନା ଜାଗ୍ରତ କରିବ।

ଦେଶର ପ୍ରତିଷ୍ଠିତ ଶିକ୍ଷାବିତ୍ ତଥା ପ୍ରଶାସନିକ ସେବା ମାର୍ଗଦର୍ଶକ ଅବଧ ଓଝା ଏହି ଏକାଡେମୀର ନେତୃତ୍ୱ ନେବେ। ବିଗତ ୨୫ ବର୍ଷ ମଧ୍ୟରେ ହଜାରରୁ ଅଧିକ ଆଇଏଏସ୍ ଓ ଆଇପିଏସ୍ ଅଧିକାରୀ ଗଢ଼ିବାରେ ସହାୟକ ହୋଇଥିବା ଅବଧ ଓଝା ଏକାଡେମୀର ପ୍ରାରମ୍ଭିକ ବିଶେଷ ସତ୍ରରେ ଇତିହାସ ଓ ପ୍ରେରଣା ବିଷୟରେ ମାର୍ଗଦର୍ଶନ ଦେବେ। ସେ ପ୍ରକାଶ କରିଛନ୍ତି ଯେ କେବଳ ତଥ୍ୟ ପ୍ରଦାନ ନୁହେଁ, ବିଦ୍ୟାର୍ଥୀଙ୍କ ବିବେକ, ଚିନ୍ତନ କ୍ଷମତା ଓ ବ୍ୟବହାରିକ ବୁଦ୍ଧିମତ୍ତାର ବିକାଶ କରିବା ଏହି ଏକାଡେମୀର ମୁଖ୍ୟ ଉଦ୍ଦେଶ୍ୟ ହେବ। ଏଥିପାଇଁ ଦିଲ୍ଲୀ ସମେତ ଦେଶର ବିଭିନ୍ନ ପ୍ରମୁଖ ଶିକ୍ଷା କେନ୍ଦ୍ରର ଶ୍ରେଷ୍ଠ ଶିକ୍ଷକମାନଙ୍କ ସହଯୋଗ ନିଆଯିବ। ପତଞ୍ଜଳି ବିଶ୍ୱବିଦ୍ୟାଳୟ ପରିସରରେ ଅବସ୍ଥିତ ଏହି ଏକାଡେମୀ ସମ୍ପୂର୍ଣ୍ଣ ଆବାସିକ ଓ ସାତ୍ତ୍ୱିକ ବାତାବରଣ ମଧ୍ୟରେ ବିଦ୍ୟାର୍ଥୀଙ୍କ ସାମଗ୍ରିକ ବିକାଶ କରିବ। ବିଶ୍ୱସ୍ତରୀୟ ଭିତ୍ତିଭୂମି, ଆନ୍ତର୍ଜାତୀୟ କ୍ରୀଡ଼ା ସୁବିଧା ଏବଂ ଆଧୁନିକ ଶିକ୍ଷା ସମ୍ବଳରେ ସଜ୍ଜିତ ଏହି ଅନୁଷ୍ଠାନ ମାନସିକ ଓ ଆଧ୍ୟାତ୍ମିକ ଭାବେ ସନ୍ତୁଳିତ ଅଧିକାରୀ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛି। ଏଥିସହ ମେଧାବୀ ଛାତ୍ରଛାତ୍ରୀଙ୍କ ପାଇଁ ବୃତ୍ତି ଏବଂ ସ୍ୱତନ୍ତ୍ର ପୁରସ୍କାରର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଡିନ୍ ପୂଜ୍ୟ ସାଧ୍ୱୀ ଦେବପ୍ରିୟା ଜୀ, ପ୍ରୋ-ଭାଇସ୍ ଚାନ୍ସଲର ମୟଙ୍କ ଅଗ୍ରୱାଲ ଏବଂ ରେଜିଷ୍ଟ୍ରାର୍ ସକ୍ସେନା ଜୀଙ୍କ ସମେତ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ରହି ଏହି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ।

# ବିଶ୍ୱ ଓଡ଼ିଆ ପରିବାର ପାଳିଲା ରଜ ମହୋତ୍ସବ

**ଭୁବନେଶ୍ୱର,୧୪।୬/ଏନ୍ଏନ୍ଏସ୍:** ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ରାଜ୍ୟ ସଂଗ୍ରହାଳୟଠାରେ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ଯୋଗ ଦେଇ ପ୍ରକୃତି ଓ ସଂସ୍କୃତି ସମନ୍ୱୟର ପର୍ବ ରଜ ସମ୍ପର୍କରେ ଉଦ୍‌ବୋଧନ ଦେଇ ଗାଁରୁ ସହର ଦୂରତା କମିଗଲାଣି ଓ ରଜ ସହରାଞ୍ଚଳରେ ମଧ୍ୟ ଧୁମ୍‌ଧାମ୍‌ରେ ପାଳନ ହେଉଛି ବୋଲି କହିଥିଲେ।

ସମ୍ମାନିତ ଅତିଥି ଓଡ଼ିଶା ଅଲମ୍ପିକ୍ସ ଆସୋସିଏସନ୍‌ର ସଭାପତି ସମୀର ମହାନ୍ତି, ଜଗନ୍ନାଥ ପ୍ରଧାନ ଉପସ୍ଥିତ ଥିବା ବେଳେ ମଞ୍ଚ ପରିଚାଳନା ଡା.ପ୍ରୀତି ପ୍ରତିମା ଭୋଳ ଓ ମନୋରଞ୍ଜନ ଷଡ଼ଙ୍ଗୀ କରିଥିଲେ। ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ସଜ୍ଜନ ଶର୍ମା ସଭାପତିତ୍ୱ କାର୍ଯ୍ୟ ତୁଲାଇଥିଲେ। ସମୟର ପରିଚାଳନା ନିର୍ଦ୍ଦେଶକ ଅନିତା ମହାନ୍ତି, ଶିଳ୍ପପତି ସସ୍ମିତା ସୂତାର, ଶବ ଦାହାକ୍ ରଞ୍ଜନା ଦେଇ, ପର୍ବତ ଆରୋହୀ ବିବରଣୀ ପତ୍ର ଓ କବୟିତ୍ରୀ ବିଜୟାଲକ୍ଷ୍ମୀ ପଟ୍ଟନାୟକ ଓ କୃତି ମହିଳାମାନଙ୍କୁ ସମ୍ମାନିତ କରାଯାଇ ଥିଲା। ଏହି ପରିପ୍ରେକ୍ଷୀରେ କୁନି କୁନି ଝିଅମାନଙ୍କ ଦ୍ୱାରା ରଜ ସଜବାଜ, କନ୍ୟା ପୂଜନ, ଚିତ୍ରାଙ୍କନ ତଥା ମହିଳାମାନଙ୍କୁ ନେଇ ଭବ୍ୟ ପୁଚି ଓ ହୁଳହୁଳିର ଆସର ଦେଖିବାକୁ ମିଳିଥିଲା। ଶେଷରେ କବି ସମ୍ମିଳନୀ ଓ ରଜ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଣ୍ଠ ଶିଳ୍ପୀ ସୁସ୍ମିତା ଦାସ ଅତିଥି ଭାବେ ଯୋଗଦେଇ ପୁରାତନ ସଙ୍ଗୀତ ଗାନ କରି ଦର୍ଶକମାନଙ୍କୁ ବିମୋହିତ କରିଥିଲେ। ଶେଷରେ ମନୋରଞ୍ଜନ ପାଣିଗ୍ରାହୀ, ପୂର୍ବତନ ସଂସ୍କୃତି ସଚିବ, ପ୍ରକୃତି ଓ ସଂସ୍କୃତି ସମନ୍ୱୟର ପର୍ବ ରଜ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ସମସ୍ତ କବି ଓ କବୟିତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। କାଳନ୍ଦୀ ସାମଲ, ପ୍ରତାପ ପାଣି, ସଙ୍ଗୀତା ଦାଶ, ଅଞ୍ଜନ କୁମାର ଦେବତା, କୃପାସିନ୍ଧୁ ମହାନ୍ତି, କୁଳମଣି ରାଉତ, ଲକ୍ଷ୍ମଣ ପାଲ୍, ସାଧୁ ଚରଣ ବେହେରା, ରାକେଶ ପାଢ଼ୀ, ଅକ୍ଷୟ କୁମାର ବଳିୟାରସିଂହ, ସଂଗ୍ରାମ ସ୍ୱାଇଁ, ଗୀତା ରାଣୀ ବେହେରା, ସୁବ୍ରତ କିଶୋର ନାୟକ, ତ୍ରିଗୁଣ ଦାସ ମହାପାତ୍ର, ସୁଜିତ ଦାସ, ଭବାନୀ ମିଶ୍ର, ରଜମିତ୍ରା ପ୍ରହରାଜ, ଆରତୀ ମିଶ୍ର ଓ ସୁରେଶ ସାହୁ ପ୍ରମୁଖ ଏହି ସଭାରେ ଉପସ୍ଥିତ ଥିଲେ।

# ଆଜିର ଇତିହାସ

- ୧୯୦୮-କୋଲ୍‌କାତା ସେୟାର୍ ବଜାରର ଆରମ୍ଭ ହୋଇଥିଲା।
- ୧୯୪୭-ଅଖିଳ ଭାରତୀୟ କଂଗ୍ରେସ ଦେଶର ବିଭାଜନ ପାଇଁ ବ୍ରିଟିଶ ଯୋଜନାକୁ ସ୍ୱୀକାର କଲେ।
- ୧୯୫୦-ଉଦ୍ୟୋଗପତି ଲକ୍ଷ୍ମୀ ମିତ୍ତଲଙ୍କ ଜନ୍ମଦିନ।
- ୧୯୬୦-ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟର ସ୍ଥାପନା ହୋଇଥିଲା।
- ୨୦୦୬-ଭାରତ ଓ ଚୀନ୍‌ରେ ପୁରୁଣା ସିଲ୍‌କ ରୁଟ୍ ଖୋଲିବାର ନିର୍ଣ୍ଣୟ ନିଆଗଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ:** ବୌଦ୍ଧିକ ବିକାଶ ହେବ। ସର୍ବାର୍ଥସିଦ୍ଧି ଯୋଗର ପ୍ରଭାବ ରହିଛି। ନୂଆ ପ୍ରୋଜେକ୍ଟ ଲଞ୍ଚ କରିବେ। କୌଣସି ସିନିଅର ଗାଇଡ୍ କରିବେ। ଅଫିସ୍‌ରେ ନୂଆ ନୂଆ ଜିନିଷ ଦେଖିବାକୁ ପାଇବେ।

**ବୃଷ:** ନୂଆ ସମ୍ପର୍କର କ୍ଷତି ହୋଇପାରେ। ଅଚାନକ କୌଣସି ସକ୍ ହୋଇପାରେ। କ୍ୟାରିୟର୍‌କୁ ନେଇ ମନରେ ନିରାଶା ଆସିପାରେ। ସ୍ୱାସ୍ଥ୍ୟ ପାଇଁ ଧ୍ୟାନ, ଯୋଗ ଓ ପ୍ରାଣାୟାମ ପାଇଁ ସମୟ ବାହାର କରିବେ।

**ମିଥୁନ:** ବ୍ୟାପାରରେ ନୂଆ ଅର୍ଡର୍ସ ମିଳିବ। ବଜାରରେ ଲୟାଲ୍ଟି ବଢ଼ିବ। ବଡ଼ କର୍ପୋରେଟ୍ କ୍ଲାଏଣ୍ଟ ହାତରେ ଲାଗିବେ। କାର୍ଯ୍ୟସ୍ଥଳରେ ମନରେ ସକାରାତ୍ମକ ବିଚାର ଆସିବ। ମାନସିକ ଶାନ୍ତି ପାଇବେ।

**କର୍କଟ:** ରାଜନୈତିକ ଉନ୍ନତି ହେବ। ନୂଆ କମ୍ପାନୀ ସହିତ ଟାଇ-ଅପ୍ ହୋଇପାରେ। ଛାତ୍ରଛାତ୍ରୀମାନେ ନିଜର ଇଚ୍ଛାଶକ୍ତି ଦ୍ୱାରା ଭାଗ୍ୟ ପରିବର୍ତ୍ତନ କରିପାରନ୍ତି। ଅଚାନକ ଧନ ପ୍ରାପ୍ତି ଯୋଗ ଅଛି।

**ସିଂହ:** ଆଧ୍ୟାତ୍ମ ଓ ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ରହିବ। ନୂଆ ଷ୍ଟାର୍ଟଅପ୍ ଆରମ୍ଭ କରିବାର ସଠିକ୍ ଦିନ। କାର୍ଯ୍ୟସ୍ଥଳରେ ଗୁରୁତ୍ୱ ବଢ଼ିବ। ନିବେଶ କରିବା ପୂର୍ବରୁ ଚିନ୍ତା କରନ୍ତୁ। ଖର୍ଚ୍ଚ ଉପରେ କାବୁ ରଖିବେ।

**କନ୍ୟା:** ସମ୍ପର୍କୀୟଙ୍କ ସହିତ ତର୍କ ହୋଇପାରେ। କାର୍ଯ୍ୟସ୍ଥଳ ଆହ୍ୱାନପୂର୍ଣ୍ଣ ରହିବ। ଭାବୁକ ହେବା ପରିବର୍ତ୍ତେ ସ୍କିଲ୍ସକୁ ଅପଗ୍ରେଡ୍ କରନ୍ତୁ। ଯୋଗ ଓ ଧ୍ୟାନ ଉପରେ ଗୁରୁତ୍ୱ ଦେବେ। ଦୃଷ୍ଟିକୋଣ ଦ୍ୱାରା ପରିବର୍ତ୍ତନ ଆଣିବେ।

**ତୁଳା:** ଜୀବନସାଥୀଙ୍କ ସହିତ ସମ୍ପର୍କରେ ନୂଆପଣ ଓ ମଧୁରତା ଆସିବ। କମ୍ପାନୀ ମାମଲାରେ ବିଳୟ କରିବା ଚିନ୍ତା କରିପାରନ୍ତି। କଠିନ ପରିଶ୍ରମ କରି ସନ୍ତୁଷ୍ଟ ରହିବେ। ଏକାକୀପଣ ଓ ଉଦାସୀ ଅନୁଭବ କରିବେ।

**ବିଛା:** ପୁରୁଣା ମାନସିକ ଚାପ ଦୂର ହେବ। ବ୍ୟବସାୟ ଡିଲ୍ ଫାଇନାଲ୍ ହୋଇପାରେ। ଜିମ୍‌ରେ ଆଘାତପ୍ରାପ୍ତ ହୋଇପାରନ୍ତି। କର୍ମଜୀବୀ ମହିଳାମାନେ ନିଜକୁ ସନ୍ତୁଳିତ କରି ରଖିବେ।

**ଧନୁ:** ଧନ ଲାଭ ହେବାର ଯୋଗ ରହିଛି। ଜୀବନର ଏକ ନୂଆ ଆରମ୍ଭ ହୋଇପାରେ। ବ୍ୟାପାରୀମାନଙ୍କ ପାଇଁ ଦିନଟି ଖୁବ୍ ଭଲ। ସଫଳତା ମିଳିପାରେ। ଆମଦାନୀ ତୁଳନାରେ ଖର୍ଚ୍ଚ ଅଧିକ ହେବ।

**ମକର:** ପାରିବାରିକ ସୁଖ-ସୁବିଧାର ଅଭାବ ଦେଖାଦେବ। ବେରୋଜଗାରୀଙ୍କୁ ରୋଜଗାର ମିଳିପାରେ। ବ୍ୟବସାୟରେ ବୈଚାରିକ ମତଭେଦ ଦେଖାଦେବ। ଭାବନାତ୍ମକ ଓ ଶାରୀରିକ ସୁସ୍ଥତା ଅନୁଭବ କରିବେ।

**କୁମ୍ଭ:** ସାହସ ଓ ପରାକ୍ରମ ବୃଦ୍ଧି ହେବ। ସମ୍ପତ୍ତି ସହିତ ଜଡ଼ିତ ବିବାଦର ସମାଧାନ ହେବ। ସୁଖ-ଶାନ୍ତି ବଜାୟ ରହିବ। ୱର୍କପ୍ଲେସ୍‌ରେ ଅନ୍ୟର ସହଯୋଗ ଦ୍ୱାରା ସମସ୍ତ କାର୍ଯ୍ୟ ପୂରା ହେବ।

**ମୀନ:** ଆର୍ଥିକ ସ୍ଥିତି ଖୁବ୍ ଭଲ ରହିବ। ବିବାହ ପାଇଁ ମନପସନ୍ଦ ସମ୍ପର୍କ ଆସିବ। ମାନ-ସମ୍ମାନ ବୃଦ୍ଧି ହେବ। ନୂଆ ନିବେଶ କରିବା ଶୁଭ ରହିବ। ଅଟକିଥିବା ଅର୍ଥ ଫେରି ପାଇବେ।



**ଜ୍ଞାନଂ ଜ୍ଞେୟଂ ପରିଜ୍ଞାତା ତ୍ରିବିଧା କର୍ମଚୋଦନା।
କରଣଂ କର୍ମ କର୍ତ୍ତେତି ତ୍ରିବିଧଃ କର୍ମସଂଗ୍ରହଃ। (୧୮/୧୮)**

ଜ୍ଞାନ, ଜ୍ଞେୟ ଓ ପରିଜ୍ଞାତା ଏହି ତିନୋଟି ପ୍ରକୃତିର ହେତୁ ଏବଂ କରଣ। ଏହି ତିନୋଟି ମଧ୍ୟ କର୍ମ ସଂଗ୍ରହ ବା କ୍ରିୟାର ଆଶ୍ରୟ। କର୍ମଚେଦନା, କର୍ମାଶ୍ରୟ ଓ କର୍ମଫଳାଦି ହେଉଛି ତ୍ରିଗୁଣାତ୍ମକ ବିଷୟ, ନିର୍ଗୁଣ ଆତ୍ମାଙ୍କର ଏହା ସହିତ କୌଣସି ସମ୍ବନ୍ଧ ନଥାଏ। ଯିଏ ଆତ୍ମଜ୍ଞ ବା ତ୍ରିଗୁଣତୀତ ତାଙ୍କର ବି ତ୍ରିଗୁଣାତ୍ମକ ବିଷୟରେ ସମ୍ପର୍କ ନଥାଏ। ତେଣୁ ଏଠାରେ ସେହି କର୍ମଚେଦନା ବା କର୍ମ ପ୍ରଭୃତିର କାରଣ ଏବଂ କର୍ମସଂଗ୍ରହ ବା କର୍ମର ଆଶ୍ରୟ କ'ଣ ତାହା ଏଠାରେ ଭଗବାନ କହୁଛନ୍ତି।

# ସଂକ୍ରାନ୍ତି ପୁରୁଷ



ଏ ଦେଶର ସାମାଜିକ ଜୀବନର ଘଡ଼ିସନ୍ଧି ସମୟରେ ଫକୀର ମୋହନ ସେନାପତିଙ୍କର ହୋଇଥିଲା ଆଗମନ। ତାଙ୍କ ଜୀବନକାଳ ଭିତରେ ଉତ୍କଳୀୟ ସମାଜର ଯେଉଁ କ୍ରମବିବର୍ତ୍ତନ ଘଟିଥିଲା, ସେଗୁଡ଼ିକୁ ସେ ଲକ୍ଷ୍ୟ କରିଥିଲେ। ତେଣୁ ତାଙ୍କ ରଚନାରେ ସାମାଜିକ ପରିବେଶ ଓ ଓଡ଼ିଶାର ସାମାଜିକ ଚିତ୍ର ଦେଖିବାକୁ ମିଳେ। ସର୍ବୋପରି ମାତୃଭାଷା ପାଇଁ ତାଙ୍କର ମୋହ ଓ ଜାତୀୟ ଚେତନା ନାନା ଭାବରେ ତାଙ୍କର ସମଗ୍ର କୃତୀଗୁଡ଼ିକରେ ସ୍ଥାନ ପାଇଛି। ଓଡ଼ିଶାର ଲୋକେ ଉନ୍ନତ, ମହାନ ଓ ଆଲୋକଦୀପ୍ତ ହୁଅନ୍ତୁ, ଓଡ଼ିଆ ଭାଷା ଓ ସାହିତ୍ୟ ସମୃଦ୍ଧ ହେଉ, ଏହାହିଁ ଥିଲା ତାଙ୍କ ଜୀବନର ଆଶା ଓ ଆକାଂକ୍ଷା। ଓଡ଼ିଆ କଥା-ସାହିତ୍ୟର ଜାଗ୍ରତ ପ୍ରହରୀ ବ୍ୟାସକବି ଫକୀର ମୋହନଙ୍କ ଆବିର୍ଭାବ ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସରେ ଏକ ଗୌରବମୟ ଅଧ୍ୟାୟ। ଓଡ଼ିଆ ସାହିତ୍ୟକୁ ତାଙ୍କର ଥିଲା ଅନନ୍ୟ ଦାନ। ନିଜ ଲେଖନୀ ମୁନରେ ସେ ଓଡ଼ିଆ ଭାଷାକୁ ଜୀବନ୍ତ କରି ଗଢ଼ି ତୋଳିଥିଲେ। ଓଡ଼ିଆ ଉପନ୍ୟାସର ଜନକ ଭାବରେ ତାଙ୍କର ପରିଚୟ ରହିଛି। କାରଣ ଏକାଧାରରେ ସେ ଥିଲେ ଜଣେ ଔପନ୍ୟାସିକ, କବି, ଗାଳ୍ପିକ, ପ୍ରାବନ୍ଧିକ, ଅନୁବାଦକ, ଆତ୍ମ-ଜୀବନୀକାର, ଭ୍ରମଣ ବୃତ୍ତାନ୍ତ ଲେଖକ, ଶିଶୁ ସାହିତ୍ୟିକ ଏବଂ ପରିଶେଷରେ ସେ ଥିଲେ ଜଣେ ଦୂରଦ୍ରଷ୍ଟାସମ୍ପନ୍ନ ସମାଜ ସଚେତନ ଶିଳ୍ପୀ। ଭାବପ୍ରାଣ ଓ ଜାତିପ୍ରାଣ ଯୋଗଜନ୍ମା ଫକୀର ମୋହନ ଓଡ଼ିଆ ଜାତିର ଦୁର୍ଦ୍ଦିନ କାଳରେ ଓ ଜାତିକୁ ମାର୍ଗଦର୍ଶନ ଦେଇପାରିଥିଲେ। ତାଙ୍କର ସୃଷ୍ଟି-ପ୍ରତିଭାର ଚମତ୍କାରିତା ତାଙ୍କର ଚାରୋଟି ଉପନ୍ୟାସ। ଉପନ୍ୟାସ 'ଛ ମାଣ ଆଠଗୁଣ୍ଠ' ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଏକ ନୂତନ କ୍ରାନ୍ତି। ଓଡ଼ିଶାର ବହୁ କବି ଓ ସମାଲୋଚକ ବିଭିନ୍ନ ଦୃଷ୍ଟିକୋଣରୁ ତାଙ୍କ ସାହିତ୍ୟ ଓ ତାଙ୍କ ବ୍ୟକ୍ତିତ୍ୱର ଉଚିତ ମୂଲ୍ୟାଙ୍କନ କରିଛନ୍ତି। ସାହିତ୍ୟର ସମସ୍ତ ଦିଗରେ ତାଙ୍କର ଲେଖନୀ ଚାଳନା ନିଶ୍ଚିତ ଭାବରେ ପ୍ରଶଂସନୀୟ। ସଂକ୍ରାନ୍ତି ଦିନ ଜନ୍ମ ଓ ସଂକ୍ରାନ୍ତି ଦିନ ମୃତ୍ୟୁବରଣ କରିଥିବା ଏହି ଓଡ଼ିଆ ଭାଷା ଆନ୍ଦୋଳନର ପୁରୋଧାଙ୍କୁ 'ସଂକ୍ରାନ୍ତି ପୁରୁଷ' ବୋଲି କୁହାଯାଏ।



# ରଜ ପର୍ବ

ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ତିନିଦିନ ଧରି ପାଳନ କରାଯାଏ ରଜ ପର୍ବ। ଏହା ଓଡ଼ିଶାର ଏକ ପାରମ୍ପରିକ ଗଣପର୍ବ। ଏହାର ଦ୍ୱିତୀୟ ଦିନରେ ମିଥୁନ ମାସର ଆରମ୍ଭ ହୁଏ ଓ ଏହା ସହିତ ଆରମ୍ଭ ହୁଏ ବର୍ଷା ଋତୁ। ରଜ ପର୍ବର ପ୍ରଥମ ଦିନ ପହିଲି ରଜ, ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତି, ତୃତୀୟ ଦିନ ହେଉଛି ଭୂମିଦାହ ବା ଭୂମି ଦହନ, ଚତୁର୍ଥ ଦିନ ବା ଶେଷ ଦିବସ ହେଉଛି ବସୁମତି ସ୍ନାନ। ଏହି ପର୍ବ ଚାଷର ଆରମ୍ଭକୁ ସୂଚାଇ ଥାଏ। ରଜ ଶବ୍ଦର ଆକ୍ଷରିକ ଅର୍ଥ ରଜବତୀ ହେବା ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ରଜସ୍ୱଳା ହେବାର ଓ ନୂଆ ଶସ୍ୟ ଉତ୍ପାଦନ ହେବାର ସାଙ୍କେତିକ ଭାବ ବହନ କରେ। ଏହି ଦିନଗୁଡିକରେ ଚାଷୀମାନେ ବସୁମତୀ ତଥା ହଳଲଙ୍ଗଳ ପୂଜନ କରିବା ସହ ଚାଷ କାର୍ଯ୍ୟରୁ ତିନିଦିନ ପାଇଁ ବିରତି ନେଇଥାନ୍ତି। ରଜରେ ପୋଡ଼ପିଠା ଓ ପାନଖିଆ ସହ ଝିଅମାନଙ୍କର ରଜ ଦୋଳି ଓ ପୁଚି ଖେଳରେ ପୁରପଲ୍ଲୀରେ ଆନନ୍ଦର ପରିବେଶ ଦେଖିବାକୁ ମିଳେ। ଏହା ସହିତ ପୁଅମାନଙ୍କର ଲୁଡୁ, ତାସ୍, ବାଗୁଡି ଖେଳ ଆଦି ଏହି ଦିନଗୁଡିକରେ ଦେଖିବାକୁ ମିଳେ। କୃଷିପ୍ରଧାନ ଦେଶ ଭାବେ ଖ୍ୟାତି ଲାଭ କରିଥିବା ଆମ ଦେଶରେ ମାଟି ମା' ବହୁ କିସମର ଫସଲ ଫଳାଇଥାଏ। ମା'ଟିଏ ଯେପରି ପ୍ରଜନନ ପୂର୍ବରୁ ବିଶ୍ରାମ ଆବଶ୍ୟକ କରେ, ସେହିପରି ପ୍ରଜନନକ୍ଷମ ହେବାକୁ ଯାଉଥିବା ମାଟି ମା'କୁ ରଜ ତିନି ଦିନ ବିଶ୍ରାମ ଦିଆଯାଏ ବୋଲି ସାଧାରଣରେ ବିଶ୍ୱାସ ରହିଛି।

# ରଜ ମଉଜ

**ପିଠା, ମିଠା, ସୁସ୍ୱାଦୁ ବ୍ୟଞ୍ଜନ ଓ ମିଠା ପାନର ମଜା ସହିତ ଓଡ଼ିଶାବାସୀ ପାଳନ କରୁଛନ୍ତି ରଜ ପର୍ବ। ଓଡ଼ିଶାର ପାରମ୍ପରିକ ପର୍ବ ରଜ ଏକ କୃଷିଭିତ୍ତିକ ପର୍ବ, ନାରୀ ଜାତି ପ୍ରତି ସମ୍ମାନବୋଧର ଏକ ପର୍ବ। ପିଠାପଣା, ଦୋଳି ଖେଳ, ଘର ଘର ମଧ୍ୟରେ ପଡ଼ୋଶୀଙ୍କ ପିଠା ଦିଆନିଆ ଓ ଆନନ୍ଦ ବିତରଣର ମାହୋଲକୁ ଦେଖିଲେ ମନେହୁଏ ରଜ ଆମ ଜୀବନର ଏକ ଅନନ୍ୟ ଉତ୍ସବ। ଏହି ଉତ୍ସବର ବିଭିନ୍ନ ଦିଗ, ବିଧି ତଥା ପିଠାପଣା ସମ୍ପର୍କରେ କିଛି ତଥ୍ୟ ବିଷୟରେ ଜାଣିବା।**



**ରଜପିଠା-** ଓଡ଼ିଆ ଘରର ଯେ କୌଣସି ପର୍ବର ଅର୍ଥ ପିଠାର ଆସର। କିନ୍ତୁ ଅନ୍ୟ ପର୍ବପର୍ବାଣି ଅପେକ୍ଷା ରଜପର୍ବରେ ତିଆରି ପିଠା ସମସ୍ତଙ୍କର ପ୍ରିୟ ବ୍ୟଞ୍ଜନ ହୋଇଥାଏ। ନଡ଼ିଆ ପୁରଦିଆ ପିଠା, ପୋଡ଼ପିଠା ରଜରେ ଗ୍ରହଣ କରିଥାଏ ମୁଖ୍ୟ ସ୍ଥାନ। କାରଣ ପୋଡ଼ପିଠା ଭଗବାନ ଶ୍ରୀ ଜଗନ୍ନାଥଙ୍କ ଛପନ ଭୋଗରେ ସ୍ଥାନ ପାଇଛି। ତେଣୁ ପୋଡ଼ପିଠାକୁ ତିନିଦିନ ଧରି ଖିଆଯାଏ।



**ରଜପାନ-** ରଜରେ ମିଠା ପାନ ଖାଇବାର ରହିଛି ପୁରୁଣା ପରମ୍ପରା। ପ୍ରୀତିର ବନ୍ଧନ ହେଉଛି ପାନ। ପ୍ରୀତି, ପ୍ରେମ, ବନ୍ଧୁତାର ଛଅ ଲକ୍ଷଣ ଏ ଦେଶରେ ନିର୍ଦ୍ଧାରିତ କରାଯାଇଛି। ଦିଏ, ନିଏ, ଖାଏ, ଖୁଆଏ, ଗୋପନ କଥା କହେ ଓ ପଚାରେ-ଏ ଛଅଟି ହେଉଛି ଆନ୍ତରିକତା ଓ ନିବିଡ଼ତାର କଥା। ଭୋଜନ ଶେଷରେ ପାନ ବା ତାମ୍ବୁଲ ସେବା ପରେ ବଡ଼ଠାକୁର ନିଦ୍ରା ଯାଆନ୍ତି। ରଜ ସହିତ ପାନ ଯୋଡ଼ିହେବା ପଛରେ କଥା ଅଛି ଏହା ବନ୍ଧୁତାର ଡ଼ୋରିକୁ ସୁଦୃଢ଼ କରିବ। ତେବେ ପାନରସରେ ବହୁ ପରିମାଣରେ ଅମ୍ଳ, ଧାତବ ଲବଣ ଓ ଜୀବନିକା ରହିଥାଏ।



**ରଜ ଗୀତ-** ବନସ୍ତେ ଡ଼ାକିଲା ଗଜ। ବରଷକେ ଥରେ ଆସିଛି ରଜ। ଆସିଛି ରଜ ଲୋ ଘେନି ନୂଆ ସଜବାଜ।
ପଣସ ପାଚିଲା ବନେ। ବନ ପୋଡ଼ିଗଲେ ଦୁନିଆ ଜାଣେ। ଦୁନିଆ ଜାଣେ ଲୋ, ମନ କଥା କିଏ ଜାଣେ।
ରାଶିରୁ ଛାଡ଼ିଲା ଚୋପା। ଗୋଡ଼ରେ ନାଇଛୁ ସରୁ ଅଳତା, ସରୁ ଅଳତା ଲୋ କାଲି ଯିବୁ କଲିକତା।

**ରଜ ଆସିଲେ ଏସବୁ ଗୀତ ମନେପଡ଼ିଯାଏ। ଗାଁର ଆମ୍ବତୋଟା ଓ ବରଗଛ ଡ଼ାଳରେ ଲାଗିଥିବା ଦୋଳିରେ ଦୋଳି ଖେଳି ଝିଅମାନେ ଏହି ଗୀତ ଗାଇ କରନ୍ତି ମଉଜ। ଏବେ ସମୟ ଚକ୍ରରେ ହଜିଗଲାଣି ଏହିସବୁ ଗୀତ। ଆଜିର ସମୟରେ ଗାଁଗୁଡ଼ିକରେ ଯଦି ବି ଦୋଳି ଲାଗୁଛି, କିନ୍ତୁ ଆଉ ଶୁଭୁନି ଏହି ରଜ ଗୀତ।**

# ଚର୍ଚ୍ଚାରେ ବେଦାଙ୍ଗଙ୍କ ଆଗାମୀ ଫିଲ୍ମ

ବଲିଉଡ୍‌ରେ ଏ ସମୟରେ ନୂଆ ଯୋଡ଼ି ଓ ନୂଆ କାହାଣୀଗୁଡ଼ିକୁ ନେଇ ଦର୍ଶକମାନଙ୍କ ମଧ୍ୟରେ ଖୁବ୍ ଉତ୍ସାହ ଦେଖିବାକୁ ମିଳୁଛି। ଏହା ମଧ୍ୟରେ ଅଭିନେତା ବେଦାଙ୍ଗ ରୈନାଙ୍କ ଆଗାମୀ ଫିଲ୍ମକୁ ନେଇ ଆସିଛି ଏକ ନୂଆ ଖବର ଫିଲ୍ମର ଷ୍ଟାର୍‌କାଷ୍ଟକୁ ନେଇ। କୁହାଯାଉଛି ଯେ ଫିଲ୍ମରେ ରୋମାନ୍ସ, କମେଡି ଓ ମିଷ୍ଟ୍ରିର ତଡ଼କା ଦେଖିବାକୁ ମିଳିବ। ଏ ପର୍ଯ୍ୟନ୍ତ ଚର୍ଚ୍ଚା ହେଉଥିଲା ଯେ ବେଦାଙ୍ଗଙ୍କ ସହିତ ନାଓମିକା ସରନ ନଜର ଆସିବେ କିନ୍ତୁ ଆଉ ଏକ ଖବର ଅନୁସାରେ ଫିଲ୍ମରେ ଆଉ ଜଣେ ନୂଆ ଅଭିନେତ୍ରୀ ପ୍ରଗତି ଶ୍ରୀବାସ୍ତବଙ୍କର ଏଣ୍ଟ୍ରି ହୋଇଛି। ତେବେ ଫିଲ୍ମର କାହାଣୀରେ ରହିଛି ରୋମାନ୍ସ, କମେଡି ଓ ରହସ୍ୟ। ଏଥିରେ ଦୁଇ ଅଭିନେତ୍ରୀଙ୍କର ରହିଛି ମହତ୍ତ୍ୱପୂର୍ଣ୍ଣ ଭୂମିକା। ସୂତ୍ର ଅନୁସାରେ ଫିଲ୍ମର ନାମ କ'ଣ ରଖାଯିବ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇ ନାହିଁ। ଫିଲ୍ମର ପ୍ରଡକ୍ସନ୍ ମ୍ୟାଡକ୍ ଫିଲ୍ମସ୍ କରୁଛି ଓ ଏହାର ନିର୍ଦ୍ଦେଶନା ଭାର ଉଠାଇଛନ୍ତି ଜଗଦୀପ୍ ସିଦ୍ଧୁ। ତେବେ ଫିଲ୍ମର କାହାଣୀକୁ ନେଇ ବହୁତ ବେଶୀ ତଥ୍ୟ ମିଳିନଥିଲେ ମଧ୍ୟ ଏଥିରେ ପ୍ରେମ କାହାଣୀ ଦେଖିବାକୁ ମିଳିବ ଯେଉଁଥିରେ ରହିବ କେତେକ ରୋମାଞ୍ଚକ ମୋଡ଼। ପ୍ରଗତି ଶ୍ରୀବାସ୍ତବଙ୍କ ଚରିତ୍ରଟି ଫିଲ୍ମର କାହାଣୀକୁ ଆଗକୁ ନେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଓ ବେଦାଙ୍ଗ ରୈନାଙ୍କ ଚରିତ୍ରର ଜୀବନରେ ଦୁଇଟି ଅଲଗା ଅଲଗା ପ୍ରେମ ସମ୍ପର୍କ ଦେଖିବାକୁ ମିଳିବ। କୁହାଯାଉଛି ଯେ ଫିଲ୍ମର ଅଧିକାଂଶ ସୁଟିଂ ପୂରା ହୋଇସାରିଛି କେବଳ କିଛି ଦିନର କାମ ବାକି ରହିଛି। ତେବେ ଫିଲ୍ମଟି ଏ ବର୍ଷର ଶେଷ ଆଡ଼କୁ ରିଲିଜ ହୋଇପାରେ।



# ବିଶ୍ୱ ପବନ ଦିବସ



ପ୍ରଥମେ ପବନ ବା ବାୟୁର ଉପଯୋଗ ମୁଖ୍ୟତଃ ଜାହାଜଗୁଡ଼ିକୁ ଚଲେଇବା, ଶସ୍ୟକୁ ପେଷିବା ଓ ପାଣି ପମ୍ପର ବ୍ୟବହାର କରିବା ପାଇଁ କରାଯାଉଥିଲା। ଆଜି ବାୟୁ ବା ୱିଣ୍ଡ ଟର୍ବାଇନ୍‌ଗୁଡିକର ଉପଯୋଗ ବଡ଼ ଧରଣର ତଟବର୍ତ୍ତୀ ଓ ଅପତଟୀୟ ଦୁଇଟି ସାରା କ୍ଷେତ୍ରରେ ବିଜୁଳି ଉତ୍ପାଦନ ପାଇଁ କରାଯାଉଛି। ୱିଣ୍ଡ ୟୁରୋପ୍ ବା ଗ୍ଲୋବାଲ୍ ୱିଣ୍ଡ୍ ଏନର୍ଜି କାଉନସିଲ୍ ବିଭିନ୍ନ ଦେଶରେ ଏହି ଦିବସର ଆୟୋଜନ ଓ ପ୍ରଚାରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ବର୍ଷ ବର୍ଷ ହେଲାଣି ଏହି ଦିବସ ପବନ ଉର୍ଜା, ଅପତଟୀୟ ପବନ ଉର୍ଜା, ଜଳବାୟୁ-ଅନୁକୂଳ ବିଜୁଳି ଓ ଜୀବାଶ୍ମ ଇନ୍ଧନ ଦ୍ୱାରା ସ୍ୱଚ୍ଛ ଉର୍ଜା ଆଡ଼କୁ ବଢ଼ିବାର ଆବଶ୍ୟକତା ସମ୍ପର୍କରେ ସଚେତନତା ସୃଷ୍ଟି କରେଇବାର ଏକ ମହତ୍ତ୍ୱପୂର୍ଣ୍ଣ ମଞ୍ଚ ହୋଇଗଲାଣି। କାରଣ ବୈଶ୍ୱିକ ନବୀକରଣୀୟ ଉର୍ଜା, ପରିବର୍ତ୍ତନର ଏକ ପ୍ରମୁଖ ଅଂଶବିଶେଷ ହୋଇ ରହିଛି। ଦେଶ, କାର୍ବନ ଉତ୍ସର୍ଜନକୁ କମ୍ କରାଇବା, ଉର୍ଜା ସୁରକ୍ଷାରେ ସୁଧାର ଆଣିବା ଓ ବିଜୁଳି ମିଶ୍ରଣରେ ନବୀକରଣୀୟ ଉର୍ଜାର ସୋର୍ସର ଭାଗୀଦାର ହେବା ପାଇଁ ପ୍ରୟାସ କରେ। ସ୍ୱଚ୍ଛ ଓ ନବୀକରଣୀୟ ଉର୍ଜା ସମ୍ପର୍କରେ ସଚେତନତା ବୃଦ୍ଧି କରିବା ସହିତ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରତାକୁ କମ୍ କରାଇବାରେ ପବନ ଉର୍ଜା ଉତ୍ପାଦନର ଭୂମିକା ଉପରେ ଆଲୋକପାତ କରେ। ଏହି ଦିବସ ଜଳବାୟୁ ପରିବର୍ତ୍ତନର ସମନ୍ୱରେ ସହାୟକ ହୋଇଥାଏ। ଏହା ଅପତଟୀୟ ପବନ ଉର୍ଜା ଓ ଟର୍ବାଇନ୍ ପ୍ରାଦ୍ୟୋଗିକୀରେ ନବାଚାରକୁ ପ୍ରୋତ୍ସାହିତ କରେ। ନବୀକରଣୀୟ ଉର୍ଜାର ବିକାଶ ପାଇଁ ସରକାରୀ ନୀତିଗୁଡ଼ିକର ମହତ୍ତ୍ୱକୁ ମଧ୍ୟ ଉଜାଗର କରିଥାଏ।

# ଆଳୁ ଖାଇଲେ ଗ୍ୟାସ୍ ହୁଏ କି ?



ଅନେକ ଲୋକ କହନ୍ତି ଯେ ଆଳୁ ଖାଇଲେ ଆମର ପେଟ ଫୁଲିଯାଏ, ଅସ୍ତବ୍ୟସ୍ତ ଲାଗେ ବା ଗ୍ୟାସ୍ ସମସ୍ୟା ଅଧିକ ହୁଏ। ତେବେ ପୂରା ଦୁନିଆର ଲୋକମାନେ ଅଧିକ ଖାଉଥିବା ଖାଦ୍ୟପଦାର୍ଥ ମଧ୍ୟରୁ ଅନ୍ୟତମ ହେଉଛି ଆଳୁ। କିନ୍ତୁ ଅଧିକ ଆଳୁ ଖାଇଲେ ଗ୍ୟାସ୍ ସୃଷ୍ଟି ହୁଏ କି। ଏହା ଉପରେ ବିଶେଷଜ୍ଞମାନେ କହନ୍ତି ଯେ ଏହାର କୌଣସି ନିଶ୍ଚିତ ଉତ୍ତର ନାହିଁ। ଆଳୁ ଖାଇଲେ ବିଶେଷ ଭାବରେ କିଛି ସ୍ଥିତିରେ କିଛି ଲୋକଙ୍କର ପେଟ ଫୁଲେ, ସେମାନେ ଭାରୀପଣ ଅନୁଭବ କରନ୍ତି ଓ ଆନ୍ତଗୁଡ଼ିକରେ ଗ୍ୟାସ୍ ପରି ଅସୁବିଧା ଉତ୍ପନ୍ନ ହୋଇପାରେ। କିନ୍ତୁ ଗ୍ୟାସ୍ ହେବାର ଏକମାତ୍ର କାରଣ ଆଳୁ ନୁହେଁ। ଯେତେବେଳେ ବଡ଼ ଆନ୍ତରେ ଥିବା ବ୍ୟାକ୍ଟେରିଆ ସେହି କାର୍ବୋହାଇଡ୍ରେଟ୍ସର ଫର୍ମେସନ କରନ୍ତି ଯାହାକୁ ଛୋଟ ଆନ୍ତ ଭଲ ଭାବରେ ହଜମ କରିପାରେ ନାହିଁ ତେବେ ଯାଇ ଗ୍ୟାସ୍ ସୃଷ୍ଟି ହୁଏ। ଫର୍ମେଣ୍ଟେସନ୍‌ର ଏହି ପ୍ରକ୍ରିୟା ଦ୍ୱାରା ସ୍ୱାଭାବିକ ଭାବରେ ହାଇଡ୍ରୋଜେନ, ମିଥେନ ଓ କାର୍ବନ ଡାଇଅକ୍ସାଇଡ୍ ପରି ଗ୍ୟାସ୍‌ଗୁଡ଼ିକ ତିଆରି ହୁଅନ୍ତି, ଅତ୍ୟଧିକ ଫର୍ମେଣ୍ଟେସନ୍ ଦ୍ୱାରା ପେଟ ଫୁଲେ, ଅସୁସ୍ଥ ଲାଗେ ଓ ଗ୍ୟାସ୍ ସମସ୍ୟା ଉତ୍ପନ୍ନ ହୋଇପାରେ। ଆଳୁ ମୁଖ୍ୟତଃ ଷ୍ଟାର୍ଚ୍ଚ ଦ୍ୱାରା ତିଆରି ହୋଇଥାଏ। ଏହି ଷ୍ଟାର୍ଚ୍ଚର ଅଧିକାଂଶ ଭାଗ ଛୋଟ ଆନ୍ତରେ ହଜମ ହୋଇ ଅବଶୋଷିତ ହୋଇଯାଏ। ଏହାର କିଛି ଭାଗ ପାଚନ ପ୍ରକ୍ରିୟାରୁ ଯାଇ ବଡ଼ ଆନ୍ତ ପର୍ଯ୍ୟନ୍ତ ପହଞ୍ଚିଯାଏ ଯେଉଁଠାରେ ଆନ୍ତଗୁଡ଼ିକର ଜୀବାଣୁ ଦ୍ୱାରା ଏହାର ଫର୍ମେଣ୍ଟେସନ୍ ହୁଏ। ଏକ ଅଧ୍ୟୟନ ଅନୁସାରେ ପ୍ରତିରୋଧୀ ଷ୍ଟାର୍ଚ୍ଚ ଏକ ପ୍ରିବାୟୋଟିକ୍ ଭାବରେ କାମ କରେ ଯାହା ଆନ୍ତରେ ଥିବା ଲାଭକାରୀ ସୂକ୍ଷ୍ମଜୀବମାନଙ୍କୁ ପୋଷଣ ପ୍ରଦାନ କରିଥାଏ। କିନ୍ତୁ ଏହି ଫର୍ମେଣ୍ଟେସନ୍ ପ୍ରକ୍ରିୟା କିଛି ଲୋକଙ୍କ ମଧ୍ୟରେ ଅସ୍ଥାୟୀ ଭାବରେ ଗ୍ୟାସ୍ ଉତ୍ପନ୍ନ କରାଏ।

**ମହିଳା ଟି-୨୦ ବିଶ୍ୱକପ୍: ଦୀପ୍ତି ଶର୍ମାଙ୍କୁ ୫ ଓ୍ୱିକେଟ୍**

# ବିଜୟରୁ ଭାରତର ଅଭିଯାନ

## ପାକିସ୍ତାନକୁ ୬୪ ରନ୍‌ରେ ହରାଇଲା



**ବର୍ମିଂହାମ୍, ୧୪।୬/ଏଜେନ୍ସି:** ଭାରତ ଆଇସିସି ମହିଳା ବିଶ୍ୱକପ୍ ୨୦୨୬ରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତୀୟ ଟିମ୍ ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୬୪ ରନ୍‌ରେ ଶୋଚନୀୟ ଭାବେ ହରାଇ ଦେଇଛି। ଏଜ୍‌ବାଷ୍ଟନ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ଭାରତ ପ୍ରଥମେ ୬ ଓ୍ୱିକେଟ୍ ହରାଇ ୧୭୦ ରନ୍ କରିଥିଲା। ଜବାବରେ ପାକିସ୍ତାନ ୧୭ ଓଭର୍‌ରେ ମାତ୍ର ୧୦୬ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ଦୀପ୍ତି ଶର୍ମା (୫ ଓ୍ୱିକେଟ୍) ଏବଂ ସ୍ମୃତି ମନ୍ଧାନା (୬୮ ରନ୍) ଭାରତର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ୧୭ ତାରିଖରେ ନେଦରଲାଣ୍ଡସକୁ ଭେଟିବ।

ରନ୍ ଚେଜ୍‌ରେ ପାକିସ୍ତାନ ପକ୍ଷରୁ ଓପ୍ନର୍ ମୁନିବା ଅଲୀ ୩୫ ରନ୍‌ରେ ସର୍ବାଧିକ ୪୧ ରନ୍ କରିଥିଲେ। ଏହା ବ୍ୟତୀତ କେବଳ ଆଲିୟା ରିୟାଜ୍ (୧୮ ରନ୍), ଗୁଲ୍ ଫିରୋଜା (୧୨ ରନ୍) ଏବଂ ଆୟଶା ଜାଫର (୧୨ ରନ୍) ଦୁଇଅଙ୍କ ଛୁଇଁପାରିଥିଲେ। ଦୀପ୍ତି ଶର୍ମା ଘାତକ ବୋଲିଂ କରି ପାକିସ୍ତାନ ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ଶ୍ରୀଚରଣୀ ୩ଟି ଏବଂ ଶେଫାଳୀ ବର୍ମା ଗୋଟିଏ ଓ୍ୱିକେଟ୍ ନେଇଥିଲେ। ପାକିସ୍ତାନକୁ ବିଜୟ ପାଇଁ ଶେଷ ୧୮ ବଲ୍‌ରେ ୬୫ ରନ୍‌ର ଆବଶ୍ୟକତା ଥିବାବେଳେ ଦୀପ୍ତି ୧୭ତମ ଓଭର୍‌ରେ ହିଁ ଖେଳ ସମାପ୍ତ କରିଦେଇଥିଲେ। ସେହି ଓଭର୍‌ରେ ସେ ଆଲିଆ ରିୟାଜ୍ (୧୮), ତସ୍ମିୟା ରୁବାବ୍ (୦) ଏବଂ ନଶରା ସନ୍ଧୁ (୪)ଙ୍କୁ ଆଉଟ୍ କରିଥିଲେ। ସେ ୪ ଓଭର୍‌ରେ ମାତ୍ର ୧୦ ରନ୍ ଦେଇ ୫ଟି ଓ୍ୱିକେଟ୍ ନେଇଥିଲେ।

ଟସ୍ ଜିତି ବ୍ୟାଟିଂ ନେଇଥିବା ଭାରତ ପ୍ରଥମ ଓଭର୍‌ରେ ହିଁ ଶେଫାଳୀ ବର୍ମା (୬ ରନ୍)ଙ୍କୁ ହରାଇଥିଲା। ଏହାପରେ ଜେମିମା ରୋଡ୍ରିଗ୍ସ ମାତ୍ର ୧ ରନ୍ କରି ଫେରିଥିଲେ। ୧୮ ରନ୍‌ରେ ୨ ଓ୍ୱିକେଟ୍‌ର ପତନ ପରେ ସ୍ମୃତି ମନ୍ଧାନାଙ୍କ ସହ କ୍ୟାପ୍‌ଟେନ୍ ହରମନପ୍ରୀତ୍ କୌର ଇନିଂସ୍ ସମ୍ଭାଳି ୯୧ ରନ୍ ପାର୍ଟନରଶିପ୍ କରିଥିଲେ। ମନ୍ଧାନା ୪୪ ବଲ୍‌ରେ ୯ ଚୌକା ଓ ୨ ଛକା ସହାୟତାରେ ସର୍ବାଧିକ ୬୮ ରନ୍ ଏବଂ ହରମନ୍‌ପ୍ରୀତ୍ ୩୫ ବଲ୍‌ରେ ୩୬ ରନ୍ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ରିଚା ଘୋଷ ୧୭ ବଲ୍‌ରେ ୩୪ ରନ୍ ଏବଂ ଦୀପ୍ତି ଶର୍ମା ଅପରାଜିତ ୧୨ ରନ୍ କରି ଟିମ୍‌ର ସ୍କୋର୍ ୧୭୦ ରନ୍‌ରେ ପହଞ୍ଚାଇଥିଲେ।

ଭାରତ ଓ ପାକିସ୍ତାନ ମହିଳା ଟିମ୍ ମଧ୍ୟରେ ବର୍ତ୍ତମାନ ସୁଦ୍ଧା ୧୭ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଇଥିବା ବେଳେ ଭାରତ ୧୪ ମ୍ୟାଚ୍‌ରେ ବିଜୟୀ ହୋଇଛି। ପାକିସ୍ତାନ କେବଳ ୩ଟି ମ୍ୟାଚ୍ ଜିତିପାରିଛି। ସେହିପରି ମହିଳା ଟି-୨୦ ବିଶ୍ୱକପ୍‌ରେ ଦୁଇ ଟିମ୍ ମଧ୍ୟରେ ୯ ମ୍ୟାଚ୍ ଖେଳାଯାଇଥିବା ଭାରତ ୭ ଏବଂ ପାକିସ୍ତାନ ୨ ମ୍ୟାଚ୍ ଜିତିଛନ୍ତି।

**ଫିଫା ବିଶ୍ୱକପ୍ ୨୦୨୬**

# ବ୍ରାଜିଲ୍‌କୁ ଡ୍ର'ରେ ରୋକିଲା ମରକ୍କୋ

**ନୂଆଦିଲ୍ଲୀ, ୧୪।୬/ଏଜେନ୍ସି:** ଫିଫା ବିଶ୍ୱକପ୍ ୨୦୨୬ର ରୋମାଞ୍ଚ ଧୀରେ ଧୀରେ ବଢ଼ିବାରେ ଲାଗିଛି। ତୃତୀୟ ଦିନ ପାଞ୍ଚ ଥରର ଚାମ୍ପିଅନ୍ ବ୍ରାଜିଲ୍‌କୁ ବିଶ୍ୱର ନମ୍ବର-୭ ଟିମ୍ ମରକ୍କୋ ୧-୧ ଡ୍ର'ରେ ରୋକିଥିବା ବେଳେ ସ୍କଟ୍‌ଲାଣ୍ଡ ୧-୦ ଗୋଲ୍‌ରେ ହାଇତିକୁ ହରାଇ ୪୪ ବର୍ଷ ପରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ସେହିପରି ଅନ୍ୟ ଏକ ମ୍ୟାଚ୍ କତାର ଓ ସ୍ୱିଜରଲାଣ୍ଡ ମଧ୍ୟରେ ୧-୧ ଡ୍ର'ରେ ଶେଷ ହୋଇଥିବା ବେଳେ ଅଷ୍ଟ୍ରେଲିଆ ଏକତରଫା ଭାବେ ତୁର୍କୀକୁ ୨-୦ ଗୋଲ୍‌ରେ ହରାଇ ଦେଇଛି।

ଇଷ୍ଟ ରଦରଫୋର୍ଡର ନ୍ୟୁ ଜର୍ସି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ସି' ମ୍ୟାଚ୍‌ରେ ମରକ୍କୋ ଆଟାକିଂ ଆରମ୍ଭ କରି ୨୧ତମ ମିନିଟ୍‌ରେ ପ୍ରାରମ୍ଭିକ ଅଗ୍ରଣୀ ହାସଲ କରିଥିଲା। ଇବ୍ରାହିମ୍ ଡିୟାଜ୍‌ଙ୍କ ଠାରୁ ପାଇଥିବା ପାସ୍‌କୁ ଇସ୍ମାଇଲ୍ ସାଇବାରୀ ବ୍ରାଜିଲ୍ ଗୋଲ୍‌କିପର୍ ଏଲିସନ୍ ବେକର୍‌ଙ୍କ ମୁଣ୍ଡ ଉପରେ ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇ ଦେଇଥିଲେ। ତେବେ ୧୧ ମିନିଟ୍ ପରେ ବ୍ରାଜିଲ୍ ଜବାବ ଦେଇଥିଲା। ୩୨ତମ ମିନିଟ୍‌ରେ ଭିନିସିୟସ୍ ଜୁନିୟର୍ ଏକ ଜୋର୍‌ଦାର ରାଇଟ୍ ଫୁଟ୍ ଶଟ୍ ମାରିଥିଲେ, ଯାହା ମରକ୍କୋ ଗୋଲ୍‌କିପର୍‌ଙ୍କୁ ପ୍ରତିହତ କରି ଗୋଲ୍‌ପୋଷ୍ଟ ମଧ୍ୟକୁ ଚାଲିଯାଇଥିଲା। ଏହା ଭିନିସିୟସ୍‌ଙ୍କ ଅନ୍ତର୍ଜାତୀୟ କ୍ୟାରିୟର୍‌ର ୧୦ମ ଗୋଲ୍ ଥିଲା। ଏହା ସହିତ ବ୍ରାଜିଲ୍ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍‌ରେ ୨୧ ମ୍ୟାଚ୍‌ର ଅପରାଜେୟ କ୍ରମକୁ ବଜାୟ ରଖିଥିଲା। ବ୍ରାଜିଲ୍ ଶେଷଥର ପାଇଁ ୧୯୩୪ରେ ସ୍ପେନ୍ ବିପକ୍ଷରେ ବିଶ୍ୱକପ୍‌ର ପ୍ରଥମ ମ୍ୟାଚ୍ ହାରିଯାଇଥିଲା।



**୪୪ ବର୍ଷ ପରେ ପ୍ରଥମ ମ୍ୟାଚ୍ ଜିତିଲା ସ୍କଟ୍‌ଲାଣ୍ଡ**

**ହାଇତିକୁ ୧-୦ରେ ହରାଇଲା ସ୍ୱିଜରଲାଣ୍ଡ**

ଗ୍ରୁପ୍-ସି'ର ଅନ୍ୟ ଏକ ମ୍ୟାଚ୍‌ରେ ସ୍ୱିଜରଲାଣ୍ଡ ଓ ହାଇତି ପ୍ରଥମରୁ ଆଟାକିଂ ଆରମ୍ଭ କରିଥିଲେ। ୨୯ତମ ମିନିଟ୍‌ରେ ଚେ ଏଡ୍‌ସନ୍‌ଙ୍କ ଏକ ପାସ୍‌କୁ ହାଇତି ଡିଫେଣ୍ଡର୍ ରୋକିଥିଲେ। କିନ୍ତୁ ବଲ୍ ବକ୍ସ ବାହାରେ ଥିବା ଜନ୍ ମାକ୍‌ଗିଗନ୍‌ଙ୍କ ପାଖକୁ ଚାଲିଯାଇଥିଲା ଏବଂ ସେ ଏକ ଜୋର୍‌ଦାର ଶଟ୍ ମାରିଥିଲେ, ଯାହା ଡିଫ୍ଲେକ୍‌ସନ୍ ହୋଇ ଗୋଲ୍ ମଧ୍ୟକୁ ଚାଲିଯାଇଥିଲା। ହାଇତି ଶେଷ ପର୍ଯ୍ୟନ୍ତ ପ୍ରତ୍ୟାବର୍ତ୍ତନ ପାଇଁ ଉଦ୍ୟମ ଚଳାଇଥିଲେ ମଧ୍ୟ ସଫଳ ହୋଇନଥିଲା। ଫଳରେ ଶେଷ ପର୍ଯ୍ୟନ୍ତ ସ୍କଟ୍‌ଲାଣ୍ଡ ୧-୦ର ଅଗ୍ରଣୀକୁ ବଜାୟ ରଖି ବିଜୟ ହାସଲ କରିବା ସହିତ ବିଶ୍ୱକପ୍ ଅଭିଯାନର ସଫଳ ଆରମ୍ଭ କରିଛି। ସ୍କଟ୍‌ଲାଣ୍ଡର ଏହା ୩୬ ବର୍ଷ ପରେ ବିଶ୍ୱକପ୍‌ରେ ପ୍ରଥମ ବିଜୟ ହୋଇଥିବା ବେଳେ ୪୪ ବର୍ଷ ପରେ ଟିମ୍ ପ୍ରଥମ ମ୍ୟାଚ୍ ଜିତିଛି। ସ୍କଟ୍‌ଲାଣ୍ଡ ଶେଷଥର ପାଇଁ ୧୯୯୦ରେ ବିଶ୍ୱକପ୍ ମ୍ୟାଚ୍ ଜିତିଥିଲା ବେଳେ ୧୯୮୨ରେ ପ୍ରଥମ ମ୍ୟାଚ୍ ଜିତିଥିଲା। ଏହି ବିଜୟରୁ ୩ ପଏଣ୍ଟ ହାସଲ କରି ସ୍କଟ୍‌ଲାଣ୍ଡ ଗ୍ରୁପ୍-ସି'ର ଶୀର୍ଷରେ ରହିଛି। ମରକ୍କୋ ଏବଂ ବ୍ରାଜିଲ୍ ୧-୧ ପଏଣ୍ଟ ସହ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ହାଇତି ସର୍ବନିମ୍ନରେ ରହିଛି। ଭାଙ୍କୁଭର୍‌ର ଲେଭି ଷ୍ଟାଡିୟମ୍‌ରେ ପ୍ରାୟ ୬୮ ହଜାର ଦର୍ଶକଙ୍କ ସାମ୍ନାରେ ଖେଳାଯାଇଥିବା ଏକ ଗ୍ରୁପ୍-ବି' ମ୍ୟାଚ୍ ସ୍ୱିଜରଲାଣ୍ଡ ଓ କତାର ମଧ୍ୟ ୧-୧ରେ ଡ୍ର' ହୋଇଛି। ମ୍ୟାଚ୍‌ର ୧୭ତମ ମିନିଟ୍‌ରେ ବ୍ରିଲ୍ ଏମ୍ବୋଲୋ ପେନାଲ୍ଟିକୁ ଗୋଲ୍‌ରେ ପରିବର୍ତ୍ତନ କରି ସ୍ୱିଜରଲାଣ୍ଡକୁ ଆଗୁଆ କରିଥିଲେ। ଦ୍ୱିତୀୟ ହାଫ୍‌ର ଇନ୍‌ଜୁରୀ ଟାଇମ୍‌ର ଚତୁର୍ଥ ମିନିଟ୍‌ରେ ମିରୋ ମୁହେମ୍ ଏକ ହେଡର୍ ଜରିଆରେ ଗୋଲ୍ କରି କତାର୍‌କୁ ପ୍ରଥମ ପଏଣ୍ଟ ଦେଇଥିଲେ।

### ଅଷ୍ଟ୍ରେଲିଆର ଏକତରଫା ବିଜୟ



ରବିବାର ଖେଳାଯାଇଥିବା ଗ୍ରୁପ୍-ଡି'ର ଏକ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଏକତରଫା ଭାବେ ୨-୦ ଗୋଲ୍‌ରେ ତୁର୍କୀକୁ ହରାଇ ଦେଇଛି। ତୁର୍କୀ ଟିମ୍ ପୂରା ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ଚ୍ୟାଲେଞ୍ଜ ଦେବାରେ ବିଫଳ ହୋଇଥିଲା। ପ୍ରଥମ ହାଫ୍‌ରେ ନେସ୍‌ଟ୍ରୋରୀ ଇରାଙ୍କୁଣ୍ଡା ଅଷ୍ଟ୍ରେଲିଆକୁ ଆଗୁଆ କରିଥିଲେ। ପଲ୍ ଓକୋନ ଇଙ୍ଗ୍‌ଷ୍ଟିଟଲର୍‌ଙ୍କ ପାସ୍‌ରେ ଇରାଙ୍କୁଣ୍ଡା ତୁର୍କୀ ଡିଫେନ୍ସକୁ ଭେଦି ବଲ୍ ଗୋଲ୍‌ପୋଷ୍ଟ ପାର୍ କରିଥିଲେ। ପ୍ରଥମ ହାଫ୍ ୧-୦ରେ ଆଗୁଆ ରହିବା ପରେ ଦ୍ୱିତୀୟ ହାଫ୍‌ରେ ଅଷ୍ଟ୍ରେଲିଆ ଏହାକୁ ଦ୍ୱିଗୁଣିତ କରିଥିଲା। କୋନୋର୍ ମ୍ୟାଟ୍‌କେଲ୍ଲେ ୭୫ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ୍‌ଟି ସ୍କୋର୍ କରିଥିଲେ। ଏହା ଶେଷ ପର୍ଯ୍ୟନ୍ତ ବଜାୟ ରହିଥିଲା ଏବଂ ଅଷ୍ଟ୍ରେଲିଆ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ବିଜୟ ହାସଲ କରି ୩ ପଏଣ୍ଟ ସଂଗ୍ରହ କରିଛି।

# ଆର୍ଚେରୀ ବିଶ୍ୱକପ୍ ଷ୍ଟେଜ୍-୩: ଇତିହାସ ରଚିଲେ ଧୀରଜ

**ନୂଆଦିଲ୍ଲୀ, ୧୪।୬/ଏଜେନ୍ସି:** ତୁର୍କୀର ଅନ୍ତାଲ୍ୟାରେ ଚାଲିଥିବା ଆର୍ଚେରୀ ବିଶ୍ୱକପ୍ ଷ୍ଟେଜ୍-୩ରେ ଭାରତୀୟ ରିକର୍ଭ ଆର୍ଚର୍ ଧୀରଜ ବୋମ୍ମାଦେଭରା ଚମତ୍କାର ପ୍ରଦର୍ଶନ ସହ ଗୋଟିଏ ଦିନରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଛନ୍ତି। ଧୀରଜ ପ୍ରଥମେ ୧୭ ବର୍ଷୀୟା ଯୁବ ଆର୍ଚର୍ କୁମ୍‌କୁମ୍ ମୋହେଡ଼ଙ୍କ ସହ ରିକର୍ଭ ମିକ୍ସଡ୍ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବାର କିଛି ଘଣ୍ଟା ପରେ ପୁରୁଷ ବ୍ୟକ୍ତିଗତ ରିକର୍ଭ ବର୍ଗରେ ମଧ୍ୟ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛନ୍ତି। ବିଶ୍ୱ ର୍‍ୟାଙ୍କିଙ୍ଗ୍ ୧୮ତମ ସ୍ଥାନରେ ଥିବା ଭାରତୀୟ ସେନାର ଆର୍ଚର୍ ଧୀରଜ ଫାଇନାଲ୍‌ରେ ଦକ୍ଷିଣ କୋରିଆର ଷ୍ଟାର୍ ଆର୍ଚର୍ ଏବଂ ପ୍ୟାରିସ୍ ଅଲିମ୍ପିକ୍ ବ୍ରୋଞ୍ଜ ପଦକ ବିଜେତା ଲି ବୁ ସିୟୋକ୍‌ଙ୍କୁ ୭-୩ରେ ହରାଇ କ୍ୟାରିୟର୍‌ର ପ୍ରଥମ ବ୍ୟକ୍ତିଗତ ଆର୍ଚରୀ ବିଶ୍ୱକପ୍ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଧୀରଜ ପ୍ରଥମେ ୩୦-୨୯ ଏବଂ ୨୯-୨୮ରେ ଜିତି ୫-୧ର ଅଗ୍ରଣୀ ହାସଲ କରିଥିଲେ। ତୃତୀୟ ସେଟ୍ ୨୭-୨୭ରେ ଶେଷ ହୋଇଥିଲା। ଚତୁର୍ଥ ସେଟ୍‌ରେ ସିୟୋକ୍ ପ୍ରତ୍ୟାବର୍ତ୍ତନ କରି ୨୯-୨୭ରେ ବିଜୟୀ ହୋଇ ସ୍କୋର୍ ୫-୩ କରିଥିଲେ। ମାତ୍ର ଧୀରଜ ନିର୍ଣ୍ଣାୟକ ସେଟ୍‌ରେ ଲଗାତାର ତିନି ପରଫେକ୍ଟ ୧୦ ଲଗାଇ (ଗୋଟିଏ ଏକ୍ସ ସହିତ) ମ୍ୟାଚ୍ ୭-୩ରେ ନିଜ ନାମରେ କରିଥିଲେ। ଏହା ପୂର୍ବରୁ ୩୧ ବର୍ଷୀୟ ଧୀରଜ ଯୁବ କୁମ୍‌କୁମ୍‌ଙ୍କ ସହିତ ମିଶି ଅଲିମ୍ପିକ୍ ଚାମ୍ପିଅନ୍ ଦକ୍ଷିଣ କୋରିଆକୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଫାଇନାଲ୍‌ରେ ଭାରତୀୟ ଟିମ୍ ଜିମ୍ ଜେ-ଡେଓକ୍ ଏବଂ ଓହ ୟେ-ଜିନ୍‌ଙ୍କୁ ୫-୧ (୩୭-୩୬, ୩୭-୩୬, ୩୯-୩୯)ରେ ମାତ୍ ଦେଇଥିଲେ। ଏହା ଉଭୟ ଆର୍ଚର୍‌ଙ୍କ ପ୍ରଥମ ବିଶ୍ୱକପ୍ ମିକ୍ସଡ୍ ଟିମ୍ ସ୍ୱର୍ଣ୍ଣ ପଦକ। ଏହା ପୂର୍ବରୁ ଧୀରଜ ୨୦୨୪ରେ ଅଙ୍କିତା ଭକତ ଏବଂ ୨୦୨୫ରେ ଭଜନ କୌର୍‌ଙ୍କ ସହ ମିକ୍ସଡ୍ ଟିମ୍ ବ୍ରୋଞ୍ଜ ପଦକ ଜିତିଥିଲେ। ଭାରତ ଶେଷଥର ପାଇଁ ୨୦୨୨ରେ ଅନ୍ତାଲ୍ୟାରେ ବିଶ୍ୱକପ୍ ମିକ୍ସଡ୍ ଟିମ୍ ସ୍ୱର୍ଣ୍ଣ ପଦକ ଜିତିଥିଲା। ରିଧି ଫୋର୍ ଏବଂ ତରୁଣଦୀପ୍ ରାୟ ଶୁଟ୍‌ଅଫ୍‌ରେ ବ୍ରିଟେନ୍‌ର ବ୍ରାଓନୀ ପିଟ୍‌ମାନ୍ ଏବଂ ଆଲେକ୍ସ ଓ୍ୱାଇଜ୍‌ଙ୍କୁ ହରାଇ ଏହି ଉପଲବ୍ଧି ହାସଲ କରିଥିଲେ।



**ଗୋଟିଏ ଦିନରେ ଜିତିଲେ ଦୁଇଟି ସ୍ୱର୍ଣ୍ଣ**



**କୁଆପଥର ବର୍ଷାରେ ୩୦% ସେଓ ନଷ୍ଟ**

# ୪୦୦ କୋଟି ହରାଇ ଭୋ-ଭୋ କାନ୍ଦୁଛନ୍ତି କାଶ୍ମିରୀ ଚାଷୀ

**ଶ୍ରୀନଗର, ୧୪।୬/ଏଜେନ୍ସି:** କାଶ୍ମୀରର ବାରାମୁଲା, ସୋପିଆନ୍, ଅନନ୍ତନାଗ, ପୁଲଓ୍ୱାମା ଏବଂ କୁଲଗାମରେ କୁଆପଥର (ବର୍ଷା) ଯୋଗୁଁ ସେଓ ଫସଲ ନଷ୍ଟ ହୋଇଯାଇଛି। ଏହି ସବୁ ଅଞ୍ଚଳକୁ 'ଆପଲ୍ ବାଉଲ୍' (ସେଓର ଗିନା) ବୋଲି କୁହାଯାଏ। ତେବେ ୨୨ ମିନିଟ୍ ଧରି କୁଆପଥର ବର୍ଷା ହେବା ଯୋଗୁ କାଶ୍ମୀରର ପ୍ରାୟ ୩୦% ସେଓ ନଷ୍ଟ ହୋଇଯାଇଛି। ଫଳରେ ସେଓ ଚାଷୀମାନଙ୍କ ପ୍ରାୟ ୪୦୦ କୋଟି ଟଙ୍କା ନଷ୍ଟ ହୋଇଯାଇଛି।

ଜମ୍ମୁ କାଶ୍ମୀର, ଭାରତର ପ୍ରମୁଖ ସେଓ ଉତ୍ପାଦକ ପ୍ରଦେଶ। ଦେଶର ସମୁଦାୟ ସେଓର ୭୦% କେବଳ ଏହି ଠାରୁ ହିଁ ଆସିଥାଏ ବା ଉତ୍ପାଦିତ ହୋଇଥାଏ। ପ୍ରତିବର୍ଷ ଏଥିରୁ ପ୍ରାୟ ୮ରୁ ୧୦ ହଜାର କୋଟି ଟଙ୍କାର ରାଜସ୍ୱ (ରେଭେନ୍ୟୁ) ମିଳିଥାଏ। ତେବେ ବିଗତ ଦୁଇ ମାସ ମଧ୍ୟରେ ପ୍ରବଳ ବର୍ଷା ଏବଂ କୁଆପଥର ମାଡ଼ ଯୋଗୁଁ ବାରାମୁଲା, ସୋପିଆନ୍, ଅନନ୍ତନାଗ ଏବଂ କୁଲଗାମ ସମେତ ଅନେକ ଜିଲ୍ଲାରେ ସେଓର ୮୦-୮୫% (ଅଶୀରୁ ପଞ୍ଚାଅଶୀ ପ୍ରତିଶତ) ଫସଲ ନଷ୍ଟ ହୋଇଯାଇଛି। ପ୍ରକାଶ, ଜୁନ୍ ମାସରେ ହିଁ ସେଓ ଆକାର ନେବା ଆରମ୍ଭ ହୋଇଥାଏ। କିନ୍ତୁ ନିକଟରେ (ଜୁନ୍ ୫ ଏବଂ ୯ ତାରିଖରେ) ହୋଇଥିବା କୁଆପଥର ବର୍ଷା ଯୋଗୁଁ ଏସବୁ ଝଡିପଡ଼ିଛି।

ଅଧିକାଂଶ ପ୍ରାନ୍ତର ସେଓ ଚାଷୀ ତଥା ସେମାନଙ୍କ ପରିବାର ସଦସ୍ୟମାନେ କହିଛନ୍ତି ଯେ, ଏମାନେ 'କିଶାନ କ୍ରେଡିଟ୍ କାର୍ଡ' ମାଧ୍ୟମରେ ବ୍ୟାଙ୍କରୁ ୨/୩ ଲକ୍ଷ ଟଙ୍କାର ଋଣ ନେଇ ସେଓ ଚାଷ କରିଥିଲେ। ଖତ-ସାର ମଧ୍ୟ ବାକିରେ କିଣିଥିଲୁ। କେବଳ ୫୦ ହଜାର ଟଙ୍କାର ବିଦ୍ୟୁତ୍ ବିଲ୍ ବାକି ରହିଛି। ଏବେ ସେଓ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବା ପରେ ଆମେ ସଭିଏଁ ଭାଙ୍ଗି ପଡ଼ିଛୁ। ଜୀବନରେ ପ୍ରଥମ ଥର ପାଇଁ ଆମେ ନିଜକୁ ଏତେ ଅସହାୟ ଅନୁଭବ କରୁଛୁ ଯେ ଆତ୍ମହତ୍ୟା କରିବାର ଚିନ୍ତା ମଧ୍ୟ ମନକୁ ଆସୁଛି।' ଅଧିକାଂଶ ଚାଷୀଙ୍କର ୫୦%ରୁ ଅଧିକ ସେଓ ଚାଷ ନଷ୍ଟ ହୋଇଯାଇଥିବା ବେଳେ ଅନ୍ୟ କେତେକ ୯୦%ରୁ ଅଧିକ ଫସଲ ହରାଇଛନ୍ତି।

ଜମ୍ମୁ କାଶ୍ମୀର ପ୍ରାନ୍ତରେ ସେଓ ଚାଷ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିବା ଚାଷୀଙ୍କ କହିବାନୁସାରେ ଗୋଟିଏ ମାସ ମଧ୍ୟରେ ୭ ଥର କୁଆପଥର ମାଡ଼ ହୋଇଛି, ଯାହାଫଳରେ ସେଓ ବ୍ୟବସାୟ ସହ ଜଡ଼ିତ ପ୍ରାୟ ୧୨ ଲକ୍ଷ ଲୋକଙ୍କ ଜୀବିକା ବିପନ୍ନ ହୋଇପଡ଼ିଛି। ପ୍ରତିବର୍ଷ କାଶ୍ମୀରରୁ ପ୍ରାୟ ୨୦ ଲକ୍ଷ ମେଟ୍ରିକ୍ ଟନ୍ ସେଓ ସାରା ଦେଶକୁ ପଠାଯାଇଥାଏ, କିନ୍ତୁ ଚଳିତ ବର୍ଷ ୭ ଲକ୍ଷ ମେଟ୍ରିକ୍ ଟନ୍ ସେଓ ନଷ୍ଟ ହୋଇଯାଇଛି। ଯାହାଦ୍ୱାରା ସେଓ ଚାଷୀ ଓ ବ୍ୟବସାୟୀମାନେ ପ୍ରାୟ ୪୦୦ କୋଟି ଟଙ୍କାର କ୍ଷତି ସହିଛନ୍ତି। ପ୍ରକାଶ, ଜମ୍ମୁକାଶ୍ମୀରର ମୋଟ୍ ଜିଡିପିର ପ୍ରାୟ ୮-୧୦% ଭାଗିଦାରୀ କେବଳ ଏହି ସେଓ ଚାଷରୁ ଆସିଥାଏ।



**ବିହାର କନ୍‌ଷ୍ଟେବଲ ପରୀକ୍ଷା ସମୟରେ ଅଘଟଣ**

# ପାଟଳିପୁତ୍ର ଷ୍ଟେସନ୍‌ରେ ପଥରମାଡ଼ ଓ ଭଙ୍ଗାରୁଜା

**ପାଟନା, ୧୪।୬/ଏଜେନ୍ସି:** ବିହାରରେ ଆଜି କନଷ୍ଟେବଲ ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ତେବେ ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ପାଟଳିପୁତ୍ର ରେଳଷ୍ଟେସନରେ ଛାତ୍ରମାନେ ପ୍ରବଳ ହଙ୍ଗାମା କରିଛନ୍ତି। ଛାତ୍ରମାନେ ଅବ୍ୟବସ୍ଥାର ଅଭିଯୋଗ ଆଣିଛନ୍ତି। ଏହି ମାମଲାରେ ୬ ଜଣଙ୍କୁ ଗିରଫ କରାଯାଇଛି। ରିପୋର୍ଟ ଅନୁସାରେ ଛାତ୍ରମାନେ ଅନେକ ଟ୍ରେନକୁ ଅଟକାଇ ଦେଇଥିଲେ। ଷ୍ଟେସନ୍‌ରେ ଥିବା ଦୋକାନ ବଜାର ଏବଂ ପରୀକ୍ଷା ସ୍ପେଶାଲ୍ ଟ୍ରେନ୍ (ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଟ୍ରେନ୍) ମଧ୍ୟରେ ଭଙ୍ଗାରୁଜା କରିଥିଲେ। ସ୍ଥିତି ଏପରି ଅଣାୟତ୍ତ ହୋଇପଡିଥିଲା ଯେ, ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଆଇଜି ଜିତେନ୍ଦ୍ର ରାଣାଙ୍କୁ ଆକାଶକୁ ଗୁଳିଚାଳନା (ଫାୟାରିଂ) କରିବାକୁ ପଡ଼ିଥିଲା। ଘଟଣାସ୍ଥଳରେ ପହଞ୍ଚିଥିବା ପାଟନାର ଡିଏମ୍ ଡା. ତ୍ୟାଗ୍‌ରାଜନ ଜଣାଇଛନ୍ତି ଯେ ମଧ୍ୟରାତ୍ରି ସମୟରେ କିଛି ଲୋକ ହଙ୍ଗାମା କରୁଥିବା ନେଇ ଆମକୁ ସୂଚନା ମିଳିଥିଲା। ଆମେ ସେମାନଙ୍କୁ ହଙ୍ଗାମା ନକରିବାକୁ ଏବଂ ପରୀକ୍ଷାର୍ଥୀମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲୁ। କିଛି ଅସାମାଜିକ ତତ୍ତ୍ୱ ବାରମ୍ବାର ଜରୁରୀକାଳୀନ ଚେନ ଟାଣିଥିଲେ ଏବଂ ସ୍ପେଶାଲ୍ ଟ୍ରେନ୍ ଭଳି ବିଭିନ୍ନ ଦାବି ରଖିଥିଲେ, ଯଦିଓ ପୂର୍ବରୁ ହିଁ ଦୁଇଟି ସ୍ପେଶାଲ୍ ଟ୍ରେନ୍ ଚଳାଯାଉଥିଲା। ତ୍ୟାଗରାଜନ କହିଛନ୍ତି ଯେ ପ୍ରଦର୍ଶନକାରୀମାନେ ସେହି ଛାତ୍ରମାନଙ୍କୁ ମଧ୍ୟ ଅଟକାଇଥିଲେ, ଯେଉଁମାନେ ପରୀକ୍ଷା ଦେବାକୁ ଯିବାକୁ ଚାହୁଁଥିଲେ। ଏହି କାରଣରୁ ଆମକୁ ସାମାନ୍ୟ ବଳ ପ୍ରୟୋଗ କରିବାକୁ ପଡ଼ିଥିଲା। ବର୍ତ୍ତମାନ ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ଅଛି ଏବଂ ଟ୍ରେନ୍ ଗୁଡ଼ିକ ଯାତ୍ରା ଆରମ୍ଭ କରିସାରିଛନ୍ତି। ପରୀକ୍ଷା ଦେବାକୁ ଥିବା ପରୀକ୍ଷାର୍ଥୀଙ୍କ ପାଇଁ ନିର୍ଦ୍ଧାରିତ ଟ୍ରେନ୍ ପୂର୍ବରୁ ହିଁ ଛାଡ଼ି ସାରିଛି।



# 'ଧରତୀ କା ଡାକ୍ତର' ମୃତ୍ତିକା ପରୀକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ

**ହରିଦ୍ୱାର, ୧୪।୬/ଏଜେନ୍ସି:** ହରିଦ୍ୱାର ସ୍ଥିତ ପତଞ୍ଜଳି ପରିସରରେ ଜୁନ୍ ୧୧ରୁ ୧୩, ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ତିନି ଦିନିଆ 'ଧରତୀ କା ଡାକ୍ତର (ଡିକେଡି) ମୃତ୍ତିକା ପରୀକ୍ଷା କୌଶଳ' ପ୍ରଶିକ୍ଷଣ ଶିବିର ସଫଳତାର ସହ ଶେଷ ହୋଇଛି। ପତଞ୍ଜଳି ରିସର୍ଚ୍ଚ ଫାଉଣ୍ଡେସନ (ପିଆର୍‌ଏଫ୍), ସମୃଦ୍ଧ ଗ୍ରାମ ଏବଂ ଉତ୍ତରାଖଣ୍ଡ ଷ୍ଟେଟ୍ ରୁରାଲ୍ ଲାଇଭ୍‌ଲିହୁଡ୍ ମିଶନ (ୟୁଏସ୍‌ଆର୍‌ଏଲ୍‌ଏମ୍)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହରିଦ୍ୱାର ଜିଲ୍ଲାର 'କୃଷି ସଖୀ' (ମହିଳା କୃଷକ)ମାନେ ଅଂଶଗ୍ରହଣ କରିଥିଲେ।

ଆଚାର୍ଯ୍ୟ ବାଲକୃଷ୍ଣଙ୍କ ଅନୁଯାୟୀ, ରସାୟନିକ ମୁକ୍ତ ଚାଷ ଏବଂ ପ୍ରାକୃତିକ ସମୃଦ୍ଧି ଆଣିବା ପତଞ୍ଜଳିର ମୂଳ ଲକ୍ଷ୍ୟ। ମାଟି ସୁସ୍ଥ ରହିଲେ ହିଁ ଦେଶ ନିରୋଗ ଓ ଆତ୍ମନିର୍ଭରଶୀଳ ହେବ। ଡା. ଯଶପାଲ ସିଂହ କହିଛନ୍ତି ଯେ ମୃତ୍ତିକା ପରୀକ୍ଷା ଦ୍ୱାରା ହିଁ ଚାଷୀଙ୍କ ଆୟ ବୃଦ୍ଧି ହୋଇପାରିବ। ବିଜ୍ଞାନ ସମ୍ମତ ଚାଷ ପାଇଁ ମାଟିରେ ଥିବା ପୋଷକ ତତ୍ତ୍ୱର (ଏନ୍, ପି, କେ) ସୂଚନା ରହିବା ଜରୁରୀ। ଏହି ଅବସରରେ କୃଷି ବିଶେଷଜ୍ଞମାନେ (ଡା. ବେଦପ୍ରିୟା ଆର୍ଯ୍ୟା, ଡା. କେ.ଏନ. ଶର୍ମା ଏବଂ କୃଷି ଅନୁସନ୍ଧାନ କେନ୍ଦ୍ର (ଏଆର୍‌ସି) ଟିମ୍) ପ୍ରତିଭାଗୀମାନଙ୍କୁ ଡିକେଡି କିଟ୍ ମାଧ୍ୟମରେ ମାଟି ନମୁନା ସଂଗ୍ରହ କରିବା ଠାରୁ ଆରମ୍ଭ କରି ରିପୋର୍ଟ ପ୍ରସ୍ତୁତ କରିବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟର ପ୍ରାକ୍ଟିକାଲ୍ ପ୍ରଶିକ୍ଷଣ ଦେଇଥିଲେ। ସୁଶୀଲ କୁମାର ଅଗ୍ରୱାଲ ଗ୍ରାମୀଣ ମହିଳା ଓ ଯୁବକମାନଙ୍କୁ ଏହି କୌଶଳ ମାଧ୍ୟମରେ ସ୍ୱରୋଜଗାର କରିବା ପାଇଁ ମାର୍ଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ସମସ୍ତ ସଫଳ ପ୍ରତିଭାଗୀମାନଙ୍କର ମୂଲ୍ୟାଙ୍କନ କରାଯାଇ ସେମାନଙ୍କୁ ପ୍ରମାଣପତ୍ର ଏବଂ ଡିକେଡି କିଟ୍ ପ୍ରଦାନ କରାଯାଇଥିଲା, ଯାହାଦ୍ୱାରା ସେମାନେ ନିଜ ଅଞ୍ଚଳରେ କାମ ଆରମ୍ଭ କରିପାରିବେ।




**ଲୋକସଭା ବାଚସ୍ପତିଙ୍କୁ ଭେଟିଲେ ଟିଏମ୍‌ସି ସାଂସଦଙ୍କ ଉଭୟ ଗୋଷ୍ଠୀ**

# ବିଜେପି ବେଙ୍ଗଲ ପ୍ରଭାରୀଙ୍କ ଘରେ ବିଦ୍ରୋହୀଙ୍କ ବୈଠକ

**କୋଲକାତା, ୧୪।୬/ଏଜେନ୍ସି:** ଟିଏମ୍‌ସିରେ ବିଦ୍ରୋହର ବହ୍ନି ବଢ଼ିବାରେ ଲାଗିଛି। ରିପୋର୍ଟ ଅନୁସାରେ ଟିଏମ୍‌ସିର ବିଦ୍ରୋହୀ ଗୋଷ୍ଠୀର ୧୭ ଜଣ ସାଂସଦ ରବିବାର ପ୍ରଥମେ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ବାସଭବନରେ ପହଞ୍ଚିଥିଲେ। ଏହାପରେ ସେମାନେ ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟିଛନ୍ତି। ମୁଖ୍ୟତଃ ଟିଏମ୍‌ସିର କାକୋଲି ଘୋଷ ଦସ୍ତିଦାର, ଶତାବ୍ଦୀ ରାୟ ଏବଂ ସେମାନଙ୍କ ସହ ଅନ୍ୟ ନେତାମାନେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବାସଭବନରେ ପହଞ୍ଚିଛନ୍ତି। ଏହାପୂର୍ବରୁ ବିଦ୍ରୋହୀ ଗୋଷ୍ଠୀର କେନ୍ଦ୍ର ମନ୍ତ୍ରୀ ତଥା ବେଙ୍ଗଲରେ ବିଜେପି ପ୍ରଭାରୀ ଭୂପେନ୍ଦ୍ର ଯାଦବଙ୍କ ବାସଭବନରେ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା।

ଅନ୍ୟପଟେ, ଟିଏମ୍‌ସି ସାଂସଦ କୀର୍ତ୍ତି ଆଜାଦ୍ ଏବଂ ସାଗରିକା ଘୋଷ ମଧ୍ୟ ବିର୍ଲାଙ୍କ ବାସଭବନରେ ପହଞ୍ଚିଥିଲେ। ବୈଠକ ପରେ ସେମାନେ କହିଛନ୍ତି ଯେ ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ପୀଠ ଏବଂ ୧୦ମ ଅନୁସୂଚୀର ଅନୁଚ୍ଛେଦ ୪ ଅନୁଯାୟୀ, ଦଳରେ ଅଲଗା ଗୋଷ୍ଠୀ କିମ୍ବା ବିଭାଜନର କୌଣସି ପ୍ରାବଧାନ ନାହିଁ। ସେମାନଙ୍କ କହିବାନୁସାରେ ଦଳ କେବଳ ୨୦ ଜଣ ସାଂସଦ କିମ୍ବା ୬୦ ଜଣ ବିଧାୟକଙ୍କୁ ନେଇ ଗଠିତ ହୋଇନାହିଁ। ମମତା ବାନାର୍ଜୀ ହିଁ ଏହି ଦଳକୁ ଗଢ଼ିଛନ୍ତି, ତେଣୁ ସିଏ ହିଁ ପ୍ରକୃତ ଦଳ। ଅନ୍ୟପକ୍ଷେ ଟିଏମ୍‌ସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପତ୍ର ଲେଖି କହିଛନ୍ତି ଯେ ଗୃହରେ ଟିଏମସିକୁ କେବଳ ଗୋଟିଏ ଦଳ ଭାବରେ ଦେଖାଯାଉ। ଅନ୍ୟ କୌଣସି ଗୋଷ୍ଠୀକୁ ମାନ୍ୟତା ଦିଆନଯାଉ। ସୂଚନାଯୋଗ୍ୟ, ଟିଏମସିର ସମୁଦାୟ ୨୮ ଜଣ ଲୋକସଭା ସାଂସଦ ଅଛନ୍ତି। ଏହାବ୍ୟତୀତ ୧୩ ଜଣ ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ୪ ଜଣ ଇସ୍ତଫା ଦେବା ସହ ଦଳ ମଧ୍ୟ ଛାଡ଼ିଛନ୍ତି। ଅନ୍ୟପକ୍ଷେ ସାୟୋନୀ ଘୋଷ ଏବଂ ମାଲା ରାୟ ରବିବାର ଦିନ କୋଲକାତାରୁ ଦିଲ୍ଲୀରେ ପହଞ୍ଚିଛନ୍ତି। ପ୍ରକାଶ, ମମତା, ସାୟୋନୀ ଏବଂ ମାଲାଙ୍କୁ ଦଳୀୟ ପଦବୀରୁ ହଟାଇ ଦେଇଛନ୍ତି। ସାୟୋନୀ ଦଳର ଯୁବ ମର୍ଚ୍ଚା (ୟୁଥ୍ ଓ୍ୱିଙ୍ଗ) ସଭାପତି ଥିଲେ। ଅନ୍ୟପକ୍ଷେ ବିଦ୍ରୋହୀ ସାଂସଦ ଜଗଦୀଶ ବସୁନିଆ ସୂଚନା ଦେଇଛନ୍ତି ଯେ ଆମ ଗୋଷ୍ଠୀ ସୋମବାର ଦିନ ଲୋକସଭା ବାଚସ୍ପତିଙ୍କୁ ଭେଟିବ। ତେବେ ଟିଏମ୍‌ସିର ଏହି ବିଦ୍ରୋହୀ ସାଂସଦ ତ୍ରିପୁରାର ବଙ୍ଗଭାଷୀଙ୍କ ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି (ଏନ୍‌ସିପି)ରେ ସାମିଲ ହେବେ ବୋଲି ସୂଚନା ମିଳିଛି। ଏମାନେ ସମସ୍ତେ ଏନ୍‌ଡିଏ ସରକାରଙ୍କୁ ସମର୍ଥନ ଦେବେ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ବିକାଶନ୍ମୋମୁଖୀ ଅଭିଯାନରେ ଭାଗିଦାରୀ ହେବେ।



**ଅଲଗା ଗୋଷ୍ଠୀକୁ ମାନ୍ୟତା ନଦେବାକୁ ଅଭିଷେକଙ୍କ ଦାବି**

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra